READ & SHARE
www.ekamaatra.com
ekamaatra@gmail.com
tarakmohanty1970@gmail.com
ekamaatraodia
ekamaatranews

EKAMAATRA

# ଏକମାତ୍ର

ଅନୁସନ୍ଧାନ ପରେ ଖବର

RNI Regd. No. ODIODI/2017/71524




ବର୍ଷ-୪ | ସଂଖ୍ୟା-୦୬ | ୧୭ - ୨୩ ଫେବୃଆରୀ, ୨୦୨୦ | ଭୁବନେଶ୍ୱର | Monday Weekly | VOL-4 | ISSUE-06 | 17th - 23rd FEBRUARY, 2020 | BHUBANESWAR | ₹ 5/- (8 Pages)

### ବିଧାନସଭାରେ ରାଜ୍ୟପାଳଙ୍କ ଅଭିଭାଷଣ

## ‘ମୋ ସରକାର’ ଓ ୫-ଟି’କୁ ପ୍ରଶଂସା



**ଭୁବନେଶ୍ୱର :** ରାଜ୍ୟ ସରକାର ରାଜ୍ୟର ପ୍ରତ୍ୟେକ ଅଂଚଳର ବିକାଶ ଏବଂ ପ୍ରତ୍ୟେକ ଅଞ୍ଚଳର ବିକାଶ ଏବଂ ପ୍ରତ୍ୟେକ ବର୍ଗର ଜନସାଧାରଣଙ୍କୁ ସଶକ୍ତ କରିବା ନିମନ୍ତେ ଦୃଢ ପ୍ରତିଶ୍ରୁତିବଦ୍ଧ। ବଜେଟ ଅଧିବେଶନର ଆରମ୍ଭରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ତାଙ୍କର ଅଭିଭାଷଣରେ ଏହା କହିଛନ୍ତି । ସେ କହିଛନ୍ତି ଯେ ରାଜ୍ୟ ସରକାର ପ୍ରାଥମିକ ଓ ମୌଳିକ ଭିତିଭୂମି ଗୁଡିକର ସୃଷ୍ଟି ଓ ବିକାଶକୁ ସର୍ବାଧିକ ଗୁରୁତ୍ୱ ଆରୋପ କରିବା ସହ ଯୋଗାଯୋଗ, ବିଶୁଦ୍ଧ ପାନୀୟ ଜଳ ଯୋଗାଣ, ବିଦ୍ୟୁତ ଯୋଗାଣ, ଜଳ ସେଚନ ତଥା ଅନ୍ୟାନ୍ୟ ସୁବିଧା ସହ କୃଷି ସହାୟତା ଏବଂ ସ୍ୱାସ୍ଥ୍ୟସେବା ପ୍ରଦାନ ଓ ଶିକ୍ଷା ଭିତିଭୂମିକୁ ପରବର୍ତୀ ପର୍ଯ୍ୟାୟକୁ ନେବାକୁ ଦିଗରେ କାର୍ଯ୍ୟ କରିବେ। ସେ କହିଛନ୍ତି ଯେ, ୨୦୧୯-୨୦ ଆର୍ଥିକ ବର୍ଷରେ ବିଭିନ୍ନ ଯୋଜନାରେ ୯୨୩୦ କିମି ଗ୍ରାମ୍ୟ ସଡକ ଓ ୨୭୫ ସେତୁ କାମ ସମ୍ପାଦନ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି । ଆସନ୍ତା ବର୍ଷ ସୁଦ୍ଧା ବିଭିନ୍ନ ଯୋଜନାରେ ଅଧିକ ୨୫୦ ସେତୁ ଓ ୨୫୪୨ କିମି ବିଶିଷ୍ଟ ଗ୍ରାମ ସଡକ ନିର୍ମାଣ କାମ କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି। ଆସନ୍ତା ବର୍ଷ ମଧ୍ୟରେ ୨୬୮ ସଂଖ୍ୟକ ବିଭିନ୍ନ କୋଠାବାଡି ନିର୍ମାଣ କାମ ସମ୍ପାଦନ ନିମନ୍ତେ ଯୋଜନା ପ୍ରସ୍ତୁତ କରା ଯାଇଛି। ସେ କହିଛନ୍ତି ଯେ ରାଜ୍ୟ ସରକାର ୨୦୧୮-୧୯ରେ ଆରମ୍ଭ କରିଥିବା କାଳିଆ ଯୋଜନା ଆଗାମୀ ବର୍ଷରେ ୫୦ ଲକ୍ଷ କ୍ଷୁଦ୍ର ଓ ନାମ ମାତ୍ର ଚାଷୀ ପରିବାର ସହ ୨୫ ଲକ୍ଷ ଭୂମିହୀନ କୃଷକ ପରିବାରକୁ କାଳିଆ ଯୋଜନାରେ ସହାୟତା ଯୋଗାଇ ଦିଆ ଯିବାକୁ ଲକ୍ଷ୍ୟ ଧାର୍ଯ୍ୟ କରା ଯାଇଛି । ସେ କହିଛନ୍ତି ଯେ ରାଜ୍ୟ ସରକାର ୧୧ଟି ଜିଲ୍ଲାରେ ➤ ପୃ-୬

### ଅଘଟଣ ପରେ ଚେଇଁ ଉଠନ୍ତି ସରକାର

## ଅନ୍ୟ ବେଳେ ନିର୍ବିକାର

**ଭୁବନେଶ୍ୱର,(ତାରକ ମହାନ୍ତି) :** ଅନେକ ସମୟରେ ଦେଖାଯାଉଛି ଅଘଟଣ ଘଟିବା ପରେ ପ୍ରଶାସନ ଯେଉଁଳି ତତ୍ପରତା ଦେଖାଉଛି ପୂର୍ବରୁ ସେଥିପାଇଁ କାହାର ଗୁରୁତ୍ୱ ଥିଲା ଭଳି ମନେ ହୁଏନାହିଁ। ଆରମ୍ଭରୁ ତତ୍ପରତା ପ୍ରକାଶ ପାଉଥିଲେ ହୁଏତ ଏଭଳି ଘଟଣାମାନ ଘଟନ୍ତା ନାହିଁ। ବ୍ରହ୍ମପୁରର ଗୋଳନ୍ଥରାରେ ବିଦ୍ୟୁତ୍ ତାର ଲାଗି ୧୦ ବସ୍ ଯାତ୍ରୀଙ୍କ ମୃତ୍ୟୁ ଘଟଣା ହେଉ ଅବା ରାଜଧାନୀରେ ଭିଡ ପାଇଁ ୫ ବର୍ଷ ଶିଶୁର ଆମ୍ବୁଲାନ୍ସରେ ମୃତ୍ୟୁ ଘଟଣାରେ ପ୍ରଶାସନିକ ଉଦାସିନତା ଓ କଠୋର କାର୍ଯ୍ୟାନୁଷ୍ଠାନ ନହେବାରୁ ଏଭଳି ଘଟଣାମାନ ଘଟୁଛି ବୋଲି ଅଭିଯୋଗ ହେଉଛି। ବିଦ୍ୟୁତ୍ ଆଘାତରେ ମୃତ୍ୟୁ ଘଟଣା ପରେ ବିଭାଗୀୟ ପଦାଧିକାରୀମାନେ ଯେଭଳି ଘଟଣା ସ୍ଥଳକୁ ଘନଘନ ଗସ୍ତ କଲେ ଓ ଶକ୍ତି ବିଭାଗ ଏହା ଉପରେ ତଦନ୍ତ କରିବାକୁ ଆଗଭର ହୋଇଉଠିଲେ ତାହା ଆଶ୍ଚର୍ଯ୍ୟଜନକ। କାରଣ ଯେଉଁ ସମୟରେ ଯେଉଁ କାର୍ଯ୍ୟ ସଠିକ୍ ଢଙ୍ଗରେ ହେବା କଥା ତାହା ହୋଇନଥିବାରୁ ଏଭଳି ଅଭାବନୀୟ ଘଟଣା ଘଟିଲା ବୋଲି ସ୍ପଷ୍ଟ ଜଣାଇଥିଲେ ମଧ୍ୟ ସାଉଥ୍‌କୋର ଅବହେଳା ଏଥିପାଇଁ ଦାୟୀ ଏହା ନିଶ୍ଚୟ ସ୍ୱୀକାର କରିବାକୁ ପଡିବ। କାରଣ ଯେଉଁ ଉଚ୍ଚତାରେ ୧୧କେଭି ବିଦ୍ୟୁତ୍ ତାର ରହିବା କଥା ତାହା ନଥିବାରୁ ଏଭଳି ଦୁର୍ଘଟଣା




ଘଟିଥିଲା। ତେବେ ପ୍ରଶ୍ନ ଉଠୁଛି ସାଉଥ୍‌କୋ କମ୍ପାନୀ ଉପଭୋକ୍ତାଙ୍କ ଠାରୁ ନିୟମିତ ବିଜୁଳି ବିଲ୍ ଆଦାୟ କରୁଥିଲା ବେଳେ ଲୋକଙ୍କ ସୁରକ୍ଷା ପାଇଁ ସୁବନ୍ଦୋବସ୍ତ କରିନଥିଲା କାହିଁକି। ଏଥିପାଇଁ କେବଳ ସାଉଥ୍‌କୋର କର୍ମକର୍ତ୍ତା ଦାୟୀ ନା ଶକ୍ତି ବିଭାଗର ଅପାରଗ ପଣିଆ ଦାୟୀ ତାହା ମଧ୍ୟ ସନ୍ଦେହ ଘେରରେ। ପ୍ରଶ୍ନ ଉଠୁଛି ଯେ, ଯେଉଁ ଅଞ୍ଚଳରେ ଏହି ଘଟଣା ଘଟିଲା ସେ ଅଞ୍ଚଳରେ ଥିବା ସାଉଥ୍‌କୋର କ୍ଷେତ୍ର କର୍ମଚାରୀ ଓ ଯନ୍ତ୍ରୀମାନେ କରୁଥିଲେ କ’ଣ ? ଯଦି ଏହା ତାଙ୍କ ଗୋଚରରେ ନଥିଲା ତେବେ ସେମାନେ କର୍ତ୍ତବ୍ୟରେ ଅବହେଳା କରୁଛନ୍ତି ବୋଲି ଧରାଯିବ। ନଚେତ୍ ଯଦି ତାହା ତାଙ୍କ ଗୋଚରରେ ଥାଇ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନଥିଲା ତାହା ମଧ୍ୟ ଆହୁରି ମାରାତ୍ମକ। ଏଥିରୁ ବୁଝିବାକୁ ପଡିବ ଯେ, ଲୋକଙ୍କ ଜୀବନ ସହ ସାଉଥ୍‌କୋ କମ୍ପାନୀ ଖେଳ ଖେଳିଛି। ରାଜ୍ୟରେ ଏହା କେବଳ ଗୋଟିଏ ଘଟଣା ନୁହେଁ। ବିଭିନ୍ନ ସ୍ଥାନରେ ଏଭଳି ଘଟଣାମାନେ ଘଟିଚାଲିଥିଲେ ବି ଏହାର ନିରାକରଣ ଦିଗରେ ଶକ୍ତି ବିଭାଗ ଯେଭଳି କଠୋର କାର୍ଯ୍ୟାନୁଷ୍ଠାନ ନେବା କଥା ତାହା ନେଉନାହିଁ। ଯେଉଁଥିପାଇଁ ଏଭଳି ଘଟଣା ଘଟିଚାଲିଛି। ବିଦ୍ୟୁତ୍ ତାର ଲାଗି କେବଳ ଯେ ମଣିଷଙ୍କ ଜୀବନ ଯାଉଛି ତାହା ମଧ୍ୟ ନୁହେଁ। ଅନେକ ସମୟରେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ହାତୀଙ୍କର ମୃତ୍ୟୁ ଘଟୁଥିବା ବେଳେ ଅନେକ ପଶୁଜନ୍ତୁ ମଧ୍ୟ ମୃତ୍ୟୁମୁଖରେ ପଡୁଛନ୍ତି। ତେବେ ସମ୍ପ୍ରତି ଭୁବନେଶ୍ୱରରେ ଟ୍ରାଫିକ୍ ଜାମ କାରଣରୁ ଆମ୍ବୁଲାନ୍ସ ଭିତରେ ଶିଶୁ ନୀଳନିତେଶ ନାୟକ (୫ବର୍ଷ)ଙ୍କ ମୃତ୍ୟୁ ଘଟଣାକୁ ମହିଳା ଓ ଶିଶୁ ଆୟୋଗ ଯେଭଳି କଠୋର ଭାବେ ନେଇଛି ତାହା ଉଲ୍ଲେଖଯୋଗ୍ୟ। ଏହି ଆୟୋଗ ଏନେଇ ଟ୍ରାଫିକ୍ ଡିସିପିଙ୍କୁ ରିପୋର୍ଟ ମଧ୍ୟ ତଲବ କରିଛନ୍ତି। କେଉଁ ପରିସ୍ଥିତିରେ ନୀଳନିତେଶଙ୍କ ମୃତ୍ୟୁ ଘଟିଲା, ➤ ପୃ-୬

## ଲୁଚିଲାନି ପାପ, ଜେଲ୍ ଗଲେ ଅନୁପ


**ଭୁବନେଶ୍ୱର :** ଜେଲ୍ ଗଲେ ପୂର୍ବତନ ବିଧାୟକ ଅନୁପ ସାଏ। ଡବଲ ମର୍ଡର ମାମଲାରେ ଗିରଫ ହୋଇଥିବା ଅନୁପଙ୍କର ଛତିଶଗଡ଼ର ରାୟଗଡ଼ସ୍ଥିତ ଜେଏମ୍‌ଏଫସି କୋର୍ଟରେ ଜାମିନ ନାମଞ୍ଜୁର ହେବା ପରେ ତାଙ୍କୁ ଜେଲ ପଠାଇ ଦିଆଯାଇଛି। କୋର୍ଟ ମାମଲାର ପରବର୍ତୀ ଶୁଣାଣି ପାଇଁ ୨୮ ତାରିଖକୁ ଦିନ ଧାର୍ଯ୍ୟ କରିଛନ୍ତଶ। ରାୟଗଡ଼ ଏସପି ସନ୍ତୋଷ ସିଂହଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ରାୟଗଡ଼ କାର୍ଯ୍ୟନିର୍ବାହୀ ଏଏସପି ଅଭିଷେକ ବର୍ମା,


ମା-ଝିଅଙ୍କ ହତ୍ୟା ରହସ୍ୟ ଖୋଲିଲେ ରାୟଗଡ଼ ଏସ୍‌ପି

ସିଏସପି ଅବିନାଶ ସିଂ ଠାକୁରଙ୍କ ଦିଗଦର୍ଶନରେ ଇନ୍ସପେକ୍ଟର ବିବେକ ପଟେଲ, ଏସ ସିଂ, ରୂପକ ଶର୍ମା, ଗୌରୀଶଙ୍କର ଦୁବେ, ସଉଣୀ ଶସିଦେ ଭୋଇ, ଡିପି ଭରଦ୍ୱାଜ, ସାଇବର ସେଲ ମୁଖ୍ୟ ରାଜେଶ ପଟେଲ, ଆର ଶ୍ୟାମଲାଲ, ଚକ୍ରଧରନଗର ଥାନା ଅଧିକାରୀ ଜଗମୋହନ ଓଗରେ, ରିତେଶ ଦିୱାନ, ଦିନେଶ ଗୌଣ୍ଡ, ଅଖିଲେଶ କୁଶବାହ, ଭବାନୀ ଶଙ୍କର, ମହେଶ ପଣ୍ଡା, ସୁରେନ୍ଦ୍ର ପୋର୍ତି, ବୃଜଲାଲ ଗୁଜର, ମହିଳା ଇନ୍ସପେକ୍ଟର ରୀନା ବୁଲବୁଲ ତଦନ୍ତ ପରିଚାଳନା କରୁଥିଲେ। ଅନୁପଙ୍କୁ ମାରାଥନ ଜେରା କରିବା ପରେ ଶୁକ୍ରବାର ➤ ପୃ-୬

## ବିଜେପି ଲୋକପ୍ରିୟତା କମୁଛି !

**ଭୁବନେଶ୍ୱର :** ଦିଲ୍ଲୀରେ ବିଜେପିର ବିଫଳତା ପରେ ମୁହଁ ଖୋଲିଛନ୍ତି ଦଳର କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହା। ସେ କହିଛନ୍ତି ଯେ, ବିଜେପି ନେତାଙ୍କ ବିବାଦୀୟ ବୟାନ ହେଉଛି ଦିଲ୍ଲୀ ପରାଜୟର କାରଣ। ବିଜେପି ନେତାମାନେ ‘ଗୋଲି ମାରୋ’ ଓ ‘ଭାରତ-ପାକିସ୍ତାନ ମ୍ୟାଚ୍’ ଭଳି ବିବାଦୀୟ ଟିପ୍ପଣୀ ଦେବା ଆଦୌ ଉଚିତ୍ ନଥିଲା। ତେବେ ଏହା ବିଜେପିର ମନ୍ତବ୍ୟ ନୁହେଁ



ବୋଲି କହିବା ସହ କହିଛନ୍ତି ଏଭଳି ବିବାଦୀୟ ବୟାନରୁ ବିଜେପି ସର୍ବଦା ନିଜକୁ ଦୂରେଇ ରଖିଛି। କିନ୍ତୁ ବିବାଦୀୟ ବୟାନ ପାଇଁ ଦିଲ୍ଲୀରେ ବିଜେପି କ୍ଷତିଗ୍ରସ୍ତ ହୋଇଛି। ଦିଲ୍ଲୀ ପରାଜୟ ପାଇଁ ଏହି କାରଣ ସତ ହୋଇପାରେ। ମାତ୍ର ୨୦୧୯ ନିର୍ବାଚନ ପରବର୍ତ୍ତୀ କିଛି ରାଜ୍ୟର ବିଧାନସଭା ନିର୍ବାଚନରେ ବି ବିଜେପିର ରଣନୀତି ଫେଲ୍ ମାରିଛି। ଯେଉଁଥିପାଇଁ ଦଳ ଆଶାନୁରୂପ ଫଳ ପ୍ରଦର୍ଶନ କରିପାରୁନାହିଁ। ଝାଡଖଣ୍ଡ ପରେ ଦିଲ୍ଲୀରେ ବିଜେପିର ଶୋଚନୀୟ ପରାଜୟ ପ୍ରଧାନମନ୍ତ୍ରୀ ➤ ପୃ-୬

### ବକ୍ରବାଣୀ



ହେଲ୍ମେଟ୍ ଚେକିଙ୍ଗ୍ କରୁଚି ବାଇ
ବାକି କୁଆଡିକି ନଜର ନାହିଁ
ରୋଗୀ ମରୁଥା’ନ୍ତୁ ରାଜ ରାସ୍ତାରେ
ପୁଲିସ୍ ବାଇଆ ନିଜ ଚିନ୍ତାରେ
ଜଗିକି ବଇଚି ଠେଙ୍ଗା ଧରିକି
ବୀର ପଣେ ତାର କିଏ ସରିକି
ଚାବି ଟାଣିନେଇ ନଚାଏ କେତେ
ଖୁନି ଆସାମୀଟେ ଧରିଚି ସତେ
ହେଲ୍ମେଟ ନପିନ୍ଧି ଚଲାଏ ଯିଏ
ଟେନ୍ସନ କାହିଁକି ମଇଲେ ସିଏ।

—— ଟୁଟୁ

## ମାର୍ଚ୍ଚରୁ ‘ନିଷ୍ଠା’ ଆରମ୍ଭ

### ଖର୍ଚ୍ଚ ବହନ କରିବେ କେନ୍ଦ୍ର ସରକାର

**ଭୁବନେଶ୍ୱର :** ୨୦୨୦-୨୧ ଶିକ୍ଷା ବର୍ଷ ଲାଗି ରାଜ୍ୟରେ ମାର୍ଚ୍ଚରୁ ଆମ୍ଭ ହେବ ନିଷ୍ଠା (ନ୍ୟାସନାଲ ଇନିସିଏଟିଭ ଫର୍ ସ୍କୁଲସ୍ ହେଡ୍ ଆଣ୍ଡ ଟିଚର୍ସ ହଲିଷ୍ଟିକ୍ ଆଡଭାନ୍ସମେଣ୍ଟ) ଯୋଜନା। ଏଥିରେ ପ୍ରାଥମିକ ଏବଂ ଉଚ୍ଚପ୍ରାଥମିକ ଶିକ୍ଷକଙ୍କୁ ମିଳିବ ସ୍ୱତନ୍ତ୍ର ପ୍ରଶିକ୍ଷଣ। ତେବେ ଆଗକୁ ମାଟ୍ରିକ ପରୀକ୍ଷା ଥିବାରୁ ପ୍ରଥମ ପର୍ଯ୍ୟାୟରେ ପ୍ରଥମରୁ ଷଷ୍ଠ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷକଙ୍କୁ ଏଥିରେ ସାମିଲ କରାଯିବ। ମେ’ପ୍ରଥମ ସପ୍ତାହରୁ ସପ୍ତମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷକଙ୍କୁ ପ୍ରଶିକ୍ଷଣ ଦିଆଯିବ। ସେହିପରି ପରେ ନବମ, ଦଶମ ଓ ଏକାଦଶ ଏବଂ ଦ୍ୱାଦଶ ଶ୍ରେଣୀ ଶିକ୍ଷକଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ରାଜ୍ୟରେ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଗୁଣାତ୍ମକ ଶିକ୍ଷାକୁ ଗୁରୁତ୍ୱ ଦିଆଯାଉଥିବା ବେଳେ ଏଣିକି ସବୁ ଶିକ୍ଷକଙ୍କୁ ଶିକ୍ଷା ସମ୍ପର୍କିତ ଏବଂ ବିଷୟଭିତ୍ତିକ ପ୍ରଶିକ୍ଷଣ ଦିଆଯିବ। ଯେଉଁଥିରେ ଜାତୀୟ ଏବଂ ଅନ୍ତର୍ଜାତୀୟସ୍ତରର ପ୍ରଶିକ୍ଷକମାନେ ପ୍ରଶିକ୍ଷଣ ପ୍ରଦାନ କରିବେ। ➤ ପୃ-୬






ଏକମାତ୍ର
ଅନୁସନ୍ଧାନ ପରେ ଖବର

## କେମିତି କଟିବ ଏ ସପ୍ତାହ

**ମେଷ** ଗୃହରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ। ଛାତ୍ରଛାତ୍ରୀମାନେ ଅଧିକ ପରିଶ୍ରମ କରି ସଫଳ ହେବେ। ଚାକିରି କ୍ଷେତ୍ରରେ ବିବାଦ ଲାଗି ରହିବ। ପରିବାରରେ ଅଶାନ୍ତି ଦେଖାଦେବ। ଆର୍ଥିକ ଚିନ୍ତାରୁ କିଛିମାତ୍ରାରେ ମୁକ୍ତି ମିଳିବ।

**ବୃଷ** ବନ୍ଧୁଙ୍କ ଠାରୁ ସାହାଯ୍ୟ ମିଳିବ ନାହିଁ। ପାରିବାରକ ଶାନ୍ତି ଅନୁଭବ କରିବେ। କର୍ମକ୍ଷେତ୍ରରେ ପଦୋନ୍ନତି ହେବାର ଅଧିକ ସମ୍ଭାବନା ରହିଛି। କୋର୍ଟକଚେରୀ ମାମଲାର ସମାଧାନ ଘଟିବ। ବିବାହ ଆଶାୟୀମାନେ ଶୁଭଫଳ ପାଇବେ।

**ମିଥୁନ** ବ୍ୟବସାୟୀମାନେ ନିଜର ଯୋଜନାକୁ ଗୁପ୍ତ ରଖିବା ଉଚିତ। ପୂର୍ବ ବିବାଦର ସମାଧାନ ହେବ। ପିଲାଙ୍କ ସ୍ୱାସ୍ଥ୍ୟ ପ୍ରତି ଚିନ୍ତିତ ରହିବେ। ରାଜନୀତି କ୍ଷେତ୍ରରେ ବ୍ୟକ୍ତିଙ୍କୁ ଉଚ୍ଚପଦ ମିଳିପାରେ। ମାନସିକ ଦୁଶ୍ଚିନ୍ତା ଲାଗିରହିବ।

**କର୍କଟ** କର୍ମକ୍ଷେତ୍ରରେ ପ୍ରଶଂସା ପାଇବେ। ଧନ ବୃଦ୍ଧିର ଶୁଭ ସଙ୍କେତ ମିଳିପାରେ। ରାଜନୈତିକ ବ୍ୟକ୍ତି କିଛିମାତ୍ରାରେ ଶୁଭଫଳ ପାଇବେ। ବ୍ୟବସାୟୀମାନେ ଅଧିକ ଲାଭରୁ ବଞ୍ଚିତ ହେବ।

**ସିଂହ** ଗୃହରେ ଅଶାନ୍ତିର ବାତାବରଣ ଦେଖାଦେବ। ନୂତନ ଯାନ କ୍ରୟ କରି ଖୁସି ଅନୁଭବ କରିବେ। ଦୀର୍ଘ ଦିନରୁ ଲାଗି ରହିଥିବା ବିବାଦ ସମାଧାନ ହେବ। ରାଜନୀତି କ୍ଷେତ୍ରରେ ଥିବା ବ୍ୟକ୍ତିଙ୍କର ଭାଗ୍ୟ ଉଜ୍ଜ୍ୱଳ ହେବ।

**କନ୍ୟା** ଶାରୀରିକ ସୁସ୍ଥତା ଅନୁଭବ କରିବେ। ଚାକିରିଆଙ୍କର ଦୂରସ୍ଥାନକୁ ବଦଳି ହୋଇପାରେ। ବିଦ୍ୟାର୍ଥୀମାନେ ଅଧିକ ପରିଶ୍ରମକରି ସଫଳ ହେବେ। ନୂତନ ଗୃହ ଉପକରଣ କ୍ରୟ କରିବାର ସମୟ ଆସିବ।

**ତୁଳା** ସାମାଜିକ ତଥା ଆଧ୍ୟାତ୍ମିକ କାର୍ଯ୍ୟରେ ସମୟ କଟିବ। ଜମି କିଣା-ବିକା ବ୍ୟବସାୟରେ ଅଧିକ ଲାଭ ହେବ। ଛାତ୍ରଛାତ୍ରୀମାନେ ଶିକ୍ଷାକ୍ଷେତ୍ରରେ ଉନ୍ନତି ଲାଭ କରିବେ। ଆର୍ଥିକ ପରିସ୍ଥିତିରେ ପରିବର୍ତ୍ତନ ଘଟିବ।

**ବିଛା** ଚାକିରିରେ ନିଜର ସୁରକ୍ଷା ଓ ପ୍ରତିପତ୍ତି ବଜାୟ ରହିବ। ନୂତନ ଗୃହ ନିର୍ମାଣ କରିବାର ସମୟ ଆସିବ। ବୈବାହିକ ଜୀବନ ସୁଖମୟ ହେବ। ଗୃହରେ ଶାନ୍ତିର ବାତାବରଣ ଖେଳିଯିବ। ମାନସିକ ସୁସ୍ଥତା ଅନୁଭବ କରିବେ।

**ଧନୁ** ଆର୍ଥିକ ସମସ୍ୟା ଦୂର ହେବ। ଦାମ୍ପତ୍ୟଜୀବନ ସୁଖମୟ ରହିବ। ଧନ ପ୍ରାପ୍ତିର ପ୍ରବଳ ଯୋଗ ରହିଛି। ପରୀକ୍ଷାରେ ଛାତ୍ରଛାତ୍ରୀଙ୍କୁ ଭଲ ଫଳ ମିଳିବ। ବ୍ୟବସାୟୀମାନେ ଆଶାତୀତ ସଫଳତା ପାଇବେ।

**ମକର** ନୂତନ କର୍ମକ୍ଷେତ୍ରରେ ଯୋଗ ଦେବେ। ବିଦ୍ୟାର୍ଥୀମାନେ ବିଦେଶରେ ପ୍ରଶଂସିତ ହେବେ। କଳା ଓ ସାହିତ୍ୟ କ୍ଷେତ୍ରରେ ଆଗକୁ ବଢ଼ିବେ। ଧନପ୍ରାପ୍ତିର ସୁଯୋଗ ଆସିପାରେ। ଶରୀର ସୁସ୍ଥ ରହିବ।

**କୁମ୍ଭ** ତୀର୍ଥସ୍ଥାନ ଭ୍ରମଣର ସୁଯୋଗ ଆସିବ। ଛାତ୍ରଛାତ୍ରୀମାନେ ପାଠପଢ଼ାରେ କୃତିତ୍ୱ ଲାଭ କରିବେ। ବିଦେଶ ଯାତ୍ରାରେ ଅସୁବିଧା ଭୋଗ କରିବେ। ରାଜନୀତିରେ ଆଧିପତ୍ୟ ବଢ଼ିବ। ବିବାହ ଆଶାୟୀମାନେ ବିଫଳତା ହେବେ।

**ମୀନ** ସରକାରୀ ଚାକିରିଆଙ୍କୁ ଅଧିକ ଲାଭ ମିଳିବ। ଛାତ୍ରଛାତ୍ରୀମାନେ ପାଠପଢ଼ା କ୍ଷେତ୍ରରେ ଚିନ୍ତିତ ରହିବେ। ଆର୍ଥିକ ସ୍ଥିତିରେ ପରିବର୍ତ୍ତନ ଦେଖାଦେବ। ଜମିଜମା ବିବାଦର ସମାଧାନ ଘଟିବ। ବ୍ୟବସାୟରେ ଉନ୍ନତି ହୋଇପାରେ।



ଚନ୍ଦ୍ରଶେଖର ମିଶ୍ର
ଜ୍ୟୋତିର୍ବିଦ୍ ଓ ବାସ୍ତୁବିଶାରଦ
କାକଟପୁର, ପୁରୀ
ମୋ-୯୭୭୭୦୬୩୪୧୧

## ୨୬ରେ ବେହମାଇ ଗଣହତ୍ୟା ଶୁଣାଣି

**କାନପୁର :** ୧୯୮୧ରେ ଦସ୍ୟୁରାଣୀ ଫୁଲନ ଦେବୀଙ୍କ ଗ୍ୟାଙ୍ଗ୍ କରିଥିବା ବେହମାଇ ଗଣହତ୍ୟା ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ କାନପୁର କୋର୍ଟ ଫେବୃଆରୀ ୨୬କୁ ଧାର୍ଯ୍ୟ କରିଛନ୍ତି। ଜାନୁଆରୀ ୬ରେ ମାମଲାର ଶୁଣାଣି ପାଇଁ ସମୟ ଧାର୍ଯ୍ୟ କରାଯାଇଥିଲା। କିନ୍ତୁ ପୁଲିସ ପ୍ରଶାସନ କେସ୍ ଡାଏରୀ ପାଉ ନଥିବା ଜଣାଇବାରୁ କୋର୍ଟ ଗଭୀର ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଦୀର୍ଘ ଚାରିଦଶନ୍ଧି ଧରି କୋର୍ଟରେ ଗଡ଼ି ଆସୁଥିବା ଏହି ମାମଲାରେ ଏବେ ମଧ୍ୟ ଚାରିଜଣ ଜୀବିତ ଅଛନ୍ତି। ଚାରି ଅଭିଯୁକ୍ତଙ୍କ ମଧ୍ୟରୁ ଏକମାତ୍ର ପୁଶା ଜେଲରେ ଅଛନ୍ତି। ଅନ୍ୟ ତିନିଜଣ ଭିଖା, ବିଶ୍ୱନାଥ ଓ ଶ୍ୟାମବାବୁ ଜାମିନ ପାଇ ଜେଲରୁ ମୁକୁଳିଥିଲେ। ୨୬ ତାରିଖ ସୁଦ୍ଧା କୋର୍ଟରେ ଓରିଜିନାଲ୍ ସିଡି ଦାଖଲ କରିବାକୁ ପୁଲିସକୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି। ସୂଚନାଯୋଗ୍ୟ, ଉଚ୍ଚବର୍ଗର ଲୋକଙ୍କ ହାତରେ ନିର୍ଯାତିତ ହୋଇ ଦସ୍ୟୁରାଣୀ ଫୁଲନ ବେହମାଇ ଗ୍ରାମ ଛାଡ଼ିବାର କିଛିମାସ ପରେ ଦଳବଳ ଧରି ୧୯୮୧ ଫେବୃଆରୀ ୧୪ରେ ଗ୍ରାମରେ ପହଞ୍ଚିଥିଲେ। ସେତେବେଳେ ଗ୍ରାମରେ ଏକ ବିବାହ ଉତ୍ସବ ଚାଲିଥିଲା। ଫୁଲନ ଓ ତାଙ୍କ ସହକର୍ମୀମାନେ ପୁଲିସ ପୋଷାକରେ ସଜ୍ଜିତ ଥିଲେ। ସେମାନେ ଶ୍ରୀରାମ ଓ ଲାଲାରାମଙ୍କୁ ଖୋଜି ପାଇ ନଥିଲେ। ତେଣୁ ଫୁଲନ ଗ୍ରାମର ଯୁବକମାନଙ୍କୁ ଏକ ନଦୀକୂଳକୁ ନେଇ ଆଣ୍ଠେଇବାକୁ ବାଧ କରିଥିଲେ। ପରେ ସେମାନଙ୍କୁ ଗୁଳି କରି ହତ୍ୟା କରିଥିଲେ। ଉକ୍ତ ହତ୍ୟାକାଣ୍ଡରେ ପ୍ରାୟ ୨୦ ଜଣ ଯୁବକ ପ୍ରାଣ ହରାଇଥିଲେ।

### ସରକାରଙ୍କ ୧.୪୭ଲକ୍ଷ କୋଟି ଟଙ୍କା ଦେୟ ବକେୟା

## ଟେଲିକମ୍ କମ୍ପାନୀଙ୍କୁ ସୁପ୍ରିମ୍‌କୋର୍ଟଙ୍କ ଭର୍ତ୍ସନା

**ନୂଆଦିଲ୍ଲୀ :** ଟେଲିକମ୍ କମ୍ପାନୀମାନେ ବକେୟା ପଇସା ନଦେବାକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି ସୁପ୍ରିମ୍‌କୋର୍ଟ। ଏଥିପାଇଁ କେନ୍ଦ୍ର ସରକାର ଏବଂ ଟେଲିକମ୍ କମ୍ପାନୀଙ୍କୁ କଡା ସମାଲୋଚନା କରିଛନ୍ତି। ସରକରୀ କର୍ମଚାରୀ ସୁପ୍ରିମ୍‌କୋର୍ଟଙ୍କ ଉପରେ କି ବୋଲି ଶୁଣାରି ବେଳେ ସର୍ବୋଚ୍ଚ କୋର୍ଟ ପ୍ରଶ୍ନ କରିଛନ୍ତି। ଏହାପରେ ଟେଲିକମ କମ୍ପାନୀମାନଙ୍କ ଏମ୍‌ଡିଙ୍କ ବିରୋଧରେ କୋର୍ଟ ଅବମାନନା ନୋଟିସ ଜାରି କରି ୧୭ ମାର୍ଚ୍ଚ ସୁଦ୍ଧା ଜବାବ ତଲବ କରିବାକୁ ସୁପ୍ରିମ୍‌କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। କୋର୍ଟରେ ଏମଡିମାନେ ପକ୍ଷ ରଖି କେବେ ସୁଦ୍ଧା ଏଜିଆର ବକେୟା ଟଙ୍କା ଦେବେ ସେ ବାବଦରେ ସ୍ପଷ୍ଟ କରିବେ। ଟାଟ, ଏୟାରଟେଲ, ଭୋଡାଫୋନ, ଆଇଡିଆ ଆଦି ଟେଲିକମ କମ୍ପାନୀ ଉପରେ ୧.୪୭ ଲକ୍ଷ କୋଟି ଟଙ୍କାର ବକେୟା ରହିଛି। ଅନ୍ୟପଟେ ଟେଲିକମ କମ୍ପାନୀ ବକେୟା ଦେବାରେ ଅବହେଳା କରୁଥିବାର କାରର ଟେଲକମ୍ ମନ୍ତ୍ରଣାଳୟର ଆଭିମୁଖ୍ୟକୁ ନେଇ ସୁପ୍ରିମ୍‌କୋର୍ଟ ପ୍ରଶ୍ନ ଉଠାଇଛନ୍ତି। ଜଷ୍ଟିସ ଅରୁଣ ମିଶ୍ର ଶୁଣାଣି ବେଳେ କହିଛନ୍ତି, ଟେଲିକମ ମନ୍ତ୍ରଣାଳୟ କେଉଁ ଆଧାରରେ ବିଜ୍ଞପ୍ତି ଜାରି କରି



ବକେୟା ନଦେଲେ କୌଣସି କାର୍ଯ୍ୟାନୁଷ୍ଠାନ ହେବ ବୋଲି କହିଥିଲା? ସୁପ୍ରିମ୍‌କୋର୍ଟଙ୍କ୍ ଆଦେଶ ପରେ ବି ବକେୟା ଟଙ୍କା ଜମା ହୋଇନାହିଁ ବୋଲି ଜଷ୍ଟିସ ମିଶ୍ର କହିଛନ୍ତି। ଦେଶରେ କ'ଣ ହେଉଛି, ଆମେ ଯାହା କହିବାର ଥିଲା କହିଦେଲୁ। ଯଦି ବକେୟା ପଇସା ନେବାରେ ନଥିଲା ତା'ହେଲେ ଆବେଦନ କାହିଁକି ହେଉଥିଲା ବୋଲି ବିଚାରପତି ପ୍ରଶ୍ନ କରିଛନ୍ତି। ସରକାରୀ ଅଧିକାରୀ କ'ଣ ସୁପ୍ରିମ୍‌କୋର୍ଟଙ୍କ କ୍ଷମତାରୁ ଉପରେ କି' ବୋଲି ଜଷ୍ଟିସ ଅରୁଣ ମିଶ୍ର ପ୍ରଶ୍ନ କରିଛନ୍ତି। ସୁପ୍ରିମ୍‌କୋର୍ଟ ଏହି ମାମଲାରେ ପୂର୍ବରୁ ଶୁଣାଣି କରି ୨୩ ଜାନୁଆରୀରେ ବକେୟା ଟଙ୍କା ଦେବାକୁ କହିଥିଲେ। ଗତବର୍ଷ କେନ୍ଦ୍ର ସରକାରଙ୍କ ଦୂରସଞ୍ଚାର ବିଭାଗର ଏକ ଆବେଦନକୁ ସୁପ୍ରିମ୍‌କୋର୍ଟ ଗ୍ରହଣ କରିବା ପରେ ଦେଶର ୮ ଟେଲିକମ୍ କମ୍ପାନୀକୁ ବକେୟା ୯୨ ହଜାର କୋଟିରୁ ଅଧିକ ଟଙ୍କା ଦେବାକୁ ନିର୍ଦ୍ଦେଶ ଦେଇଥିଲେ ସୁପ୍ରିମ୍‌କୋର୍ଟ। ଏହି ବକେୟା ଟଙ୍କା ଭିତରେ ଏଜିଆର (ଆଡଜଷ୍ଟେଡ୍ ଗ୍ରସ୍ ରେଭିନ୍ୟୁ ବା ସମୟୋଚିତ ସକଳ ରାଜସ୍ୱ)ରେ ଲାଇସେନ୍ସ ଟଙ୍କା ଏବଂ ସ୍ପେକ୍ଟ୍ରମ ବ୍ୟବହାର ଏବଂ ଅନ୍ୟାନ୍ୟ ଟଙ୍କା ରହିଛି। ୧୯୯୯-୨୦୦୦ ମସିହାରୁ ଟେଲିକମ କମ୍ପାନୀ ଏବଂ ଦୂରସଞ୍ଚାର ବିଭାଗ ମଧ୍ୟରେ ଏହି ବିବାଦ ଚାଲିଥିଲା। ଜଷ୍ଟିସ ଅରୁଣ ମିଶ୍ରଙ୍କ ନେତୃତ୍ୱାଧୀନ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରିଛନ୍ତି। ଟେଲିକମ ସେବା ଯୋଗାଉଥିବା କମ୍ପାନୀମାନେ ଦୀର୍ଘବର୍ଷ ହେବ ବକେୟା ଟଙ୍କା ଦେଇ ନାହାନ୍ତି। ଏବେ ସେମାନଙ୍କୁ ବକେୟା ଟଙ୍କାର ସୁଧ ଏବଂ ଜୋରିମାନା ଦେବାକୁ ପଡିବ ବୋଲି ସୁପ୍ରିମ୍‌କୋର୍ଟ ଡିସେମ୍ବରରେ ଶୁଣାଣି ବେଳେ କହିଥିଲେ। ସୂଚନାଥାଉ କି, ଯେଉଁ ସ୍ପେକ୍ଟ୍ରମ ବ୍ୟବହାର ପାଇଁ ଟେଲିକମ କମ୍ପାନୀମାନେ ଲାଇସେନ୍ସ ନେଇଛନ୍ତି, ସେଥିପାଇଁ ଏବେ ପଇସା ଦେବାକୁ ପଡିବ ବୋଲି ସୁପ୍ରିମ୍‌କୋର୍ଟ କହିଛନ୍ତି। ପୂର୍ବରୁ ସ୍ପେକ୍ଟ୍ରମ୍ ଚାର୍ଜ ଲାଇସେନ୍ସ ନେବା ବେଳେ କମ୍ପାନୀମାନଙ୍କୁ ଥରେ ଦେୟ ଦେବାକୁ ପଡୁଥିଲା।

## ୨୪ରେ ଟ୍ରମ୍ପଙ୍କ ଭାରତ ଗସ୍ତ



**ନୂଆଦିଲ୍ଲୀ :** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନିମନ୍ତ୍ରଣ ରକ୍ଷା କରି ଯୁକ୍ତରାଷ୍ଟ୍ର ଆମେରିକାର ମହାମହିମ ରାଷ୍ଟ୍ରପତି ଡୋନାଲ୍ଡ ଜେ. ଟ୍ରମ୍ପ ଓ ପ୍ରଥମ ମହିଳା ମେଲାନିଆ ଟ୍ରମ୍ପ ଫେବୃଆରୀ ୨୪ ଓ ୨୫ ଦୁଇଦିନିଆ ଭାରତ ଗସ୍ତରେ ଆସୁଛନ୍ତି । ଏହା ଆମେରିକା ରାଷ୍ଟ୍ରପତିଙ୍କ ପ୍ରଥମ ଭାରତ ଗସ୍ତ । ଏହି ଗସ୍ତକାଳରେ ରାଷ୍ଟ୍ରପତି ଟ୍ରମ୍ପ ଏବଂ ପ୍ରଥମ ମହିଳା ନୂଆଦିଲ୍ଲୀ ଏବଂ ଅହମ୍ମଦାବାଦରେ ବିଭିନ୍ନ ସରକାରୀ କାର୍ଯ୍ୟକ୍ରମରେ ଯୋଗଦେବେ ଏବଂ ବିଭିନ୍ନ ବର୍ଗର ଅଧିକାରୀ ଓ ଭାରତୀୟ ସମୁଦାୟଙ୍କ ସହ ମତ ବିନିମୟ କରିବେ । ଭାରତ ଓ ଆମେରିକା ମଧ୍ୟରେ ବୈଶ୍ୱିକ ରଣନୀତିକ ଭାଗିଦାରିତା, ପାରସ୍ପରିକ ବିଶ୍ୱାସ, ସହଯୋଗ, ବୁଝାମଣା, ସମ୍ମାନ ଓ ଉଭୟ ଦେଶର ଲୋକମାନଙ୍କ ମଧ୍ୟରେ ରହିଥିବା ବନ୍ଧୁତା ଉପରେ ପର୍ଯ୍ୟବସିତ । ଏହି ସମ୍ପର୍କ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ରାଷ୍ଟ୍ରପତି ଟ୍ରମ୍ପଙ୍କ କାର୍ଯ୍ୟକାଳରେ ଆହୁରି ଦୃଢ ହୋଇଛି ଏବଂ ଦୁଇଦେଶ ମଧ୍ୟରେ ବାଣିଜ୍ୟ, ପ୍ରତିରକ୍ଷା, ଶକ୍ତି ଓ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଆଂଚଳିକ ଓ ଆନ୍ତର୍ଜାତିକ ପ୍ରସଙ୍ଗ ଉପରେ ସହଯୋଗ ବୃଦ୍ଧି ପାଇଛି । ଏହି ଗସ୍ତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଦ୍ୱିପାକ୍ଷିକ ପ୍ରସଙ୍ଗଙ୍କୁ ସମୀକ୍ଷା କରିବା ଲାଗି ଉଭୟ ନେତାଙ୍କୁ ଏକ ସୁଯୋଗ ପ୍ରଦାନ କରିବ ଏବଂ ଦୁଇଦେଶ ମଧ୍ୟରେ ସହଯୋଗ ଓ ରଣନୀତିକ ଭାଗିଦାରିତାକୁ ଆହୁରି ସମୃଦ୍ଧ କରିବ।

## ଅର୍ଥନୀତି ବ୍ୟବସ୍ଥାରେ ଆସିବ ପରିବର୍ତ୍ତନ : ସୀତାରମଣ

**ନୂଆଦିଲ୍ଲୀ :** ଭାରତର ସାଂପ୍ରତିକ ଅର୍ଥନୀତି ବ୍ୟବସ୍ଥା ମାନ୍ଦା ରହିଥିଲେ ହେଁ ଏହା ଦୁର୍ବଳ ନୁହେଁ। ମାନ୍ଦାବସ୍ଥା ସତ୍ତ୍ୱେ ଆଗାମୀ ୫ ବର୍ଷ ମଧ୍ୟରେ ଭାରତୀୟ ଅର୍ଥନୀତି ବ୍ୟବସ୍ଥା ୫ ଟ୍ରିଲିୟନ ଆଡକୁ ଅଗ୍ରସର ହେଉଥିବା ବେଳେ ଖୁବ୍‌ଶୀଘ୍ର ଅର୍ଥନୀତିର ବିଭିନ୍ନ ଦିଗରେ ଶୁଭ ସଙ୍କେତ ମିଳିବ ବୋଲି କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ମଙ୍ଗଳବାର କହିଛନ୍ତି। ୨୦୨୦-୨୧ ବଜେଟ୍‌କୁ ନେଇ ମଙ୍ଗଳବାର ସଂସଦରେ ଆଲୋଚନା ଚାଲଇଥିବା ବେଳେ ବିଗତ କିଛି ମାସ ମଧ୍ୟରେ ବିଭିନ୍ନ ଶିଳ୍ପକ୍ଷେତ୍ରରେ ଦେଖାଯାଇଥିବା ପରିବର୍ତ୍ତନ ଓ ଅଭିବୃଦ୍ଧି ସମ୍ପର୍କରେ ସୀତାରମଣ କହିଥିଲେ। ବିଶେଷକରି ପ୍ରତ୍ୟକ୍ଷ ବିଦେଶୀ ପୁଞ୍ଜି ନିବେଶ(ଏଫ୍‌ଡିଆଇ)ରେ ଉଲ୍ଲେଖନୀୟ ବୃଦ୍ଧି ସହିତ ମାନୁଫାକ୍‌ଚରିଂ କ୍ଷେତ୍ରର ଉତ୍ପାଦନ ବୃଦ୍ଧି ଏବଂ ଜିଏସ୍‌ଟି ସଂଗ୍ରହ ପରିମାଣ ୧ ଲକ୍ଷ କୋଟି ଟଙ୍କାରୁ ଉର୍ଦ୍ଧ୍ୱରେ ପହଞ୍ଚିବା ଘଟଣା ଅର୍ଥନୀତି ବ୍ୟବସ୍ଥା ପାଇଁ ଶୁଭ ସୂଚନା ଦେଇଛି ବୋଲି ସେ କହିଛନ୍ତି। ଏଥିସହିତ ଭାରତର ବୈଦେଶିକ ମୁଦ୍ରା ବିନିମୟ ପାଣ୍ଠି ଉଲ୍ଲେଖଜନକ ସ୍ଥିତିରେ ରହିଥିବା ବେଳେ ଷ୍ଟକ୍ ବଜାର କାରବାର ମଧ୍ୟ ଉତ୍ସାହଜନକ ସ୍ଥିତିରେ ରହିଛି ବୋଲି ସେ କହିଛନ୍ତି। ସବୁଠାରୁ ବଡ଼ କଥା ହେଲା, ଭାରତୀୟ ଅର୍ଥନୀତି ବ୍ୟବସ୍ଥା ପ୍ରତି ଆନ୍ତର୍ଜାତିକ ନିବେଶକାରୀଙ୍କ ମନରେ ସକାରାତ୍ମକ ଭାବ ରହିଛି। ଯେଉଁଥିପାଇଁ ବିଗତ ଦିନମାନଙ୍କରେ ଦେଶରେ ପ୍ରତ୍ୟକ୍ଷ ବିଦେଶୀ ପୁଞ୍ଜି ନିବେଶ ବୃଦ୍ଧି ପାଇଛି। ୨୦୧୮-୧୯ ଆର୍ଥିକ ବର୍ଷର ଏପ୍ରିଲ ରୁ ନଭେମ୍ବର ମଧ୍ୟରେ ବିଦେଶୀ ନିବେଶକାରୀଙ୍କ ଦ୍ୱାରା ଭାରତରେ ମୋଟ ୨୧୨୦ କୋଟି ଡଲାର ପୁଞ୍ଜି ବିନଯୋଗ କରାଯାଇଥିଲା ବେଳେ ୨୦୧୯-୨୦ ଆର୍ଥିକ ବର୍ଷର ଏହି ସମୟ ମଧ୍ୟରେ ଏହା ୨୪୪୦ କୋଟି ଡଲାରକୁ ବୃଦ୍ଧି ପାଇଛି ବୋଲି ସୀତାମରଣ କହିଛନ୍ତି। ସେହିପରି ୨୦୧୯-୨୦ ବର୍ଷରେ ଏପ୍ରିଲରୁ



ନଭେମ୍ବର ମଧ୍ୟରେ ପୋର୍ଟଫୋଲିଓ ଇନ୍‌ଭେଷ୍ଟମେଣ୍ଟ (ଏଫ୍‌ପିଆଇ) ମଧ୍ୟ ବୃଦ୍ଧି ପାଇବା ସହିତ ୧୨୬୦ କୋଟି ଡଲାରରେ ପହଞ୍ଚିଛି। ଯାହାକି ଗତ ଆର୍ଥିକ ବର୍ଷର ଏହି ସମୟରେ ୮୭୦ କୋଟି ଡଲାର ରହିଥିଲା। ଅନ୍ୟପକ୍ଷରେ ଜିଏସ୍‌ଟି ଆଦାୟକୁ ନେଇ କିଛି ମାସ ତଳେ ଚିନ୍ତା ବ୍ୟକ୍ତ କରାଯାଇଥିବା ବେଳେ ଗତ ଜାନୁଆରୀ ମାସରେ ଆଦାୟ ହୋଇଥିବା ଟିକସରେ ଉଲ୍ଲେଖନୀୟ ବୃଦ୍ଧି ପରିଲକ୍ଷିତ ହୋଥିବା ସୀତାମରଣ କହିଛନ୍ତି। ଗତ ନଭେମ୍ବରରେ ଜିଏସ୍‌ଟି ଆଦାୟରେ ୬ ପ୍ରତିଶତ ଅଭିବୃଦ୍ଧି ଦେଖାଯାଇଥିଲା ବେଳେ ୨୦୨୦,ଜାନୁଆରୀରେ ଏଥିରେ ୧୨ ପ୍ରତିଶତ ଅଭିବୃଦ୍ଧି ଘଟିଥିବା ସେ କହିଛନ୍ତି। ତେଣୁ ବିଭିନ୍ନ କ୍ଷେତ୍ରର ସ୍ଥିତିରେ ପରିବର୍ତ୍ତନ ଘଟିବା ସହିତ ଅଭିବୃଦ୍ଧି ତ୍ୱରାନ୍ୱିତ ହେବା ଦେଖାଯାଉଛି ବୋଲି ସୀତାମରଣ କହିଛନ୍ତି। ଏହାବ୍ୟତୀତ ୨୦୨୦-୨୧ ବର୍ଷରେ ଭିତ୍ତିଭୂମି ଠାରୁ ଆରମ୍ଭ କରି କୃଷି, ଘରୋଇସ୍ତରର ପୁଞ୍ଜି ନିବେଶ, ଚାହିଦା ବୃଦ୍ଧି ଏବଂ ରପ୍ତାନି ପର୍ଯ୍ୟନ୍ତ ବିଭିନ୍ନ କ୍ଷେତ୍ରକୁ ପ୍ରୋତ୍ସାହିତ କରିବା ନେଇ ବଜେଟ୍‌ରେ ଯେଉଁସବୁ ବ୍ୟବସ୍ଥା କରାଯାଇଛି, ଆଗାମୀ ଦିନରେ ଅର୍ଥନୀତି ବ୍ୟବସ୍ଥାରେ ତାହାର ପ୍ରତିଫଳନ ଦେଖାଯିବ ବୋଲି ସେ କହିଛନ୍ତି।

## ସହିଦଙ୍କ ପରିବାର ପାଇଁ 'ବୀର୍ ଆପ୍'

**ନୂଆଦିଲ୍ଲୀ :** ଶୁକ୍ରବାର କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଅନୁଷ୍ଠିତ ଉଚ୍ଚସ୍ତରୀୟ ବୈଠକରେ ବୀର ସହିଦଙ୍କ ପରିବାର ଉଦ୍ଦେଶ୍ୟରେ 'ବୀର ଆପ୍' ଖୋଲିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଯେକୌଣସି ବଦାନ୍ୟ ବ୍ୟକ୍ତି ଅବା ଅନୁଷ୍ଠାନ ସହିଦଙ୍କ ପରିବାରକୁ ଉକ୍ତ ଆପ୍ ସାହାଯ୍ୟରେ ଅନୁଦାନ କରିପାରିବେ ବୋଲି ସରକାର କହିଛନ୍ତି। ସିଆର୍‌ପିଏଫ୍ ବୀରତ୍ୱ ଦିବସ ୨୦୧୯ ପାଳନ ଅବସରରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଏହି ଆପ୍ ଉଦ୍‌ଘାଟନ କରିଥିଲେ। ୨୦୧୭ରେ ବଲିଉଡ୍ ଅଭିନେତା ଅକ୍ଷୟ କୁମାର ପୁଲଓ୍ୱାମା ସହିଦଙ୍କ ପରିବାରକୁ ସାହାଯ୍ୟ କରିବା ଉଦ୍ଦେଶ୍ୟରେ 'ଭାରତ କେ ବୀର' ଆପ୍ ଖୋଲିଥିଲେ।

## ୩ ବର୍ଷ ଧରି ନକ୍ସଲ ହିଂସା ଘଟଣାରେ ହ୍ରାସ

**ନୂଆଦିଲ୍ଲୀ :** ୨୦୧୭ରୁ ୨୦୧୯ ପର୍ଯ୍ୟନ୍ତ ତିନି ବର୍ଷ ଧରି ଦେଶରେ କ୍ରମାଗତ ଭାବେ ନକ୍ସଲ ହିଂସା ଘଟଣା ହ୍ରାସ ପାଇଛି। ଲୋକସଭାରେ ନକ୍ସଲ ହିଂସା ସକ୍ରାନ୍ତ ଏକ ପ୍ରଶ୍ନର ଲିଖିତ ଉତର ଦେଇ ଏହା କହିଛନ୍ତି କେନ୍ଦ୍ର ଗୃହ ରାଷ୍ଟ୍ର ମନ୍ତ୍ରୀ ଜି. କିଷନ ରେଡ୍ଡୀ। କେନ୍ଦ୍ରମନ୍ତ୍ରୀ ସୂଚନା ଦେଇଥିଲେ ଯେ ବ୍ୟାପକ ଭାବେ ବାମପନ୍ଥୀ ଉଗ୍ରବାଦର ମୁକାବିଲା ଲାଗି ଭାରତ ସରକାର ଜାତୀୟ ନୀତି ଓ ଆକ୍ସନ ପ୍ଲାନ ପ୍ରସ୍ତୁତ କରିଛନ୍ତି। ଏଥିରେ ବହୁମୁଖୀ ଆଭିମୁଖ୍ୟ ଗ୍ରହଣ କରାଯାଇଛି ଯେପରିକି ସୁରକ୍ଷା କଡ଼ାକଡ଼ି କରିବା, ସ୍ଥାନୀୟ ସମୁଦାୟଙ୍କ ବିକାଶ ଓ ସେମାନଙ୍କ ଅଧିକାର ଓ ସୁବିଧା ସୁଯୋଗକୁ ସୁରକ୍ଷିତ ରଖିବା ଆଦି। ଏପରି ନୀତି



ଗ୍ରହଣ କରାଯିବା ଫଳରେ ବାମପନ୍ଥୀ ଉଗ୍ରବାଦ ଘଟଣା ଏବଂ ନକ୍ସଲ ହିଂସା ପ୍ରବଣ କ୍ଷେତ୍ର ମଧ୍ୟ ନିୟମିତ ଭାବେ କମିବାରେ ଲାଗିଛି। ମନ୍ତ୍ରୀଙ୍କ ସୂଚନା ଅନୁଯାୟୀ, ୨୦୧୭ରେ ୯୦୮ଟି ନକ୍ସଲ ହିଂସା ଘଟଣା ଘଟିଥିଲା। ଏଥିରେ ୧୮୮ ଜଣ ସାଧାରଣ ନାଗରିକ ଓ ୭୫ ଜଣ ସୁରକ୍ଷାକର୍ମୀ ପ୍ରାଣ ହରାଇଥିବା ବେଳେ ୧୩୬ ଜଣ ନକ୍ସଲ ନିହତ ହେବା ସହିତ ୧୮୮୮ ଜଣ ନକ୍ସଲଙ୍କୁ ଗିରଫ କରାଯାଇଥିଲା। ୨୦୧୮ରେ ପୂର୍ବ ବର୍ଷ ଅପେକ୍ଷା କମ ଅର୍ଥାତ ୮୩୩ଟି ନକ୍ସଲ ହିଂସା ଘଟଣା ଘଟିଥିବା ବେଳେ ୧୭୩ ଜଣ ସାଧାରଣ ନାଗରିକ ଓ ୬୭ ଜଣ ସୁରକ୍ଷାକର୍ମୀଙ୍କ ପ୍ରାଣହାନି ଘଟିଥିଲା। ଏହି ବର୍ଷ ୨୨୫ ଜଣ ନକ୍ସଲ ନିହତ ହେବା ସହିତ ୧୯୩୩ ଜଣ ଗିରଫ ହୋଇଥିଲେ। ୨୦୧୯ରେ ଘଟିଥିବା ୬୭୦ଟି ନକ୍ସଲ ହିଂସା ଘଟଣାରେ ୧୫୦ ଜଣ ସାଧାରଣ ନାଗରିକଙ୍କର ମୃତ୍ୟୁ ଘଟିଥିବା ବେଳେ ୫୨ ଜଣ ସୁରକ୍ଷାକର୍ମୀ ସହିଦ ହୋଇଥିଲେ। ଏହି ବର୍ଷ ୧୪୫ ଜଣ ନକ୍ସଲ ନିହତ ହେବା ସହ ୧୨୭୬ ଜଣ ଗିରଫ ହୋଇଥିଲେ।

## ପ୍ରବାସୀ ଭାରତୀୟ କେନ୍ଦ୍ରର ନାମ ହେଲା 'ସୁଷମା ସ୍ୱରାଜ ଭବନ'

**ନୂଆଦିଲ୍ଲୀ :** ଦିଲ୍ଲୀ ସ୍ଥିତ ପ୍ରବାସୀ ଭାରତୀୟ କେନ୍ଦ୍ରର ନାମ ବଦଳାଇ ଏହାକୁ ପୂର୍ବତନ କେନ୍ଦ୍ର ବୈଦେଶୀକ ମନ୍ତ୍ରୀ ସୁଷମା ସ୍ୱରାଜଙ୍କ ନାମରେ ନାମିତ କରିବାକୁ ନିଷ୍ପତି ଗ୍ରହଣ କରାଯାଇଛି। ଏବେ ଏହାର ନାମ ସୁଷମା ସ୍ୱରାଜ ଭବନ ହେବ। ବୈଦେଶୀକ ମନ୍ତ୍ରଣାଳୟ ପକ୍ଷରୁ ଜାରି ଏକ ବିଜ୍ଞପ୍ତିରେ ଏହି ସୂଚନା ଦିଆଯାଇଛି। ବିଜ୍ଞପ୍ତିରେ କୁହାଯାଇଛି ଯେ, ସୁଷମା ସ୍ୱରାଜଙ୍କର ଭାରତୀୟ କୂଟନୀତି, ପ୍ରବାସୀ ଭାରତୀୟଙ୍କର ସମସ୍ୟାର ସମାଧାନ ଓ ସାର୍ବଜନୀନ ଜୀବନରେ ସଦଭାବପୂର୍ଣ୍ଣ କାର୍ଯ୍ୟ ପାଇଁ ଏକ ଶ୍ରଦ୍ଧାଞ୍ଜଳୀ ସମାରୋହରେ ପ୍ରବାସୀ ଭାରତୀୟ କେନ୍ଦ୍ରର ନାମ ବଦଳାଇବାକୁ ନିଷ୍ପତି ଗ୍ରହଣ କରାଗଲା।



ଏହାବ୍ୟତୀତ ନୂଆଦିଲ୍ଲୀର ଫରେନ ସର୍ଭିସ ଇନଷ୍ଟିଚ୍ୟୁଟ୍‌ର ନାମ ମଧ୍ୟ ଏବେ ସୁଷମା ସ୍ୱରାଜ ଇନଷ୍ଟିଚ୍ୟୁଟ ଅଫ୍ ଫରେନ ସର୍ଭିସେସ୍ ହେବ।

## ବିଶ୍ୱ ଅର୍ଥନୀତିରେ ପଡିପାରେ 'କରୋନା' ପ୍ରଭାବ

**ନୂଆଦିଲ୍ଲୀ :** ଚୀନ୍‌ରେ କରୋନା ଭାଇରସ୍‌ଜନିତ ସଂକ୍ରମଣ ଥମିବାର ନାଁ ଧରୁନାହିଁ। ଦିନକୁ ଦିନ ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଇବା ସହିତ ମୃତ୍ୟୁ ସଂଖ୍ୟା ମଧ୍ୟ ବୃଦ୍ଧି ପାଇଚାଲିଛି। ସଂକ୍ରମଣ ରୋକିବା ନିମନ୍ତେ ଚୀନ୍‌ର ବିଭିନ୍ନ ସହରାଞ୍ଚଳକୁ ପୃଥକ କରି ଦିଆଯାଇଥିବା ବେଳେ ଏହାକୁ ନେଇ ଚୀନ୍‌ର ସାଧାରଣ ଜୀବନଯାପନ ସର୍ବାଧିକ ଭାବେ ବ୍ୟାହତ ହେବା ସହିତ ବିଭିନ୍ନ ଶିଳ୍ପକ୍ଷେତ୍ରର ଉତ୍ପାଦନ ପ୍ରକ୍ରିୟା ପ୍ରଭାବିତ ହେବାରେ ଲାଗିଛି। ଯାହାକୁ ନେଇ ପରୋକ୍ଷ ଭାବେ ଭାରତୀୟ ଇଲେକ୍ଟ୍ରୋନିକ୍ସ ଶିଳ୍ପକ୍ଷେତ୍ରକୁ ବଡ଼ ଝଟ୍‌କା ଲାଗିପାରେ ବୋଲି ଶିଳ୍ପ ବିଶେଷଜ୍ଞମାନେ ଆକଳନ ଆରମ୍ଭ କରିଛନ୍ତି। ଚୀନ୍‌ର ସାଂପ୍ରତିକ ସ୍ଥିତିକୁ ନେଇ ଭାରତରେ ଇଲେକ୍ଟ୍ରୋନିକ୍ସ ଉତ୍ପାଦନ ବାଧାପ୍ରାପ୍ତ ହେବା ସହିତ ମୂଲ୍ୟ ବୃଦ୍ଧି ଏବଂ ଯୋଗାଣ ପ୍ରକ୍ରିୟା ପ୍ରଭାବିତ ହେବାର ଯଥେଷ୍ଟ ସମ୍ଭାବନା ରହିଥିବା କୁହାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ବିଶ୍ୱର ଦ୍ୱିତୀୟ ବୃହତ ଅର୍ଥନୀତି ଭାବେ ଚୀନ୍‌ରେ ସର୍ବାଧିକ ଶିଳ୍ପ ସଂସ୍ଥା ଇଲେକ୍ଟ୍ରୋନିକ୍ସ ସରଞ୍ଜାମ ନିର୍ମାଣ, କମ୍ପୋନେଣ୍ଟ ଆସେମ୍ବଲିଂ ଏବଂ ବିଭିନ୍ନ ସମାଗ୍ରୀ ପାଇଁ ସମ୍ପୂର୍ଣ୍ଣ ଆସେମ୍ବଲିଂ କ୍ଷେତ୍ରରେ ନିୟୋଜିତ ରହିଛନ୍ତି। ଏହାକୁ ନେଇ ବିଶ୍ୱ ଇଲେକ୍ଟ୍ରୋନିକ୍ସ ଉତ୍ପାଦନ କ୍ଷେତ୍ରରେ ଚୀନ୍‌ର ବଡ଼ ଭୂମିକା ରହିଥିଲା ବେଳେ ଭାରତ ଏକ୍ଷେତ୍ରରେ ଚୀନ୍ ଉପରେ ସର୍ବାଧିକ ନିର୍ଭର କରିଥାଏ। କିନ୍ତୁ ଚୀନ୍‌ର ସାଂପ୍ରତିକ ସ୍ଥିତିକୁ ନେଇ ସେଠାକାର ଅଧିକାଂଶ ଶିଳ୍ପ ସଂସ୍ଥା ଏବେ ଉତ୍ପାଦନ ବନ୍ଦ ରଖିଥିବାରୁ ଆଗାମୀ ଦିନରେ ଏହାର କୁପ୍ରଭାବ ଭାରତୀୟ ଇଲେକ୍ଟ୍ରୋନିକ୍ସ ବଜାର ଉପରେ ଅନୁଭୂତ ହେବାର ଆଶଙ୍କ ଉପୁଜିଛି। ସଂକ୍ରମଣ ଭୟରେ ଅଧିକାଂଶ କମ୍ପାନୀ ଆଗାମୀ ତିନି ସପ୍ତାହ ପାଇଁ ସେମାନଙ୍କ ଉତ୍ପାଦ ବଜାରକୁ ନଛାଡିବାକୁ ନିଷ୍ପତ୍ତି ନେଇଛନ୍ତି। ଏହାଦ୍ୱାରା ଭାରତର ବିଭିନ୍ନ ଶିଳ୍ପ ସଂସ୍ଥାଙ୍କ ଦ୍ୱାରା ଚୀନ୍‌ରୁ ଆମଦାନୀ କରାଯାଉଥିବା ସରଞ୍ଜାମ ଠିକଣା ସମୟରେ ପହଞ୍ଚିପାରିବ ନାହିଁ। ଫଳରେ ଆସନ୍ତା ଏପ୍ରିଲ ସୁଦ୍ଧା ଭାରତରେ ଇଲେକ୍ଟ୍ରୋନିକ୍ସ ସରଞ୍ଜାମ ଉତ୍ପଦନ ବାଧାପ୍ରାପ୍ତ ହେବା ସହ ବିଭିନ୍ନ କମ୍ପାନୀଙ୍କ ଆୟ ମଧ୍ୟ ହ୍ରାସ ପାଇବ ବୋଲି ଗୋଦରେଜ୍ ଆପ୍ଲିଆନ୍ସେସ୍‌ର ବ୍ୟବସାୟିକ ମୁଖ୍ୟ ତଥା ଭାରତର କନ୍‌ଜ୍ୟୁମର ଇଲେକ୍ଟ୍ରୋନିକ୍ସ ଆଣ୍ଡ ଆପ୍ଲିଆନ୍ସେସ୍ ମାନୁଫାକ୍‌ଚର୍ସ ଆସୋସିଏସନ୍ (ସିଇଏଏମ୍‌ଏ)ର ସଭାପତି କମଲ ନନ୍ଦୀ କହିଛନ୍ତି। ଏଭଳି ସ୍ଥିତି ଜାରି ରହିଲେ ଭାରତର ବିଭିନ୍ନ ଶିଳ୍ପ



ସଂସ୍ଥା ସେମାନଙ୍କ ଉତ୍ପାଦନ କାଟ୍ କରିବାକୁ ବାଧ୍ୟ ହେବେ, ଯଦ୍ୱାରା ଆଗାମୀ ଦିନରେ ସେମାନଙ୍କ ରାଜସ୍ୱ ହ୍ରାସ ପାଇବା ସହିତ ପରୋକ୍ଷରେ ସାଧାରଣ ଅର୍ଥନୀତି ବ୍ୟବସ୍ଥାକୁ ମଧ୍ୟ ପ୍ରଭାବିତ କରିବ ବୋଲି ସେ କହିଛନ୍ତି। ଚୀନ୍‌ର ସ୍ଥିତିରେ ପରିବର୍ତ୍ତନ ନଆସିଲେ ଏକ ଅପ୍ରତ୍ୟାଶିତ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିବ ବୋଲି ଭାରତର ଅନ୍ୟତମ କନ୍‌ଜ୍ୟୁମର୍ ଆପ୍ଲିଆନ୍ସେସ୍ କମ୍ପାନୀ ବଜାଜ୍ ଇଲେକ୍ଟ୍ରିକାଲସ୍‌ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଅନୁଜ୍ ପୌଦାର କହିଛନ୍ତି। ଏହି କମ୍ପାନୀ ଚୀନ୍‌ରୁ ସର୍ବାଧିକ ସରଞ୍ଜାମ ଏବଂ କଞ୍ଚାମାଲ ଆମଦାନୀ କରିଥିବା ବେଳେ ଚୀନ୍‌ରେ ଏହାର ବିଭିନ୍ନ ଭାଗରେ କାର୍ଯ୍ୟାଳୟ ରହିଛି। ହେଲେ ସଂକ୍ରମଣ ଭୟରେ କମ୍ପାନୀର ସମସ୍ତ କର୍ମଚାରୀ ଭାରତ ଫେରି ଆସିଛନ୍ତି। ଫଳରେ କମ୍ପାନୀ ଉତ୍ପାଦନଜନିତ ସମସ୍ୟାର ସମ୍ମୁଖୀନ ହେବାକୁ ଯାଉଛି ବୋଲି ପୋଦାର କହିଛନ୍ତି। କେବଳ ଏହିସବୁ କ୍ଷେତ୍ର ନୁହେଁ, ଚୀନ୍‌ର ସ୍ଥିତିକୁ ନେଇ ଭାରତୀୟ ମୋବାଇଲ ଫୋନ୍ ଶିଳ୍ପକ୍ଷେତ୍ର ମଧ୍ୟ ସର୍ବାଧିକ ପ୍ରଭାବିତ ହେବାର ସମ୍ଭାବନା ଉପୁଜିଛି ବୋଲି ଭାରତୀୟ ସେଲୁଲାର ଆଣ୍ଡ ଇଲେକ୍ଟ୍ରୋନିକ୍ସ ଆସୋସିଏସନ୍‌ର ଅଧକ୍ଷ ପଙ୍କଜ୍ ମହିନ୍ଦ୍ରୁ କହିଛନ୍ତି। ଭାରତର ମୋବାଇଲ ଫୋନ୍ ଶିଳ୍ପ କ୍ଷେତ୍ର ଅଧିକାଂଶ ଭାବେ ଚାଇନା ଯୋଗାଣ ଉପରେ ନିର୍ଭର କରୁଥିବା ବେଳେ ଏଭଳି ସ୍ଥିତି ଜାରି ରହିଲେ ଆଗାମୀ ଦିନରେ ଏହି ଶିଳ୍ପକ୍ଷେତ୍ର ପ୍ରଭାବିତ ହେବା ସହିତ ବିଭିନ୍ନ କମ୍ପାନୀର ଉତ୍ପାଦନ ହ୍ରାସ ପାଇବ ବୋଲି ସେ କହିଛନ୍ତି। ଏହାଦ୍ୱାରା ଚାହିଦା ତୁଳନାରେ ଯୋଗାଣ ବାଧାପ୍ରାପ୍ତ ହେଲେ ସାମଗ୍ରୀ ମୂଲ୍ୟ ବୃଦ୍ଧି ଘଟିବାର ସମ୍ଭାବନା ଉପୁଜିବ ବୋଲି ସେ କହିଛନ୍ତି।

# ଖାଉଟିମାନଙ୍କୁ ସୁରକ୍ଷା ଯୋଗାଇ ଦିଆଯିବ: ରଣେନ୍ଦ୍ର

**ଭୁବନେଶ୍ୱର :** ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଅଧିନସ୍ଥ ବୈଧମାପ ବିଜ୍ଞାନ ନିର୍ଦ୍ଦେଶାଳୟ(ଲିଗାଲ୍ ମେଟ୍ରୋଲୋଜି)କୁ ଅଧିକ କ୍ରିୟାଶୀଳ ଓ ସୁଦୃଢ଼ କରିବା ନିମନ୍ତେ ବିଭିନ୍ନ ଜିଲ୍ଲାରେ ନିଜସ୍ୱ କାର୍ଯ୍ୟାଳୟ ଓ ଭିତିଭୂମି ବିକାଶ ଦିଗରେ ଗୁରୁତ୍ୱ ପ୍ରଦାନ କରାଯାଇଛି। ଏହାଦ୍ୱାରା ଅସାଧୁ ବ୍ୟବସାୟୀ, ଶିଳ୍ପ ପ୍ରତିଷ୍ଠାନ ଆଦିଗୁଡ଼ିକର ଯାଂଚ ବ୍ୟବସ୍ଥାକୁ ଅଧିକ ବ୍ୟାପକ କରି ଖାଉଟିମାନଙ୍କୁ ସୁରକ୍ଷା ଯୋଗାଇ ଦିଆଯାଇପାରିବ ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି। ଏହି ପରିପ୍ରେକ୍ଷୀରେ ଲୋକସେବା ଭବନ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଏକ ବୈଠକରେ ବିଭିନ୍ନ ଜିଲ୍ଲାରେ ଲିଗାଲ୍ ମେଟ୍ରୋଲୋଜି କାର୍ଯ୍ୟାଳୟର ସଦ୍ୟତମ ସ୍ଥିତି ଓ ନିର୍ମାଣାଧୀନ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ ସମୀକ୍ଷା କରିଥିଲେ। ଏଥିସହିତ ଖଣ୍ଡଗିରିସ୍ଥିତ ନିର୍ଦ୍ଦେଶାଳୟର ଐତିହ୍ୟସମ୍ପନ୍ନ ବିଲଡିଂର ସମ୍ପୂର୍ଣ୍ଣ ନବୀକରଣ ସହ ତଳମହଲାରେ ନୂତନ ସଂଗ୍ରହାଳୟ ପ୍ରତିଷ୍ଠା ସମ୍ପର୍କରେ ମଧ ସମୀକ୍ଷା କରାଯାଇଥିଲା। ସୂଚନାଯୋଗ୍ୟ ଯେ, ରାଜ୍ୟର ୧୫ଟି ଜିଲ୍ଲାରେ ଲିଗାଲ ମେଟ୍ରୋଲୋଜିର ନିଜସ୍ୱ ଗୃହରେ କାର୍ଯ୍ୟାଳୟ ଚାଲୁଥିବା ଅନ୍ୟ ୧୫ଟି ଜିଲ୍ଲାର ନୂତନ କାର୍ଯ୍ୟାଳୟର ନିର୍ମାଣ କାର୍ଯ୍ୟ କରାଯାଉଛି। ଏଥିମଧ୍ୟରୁ ଯେଉଁସବୁ ସ୍ଥାନରେ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇସାରିଛି ସେଗୁଡ଼ିକ ତୁରନ୍ତ ବିଭାଗକୁ ହସ୍ତାନ୍ତର କରିବା ପାଇଁ ମନ୍ତ୍ରୀ ଶ୍ରୀ ସ୍ୱାଇଁ ପୂର୍ତ୍ତ ବିଭାଗର ମୁଖ୍ୟଯନ୍ତ୍ରୀ(ବିଲଡିଂ)ଙ୍କୁ କହିଥିଲେ। ସେହିପରି ଯେଉଁସବୁ ଜିଲ୍ଲାଗୁଡ଼ିକରେ ନିର୍ମାଣ କାର୍ଯ୍ୟ ଚାଲିଛି ସେଗୁଡ଼ିକ ଧାର୍ଯ୍ୟ ସମୟ ମଧ୍ୟରେ ଶେଷ କରିବା ପାଇଁ କହିଥିଲେ। କିଛି ଜିଲ୍ଲାରେ ନିର୍ମାଣ କାର୍ଯ୍ୟ ଶେଷ ନିମନ୍ତେ ଅଧିକ ଅର୍ଥର ଆବଶ୍ୟକତା ହେଉଥିବା ଦୃଷ୍ଟିରୁ ଏ ଦିଗରେ ସଂଶୋଧିତ ବ୍ୟୟ ଅଟକଳ ଫେବୃଆରୀ ୨୫ ତାରିଖ ସୁଦ୍ଧା ବିଭାଗକୁ ପଠାଇବା ନିମନ୍ତେ ମନ୍ତ୍ରୀ ମୁଖ୍ୟଯନ୍ତ୍ରୀଙ୍କୁ କହିଥିଲେ। ଏଥିସହିତ ନିର୍ମାଣ କାର୍ଯ୍ୟ ନିମନ୍ତେ ଯେଉଁସବୁ ଜିଲ୍ଲାଗୁଡ଼ିକରେ ଜମି ଅଧିଗ୍ରହଣ ପାଇଁ ସମସ୍ୟା ହେଉଛି, ସେଠାରେ ଜିଲ୍ଲାପାଳ ତଥା ସ୍ଥାନୀୟ ରାଜସ୍ୱ ପ୍ରଶାସନ ସହ ଯୋଗାଯୋଗ କରି ଜମି ଯୋଗାଇଦେବା ନିମନ୍ତେ ବୈଠକରେ ଉପସ୍ଥିତ ଥିବା ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ଶାସନ ସଚିବଙ୍କୁ କହିଥିଲେ। ସୂଚନାଯୋଗ୍ୟ ଯେ ବଲାଙ୍ଗୀର, ଦେବଗଡ଼, ଝାରସୁଗୁଡ଼ା, ନୟାଗଡ଼, ସୁବର୍ଣ୍ଣପୁର, କଟକ, ଯାଜପୁର, ଭଦ୍ରକ, ନୂଆପଡ଼ା, ଗଜପତି, ମାଲକାନଗିରି, ବୌଦ୍ଧ, ଜଗତସିଂହପୁର, କେନ୍ଦ୍ରାପଡ଼ା ଏବଂ ପୁରୀ ଜିଲ୍ଲାରେ ସହକାରୀ କଂଟ୍ରୋଲର, ଲିଗାଲ୍ ମେଟ୍ରୋଲୋଜିର ନୂତନ କାର୍ଯ୍ୟାଳୟ କୋଠା ନିର୍ମାଣ କରାଯାଉଛି। ଏଥିମଧ୍ୟରୁ ୪ଟି ଜିଲ୍ଲାରେ ଜମି ଅଧିଗ୍ରହଣ ହୋଇପାରି ନଥିବାବେଳେ ଅନ୍ୟ ୧୧ଟି ଜିଲ୍ଲାରେ ନିର୍ମାଣ କାର୍ଯ୍ୟ ବିଭିନ୍ନ ସ୍ତରରେ ରହିଛି। ବୈଠକରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ସମବାୟ ବିଭାଗର କମିଶନର ତଥା ଶାସନ ସଚିବ ବୀରବିକ୍ରମ ଯାଦବ ନିର୍ମାଣାଧୀନ ଜିଲ୍ଲା କାର୍ଯ୍ୟାଳୟର ସ୍ଥିତି ଓ ଉପଲବ୍ଧ ଅର୍ଥ ବ୍ୟବସ୍ଥା ସମ୍ପର୍କରେ ସୂଚନା ଦେବା ସହିତ ନିର୍ମାଣ କାର୍ଯ୍ୟକୁ ଶୀଘ୍ର ଶେଷ କରିବା ପାଇଁ ଗୁରୁତ୍ୱାରୋପ କରିଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ଶାସନ ସଚିବ ଅଭୟ ନାୟକ, ବୈଧମାପ ବିଜ୍ଞାନ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ଏସ.ଏନ. ଦାସ ଏବଂ ପୂର୍ତ୍ତ ବିଭାଗର ମୁଖ୍ୟମନ୍ତ୍ରୀ(ବିଲଡିଂ) ସତ୍ୟେନ୍ଦ୍ରନାଥ ସେଠୀଙ୍କ ସମେତ ବିଭାଗୀୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ମୋଦି ସରକାର ଭୋଟ ବ୍ୟାଙ୍କ ରାଜନୀତି କରୁଛନ୍ତି : ୟେଚୁରୀ



**ଭୁବନେଶ୍ୱର :** ମୋଦି ସରକାର ଭାରତକୁ ଏକ କଟରପନ୍ଥୀ ଓ ଫାଶୀବାଦୀ ଦେଶ କରିବାକୁ ଚାହାନ୍ତି। ଭୋଟ୍ ବ୍ୟାଙ୍କ୍ ରାଜନୀତି କରି ହିନ୍ଦୁ ମୁସଲମାନ ମଧ୍ୟରେ ବିଷ ବୁଣୁଛନ୍ତି। ଅନ୍ୟପକ୍ଷରେ ତାଙ୍କ ଶାସନ କାଳରେ ଧନୀମାନେ ଅଧିକରୁ ଅଧିକ ଧନୀ ହେଉଥିବା ବେଳେ ଗରୀବ ଅଧିକ ଗରୀବ ହେଉଛି। ମୋଦି ସରକାର ପୁଂଜିପତି ମାନଙ୍କ ସରକାର ବୋଲି ସିପିଆଇଏମ୍ ର ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ସୀତାରାମ ୟେଚୁରୀ ପ୍ରକାଶ କରିଛନ୍ତି। ସେହିପରି ଓଡିଶା ସରକାରଙ୍କୁ ଟୋର୍ଗେଟ୍ କରି ସେ କହିଥିଲେ ଯେ ଓଡିଶାରେ ମୁଖ୍ୟମନ୍ତ୍ରୀ ଏନପିଆର ଓ ଏନଆରସିକୁ ସମର୍ଥନ ଦେବା ନାହିଁ ବୋଲି କହିବା ସ୍ୱାଗତଯୋଗ୍ୟ ହେଲେ ମଧ୍ୟ ସିଏଏକୁ ସମର୍ଥନ ଦେବା ଉଚିତ୍ ନୁହେଁ। ଏଗୁଡିକୁ ବାତିଲ କରାନଗଲେ ମହାନ ଭାରତ ଲୋପ ପାଇଯିବ। ସିଏଏ, ଏନଆରସି ଓ ଏନପିଆରକୁ ବିରୋଧ କରି ଗୁରୁବାର ସିପିଆଇଏମ୍ ରାଜ୍ୟ କମିଟି ପକ୍ଷରୁ ସ୍ଥାନୀୟ ଲୋୟର ପିଏମଜି ଠାରେ ଜନ ସମାବେଶ କରାଯାଇଥିଲା। ଏହି ସମାବେଶରେ ଉଦବୋଧନ ଦେଇ ୟେଚୁରୀ କହିଥିଲେ ଯେ କେନ୍ଦ୍ର ସରକାରଙ୍କ ସମ୍ବିଧାନ ବିରୋଧୀ, ଚାଷୀ ଓ ଶ୍ରମିକ ବିରୋଧୀ ନୀତିକୁ ବିରୋଧ କରି ସମ୍ବିଧାନକୁ ବଞ୍ଚାଇବାକୁ ପଡିବ। ବର୍ତ୍ତମାନ ଦେଶର ଆର୍ଥିକ ସ୍ଥିତି ଦୁଃସ୍ଥିତିରେ ପହଞ୍ଚିଛି। ଋଣ ଭାର ବଢି ବଢି ଚାଲିଛି। ମହିଳାମାନେ ଅସୁରକ୍ଷିତ, କଳ କାରଖାନା ବନ୍ଦ ହେବା, ଦର ବୃଦ୍ଧି ସାଧାରଣ ଜନତାଙ୍କ ଚିନ୍ତା ବଢାଇଛି। ମୋଦି ସରକାର ତାଙ୍କୁ ପୁଞ୍ଜିପତି ବନ୍ଧୁମାନଙ୍କୁ ୨ ଲକ୍ଷ ୧୫ହଜାର କୋଟି ଟଙ୍କା ଛାଡ୍ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ସମ୍ପାଦକ ଅଳି କିଶୋର ପଟ୍ଟନାୟକ, ଜନାର୍ଦ୍ଦନ ପତି, ଲକ୍ଷ୍ମଣ ମୁଣ୍ଡା, ସନ୍ତୋଷ ଦାସ, ଜଗନ୍ନାଥ ମିଶ୍ର , ସୁରେଶ ପାଣିଗ୍ରାହୀ ପ୍ରମୁଖ ନିଜ ବକ୍ତବ୍ୟ ରଖିଥିଲେ।

## ମଜଦୁରଙ୍କୁ ସର୍ବନିମ୍ନ ମଜୁରୀ ଦେଉନଥିବା ସଂସ୍ଥାକୁ ଫାଇନ କରିବ ପୂର୍ବତଟ ରେଳପଥ

**ଭୁବନେଶ୍ୱର :** ଠିକା ସଂସ୍ଥା ଦ୍ୱାରା ନିୟୋଜିତ କରାଯାଇଥିବା ମଜୁରିଆ ମାନଙ୍କୁ ସର୍ବନିମ୍ନ ମଜୁରୀ ନଦିଆଯିବା ବିରୁଦ୍ଧରେ ପୂର୍ବତଟ ରେଳପଥ ଜନୈକ ଠିକା ସଂସ୍ଥା ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ପୂର୍ବତଟ ରେଳପଥ ଭିଜିଲାନ୍ସ ବିଭାଗ ଦ୍ୱାରା ଉକ୍ତ ସଂସ୍ଥା ଉପରେ ଅଚାନକ ଚଢ଼ାଉ କରାଯିବାପରେ ଜଣାପଡିଥିଲା ଯେ ଉକ୍ତ ସଂସ୍ଥା ଠିକା ମଜୁରିଆ ମାନଙ୍କୁ ସର୍ବନିମ୍ନ ମଜୁରୀ ଦେଉନଥିବା ସହ ମଜୁରିଆ ମାନଙ୍କୁ ପଇସା ଦେଇ ପରବର୍ତୀ ସମୟରେ ସେମାନଙ୍କଠାରୁ କିଛି ଭାଗ ଫେରସ୍ତ ନେଉଥିଲା। ସେହି ସଂସ୍ଥା ମଧ ମଜୁରିଆ ମାନଙ୍କର ବ୍ୟାଙ୍କ ଆକାଉଣ୍ଟ ରଖି ତାଙ୍କ ଜମା ଖାତାରେ ପାଉଣା ଭରିବା ପରେ ଏହା କିଛି ଭାଗ ତୁରନ୍ତ ଉଠାଇ ନେଉଥିଲା। ପୂର୍ବତଟ ରେଳପଥ ଭିଜିଲାନ୍ସ ବିଭାଗ ଦ୍ୱାରା ଅଚାନକ ଚଢ଼ାଉ କରାଯିବାବେଳେ ଜଣାପଡିଥିଲା ଯେ ସଫେଇ ପାଇଁ ନିୟୋଜିତ ଠିକା ସଂସ୍ଥା ସର୍ବନିମ୍ନ ମଜୁରୀ ଦେଉନଥିଲା। ଠିକା ସଂସ୍ଥା କେତେକ ଠିକା କର୍ମଚାରୀ ମାନଙ୍କ ବ୍ୟାଙ୍କ ଖାତାରେ ମଜୁରୀ ପ୍ରଦାନ କରି ପରବର୍ତୀ ସମୟରେ ତାହାକୁ ଉଠାଇନେଉଥିଲା ଓ କାର୍ଯ୍ୟ ପରିସରରେ ମଧ ଉପଯୁକ୍ତ ଯନ୍ତ୍ରପାତି ଓ ଆନୁସଙ୍ଗିକ ଦ୍ରବ୍ୟ ସହିତ ସଠିକ କର୍ମବଳ ବ୍ୟବହାର କରୁନଥିଲା। ଭିଜିଲାନ୍ସ ବିଭାଗ ବିଭାଗୀୟ ଅଧିକାରୀଙ୍କୁ ଠୀକସଂସ୍ଥା ବିଲରୁ ପଇସା ଅସୁଲ କରି ଠିକା ମଜୁରିଆ ମାନଙ୍କୁ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେବା ସହ କେନ୍ଦ୍ରୀୟ ଲେବର କମିଶନରଙ୍କୁ ଜଣାଇବାକୁ କହିଛନ୍ତି। ଠିକା ସଂସ୍ଥା ବିଲ ରୁ ପାଉଣା ନେଇ ତୁରନ୍ତ ନିୟୋଜିତ ଠିକା କର୍ମଚାରୀମାନଙ୍କ ପାଉଣା ଭରିବାକୁ କହିଛନ୍ତି। ଏହା ପରେ ମଧ ଉକ୍ତ ଠିକା ସଂସ୍ଥା କୁ ନିୟମରେ ଅବହେଳା ଓ ଆନୁସଙ୍ଗିକ ଯନ୍ତ୍ରପାତି ସହ ଅନ୍ୟ ଦ୍ରବ୍ୟ ବ୍ୟବହାର ନକରୁଥିବା ପାଇଁ ଜୋରିମାନା ଆଦେଶ ଦେବା ସହ ଭବିଷ୍ୟତରେ ଯେପରି ସେ ଏହି କାର୍ଯ୍ୟରେ ଟେଣ୍ଡର ପ୍ରକ୍ରିୟାରେ ଭାଗ ନେଇନପାରିବ ସେଥିପ୍ରତି ଆଦେଶ ଦେଇଛନ୍ତି। ଏହି ଯାଞ୍ଚ ସମୟରେ ବିଭାଗୀୟ ଅଧିକାରୀଙ୍କୁ ୧୫.୫୧ ଲକ୍ଷ ଟଙ୍କା ଠିକା ସଂସ୍ଥା ଠାରୁ କିମ୍ବା ତା ବିଲ ରୁ ଆଦାୟ କରିବା ପାଇଁ କହିଥିଲେ।

# ବିଦ୍ୟାଳୟକୁ ମିଳିବ ସ୍ୱତନ୍ତ୍ର ଅନୁଦାନ; ଉପକୃତ ହେବେ ୬୦ଲକ୍ଷ ଛାତ୍ରଛାତ୍ରୀ

**ଭୁବନେଶ୍ୱର :** ରାଜ୍ୟରେ ଶିକ୍ଷା ବ୍ୟବସ୍ଥାରେ ଆମୂଳଚୂଳ ପରିବର୍ତ୍ତନ ଆଣିବା ପାଇଁ ଶିକ୍ଷା ବିଭାଗ ଏକ ବ୍ଲୁପ୍ରିଣ୍ଟ୍ ପ୍ରସ୍ତୁତ କରିଛି। ଆବଶ୍ୟକତା ଅନୁଯାୟୀ, ସ୍କୁଲଗୁଡ଼ିକର ଅଭାବ ଦୂର କରିବା ପାଇଁ ବିଭାଗ ଯୋଜନା କରୁଥିବା ବେଳେ ଏଥିରେ ରାଜ୍ୟର ମୋଟ ୫୮ହଜାର ୮୯ଟି ସ୍କୁଲକୁ ସାମିଲ କରାଯାଇଛି। ତେବେ ଏହି ସ୍କୁଲଗୁଡ଼ିକର ଥିବା ପ୍ରାଥମିକ ସମସ୍ୟା ସହିତ ଅନ୍ୟ ଦିଗ ଉପରେ ଦୃଷ୍ଟି ଦେଇ ତୁରନ୍ତ ଏହାର ସମାଧାନ କରାଯିବ। ଯାହାଦ୍ୱାରା ପ୍ରାୟ ୬୦ଲକ୍ଷ ଛାତ୍ରଛାତ୍ରୀ ଉପକୃତ ହେବା ସହିତ ପିଲାମାନଙ୍କର ଶିକ୍ଷା ବ୍ୟବସ୍ଥାରେ ଉନ୍ନତି ଆସିପାରିବ। ବିଶେଷକରି ଗୁଣାତ୍ମକ ଶିକ୍ଷା ଏବଂ ଦକ୍ଷତା ବିକାଶକୁ ରାଜ୍ୟ ସରକାର ପ୍ରାଧାନ୍ୟ ଦେଉଥିବା ବେଳେ ଖୁବ କମ୍ ଦିନରେ କିଭଳି ଏହାର ସଫଳ ରୂପାୟନ ହୋଇପାରିବ ସେ ନେଇ ପ୍ରୟାସ ଆରମ୍ଭ ହୋଇଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ରାଜ୍ୟରେ ପ୍ରାଥମିକ ସ୍କୁଲ ସଂଖ୍ୟା ୩୬ ହଜାର ୭୦ଟି ଥିବାବେଳେ ଉଚ୍ଚପ୍ରାଥମିକ ସ୍କୁଲ ସଂଖ୍ୟା ରହିଛି ୨୨ ହଜାର ୧୯। ସେହିପରି ମାଧ୍ୟମିକ ସ୍କୁଲକୁ ମିଶାଇଲେ ରାଜ୍ୟରେ ମୋଟ୍ ୫୮ହଜାର ୮୯ଟି ସ୍କୁଲ ରହିଛି। ତେବେ ରାଜ୍ୟରେ ସରକାରୀ ସ୍କୁଲଗୁଡ଼ିକର ଅଧିକ ଉନ୍ନତି ଆଣିବା ଲାଗି ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ବର୍ଷକୁ ଅନୁଦାନ ମିଳିଥିବା ବେଳେ ଆସନ୍ତାବର୍ଷ ଠାରୁ ସରକାର ସ୍ୱତନ୍ତ୍ର ଅନୁଦାନ ଦିଆଯିବ। ବିଶେଷକରି ସ୍କୁଲ ଗୁଡ଼ିକରେ ବିଜ୍ଞାନ ଉପକରଣ, ପାଠ୍ୟପୁସ୍ତକ, ଖେଳ ସରଞ୍ଜାମ, ଶିକ୍ଷାଦାନ ଲାଗି ପ୍ରଯୁକ୍ତିବିଦ୍ୟାର ଆବଶ୍ୟକତା ଅନୁଯାୟୀ ସୁବିଧା ସୁଯୋଗ ଏବଂ କିଛି ଛାତ୍ରୀ ସ୍କୁଲଗୁଡ଼ିକରେ ପିଲାଙ୍କୁ ମୌଳିକ ସୁବିଧା ଯୋଗାଇବା ପାଇଁ ସ୍ୱତନ୍ତ୍ର ଅନୁଦାନ ପ୍ରଦାନ କରାଯିବ। ପ୍ରଥମ ପର୍ଯ୍ୟାୟରେ ରାଜ୍ୟରେ ୧୫ହଜାର ପ୍ରାଥମିକ ସ୍କୁଲ ଏବଂ ୧୭ହଜାର ଉଚ୍ଚପ୍ରାଥମିକ ସ୍କୁଲଗୁଡ଼ିକୁ ତାଲିକାଭୁକ୍ତ କରାଯାଇଥିବା ବେଳେ ୨୦୨୨ରୁ ରାଜ୍ୟର ସବୁ ସରକାରୀସ୍କୁଲ ଏହି ଯୋଜନାରେ ସାମିଲ ହେବାର କାର୍ଯ୍ୟକ୍ରମ ରହିଛି। ଅନୁଦାନ ମଧ୍ୟରୁ ପ୍ରତି ବିଜ୍ଞାନ ଉପକରଣ ଲାଗି ପ୍ରତି ସ୍କୁଲକୁ ୫ ହଜାର ଟଙ୍କା, ପାଠ୍ୟପୁସ୍ତକ ଲାଗି ୮ହଜାର ଟଙ୍କା, ଖେଳ ସରଞ୍ଜାମ ଲାଗି ଅଢ଼େଇ ହଜାର ଟଙ୍କା, ବାଳିକା ସ୍କୁଲଗୁଡ଼ିକରେ ପିଲାଙ୍କୁ ମୌଳିକ ସୁବିଧା ଲାଗି ୬ ହଜାର ଟଙ୍କା ଲେଖାଏଁ ଦିଆଯିବ। ମୋଟ୍ ଉପରେ ପ୍ରତି ସ୍କୁଲକୁ ୨୧ହଜାର୫୦୦ ଟଙ୍କା ଦିଆଯିବ। ପ୍ରତି ୩ବର୍ଷକୁ ଥରେ ଏହି ଅନୁଦାନ ପ୍ରଦାନ କରାଯିବ। ସେହିପରି ସ୍କୁଲ ମନିଟରିଂ ଲାଗି ପ୍ରତ୍ୟେକ ସ୍କୁଲକୁ ବାର୍ଷିକ ୫ହଜାର ଟଙ୍କା ମଧ ପ୍ରଦାନ କରାଯିବ। ଯେଉଁଥିରେ ଶିକ୍ଷକଙ୍କ ଲାଗି ତାଲିମ୍, ବିଭିନ୍ନ ପ୍ରତିଯୋଗିତା, ପ୍ରଦର୍ଶନୀର ଆୟୋଜନ ଲାଗି ଖର୍ଚ୍ଚ କରାଯିବ। ସ୍କୁଲ ଓ ଗଣଶିକ୍ଷା ବିଭାଗର ଜଣେ ଅଧିକାରୀଙ୍କ କହିବା ଅନୁଯାୟୀ, ରାଜ୍ୟରେ ପ୍ରଥମରୁ ୫ମ ଶ୍ରେଣୀ ମଧ୍ୟରେ ୩୭ଲକ୍ଷ ୭୧ହଜାର ୨୪୯ଜଣ ଛାତ୍ରଛାତ୍ରୀ ପଢୁଥିବା ବେଳେ ଷଷ୍ଠରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କ ସଂଖ୍ୟା ୨୨ଲକ୍ଷ ୧ହଜାର ୬୨୧ ରହିଛି। ମୋଟ୍ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ମାତ୍ର ୨୨ପ୍ରତିଶତ ପିଲାଙ୍କର ସଠିକ ଭାବେ ଦକ୍ଷତା ବୃଦ୍ଧି ଘଟୁଥିବା ବେଳେ ୬୫ପ୍ରତିଶତ ପିଲା କ୍ରୀଡ଼ା ଏବଂ ବିଜ୍ଞାନରେ ପଛରେ ଥା'ନ୍ତି। ଏପରକି ସରକାରୀ ସ୍କୁଲଗୁଡ଼ିକରେ କେବଳ ପିଲାଙ୍କୁ ପାଠ୍ୟପୁସ୍ତକରେ ସୀମିତ ରଖାଯାଉଥିବା ବେଳେ ଆସନ୍ତା ଶିକ୍ଷାବର୍ଷରୁ ସରକାରୀ ସ୍କୁଲଗୁଡ଼ିକରେ ଷଷ୍ଠରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କୁ ଜାତୀୟସ୍ତରର ପ୍ରଶିକ୍ଷଣ ପ୍ରଦାନ କରାଯାଇ ସେମାନଙ୍କ ମଧ୍ୟରେ ସବୁ କ୍ଷେତ୍ରରେ ମୁକାବିଲା କରିବାର ଦକ୍ଷତା ବୃଦ୍ଧି ଲାଗି ପ୍ରୟାସ କରାଯିବ। ଏନେଇ ମଧ ସେମାନଙ୍କର ଶିକ୍ଷାଦାନ ବ୍ୟବସ୍ଥାରେ କିଛି ପରିବର୍ତ୍ତନ ସହ କ୍ରୀଡ଼ା, କଳା, ସଂଗୀତ, ବିଜ୍ଞାନ ଆଦି ଯେଉଁ କ୍ଷେତ୍ରରେ ପିଲାଙ୍କର ରୁଚି ଥିବ ସମ୍ପୃକ୍ତ ବିଷୟରେ ଅଧିକ ଦକ୍ଷତା ବଢ଼ାଇବା ଲାଗି ଅତିରିକ୍ତ ପ୍ରୟାସ କରାଯିବ। ବିଶେଷକରି ଇଂରାଜୀ ମାଧ୍ୟମ ସ୍କୁଲ ଗୁଡ଼ିକରେ ପିଲାଙ୍କୁ ଯେପରି ଭାବେ ପ୍ରସ୍ତୁତ କରାଯାଉଛି ସେହିଭଳି ସୁବିଧା ଯୋଗାଇ ଦିଆଯିବ।

## ସରକାରୀ ସଂସ୍ଥାକୁ ଅଧିକ ଦକ୍ଷ ଓ କ୍ରିୟାଶୀଳ କରିବା ପାଇଁ 'ମୋ ସରକାର' ଏକ ବଳିଷ୍ଠ ପଦକ୍ଷେପ : ଡ. ଅରୁଣ କୁମାର ସାହୁ

**ଭୁବନେଶ୍ୱର :** ରାଜ୍ୟର କୃଷକ ମାନଙ୍କର ଆୟ ବୃଦ୍ଧିରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଥିବା ପରିପ୍ରେକ୍ଷୀରେ ବିଭାଗକୁ ତ୍ରୁଟିଶୂନ୍ୟ ଏବଂଏକ ପ୍ରଗତିଶୀଳ ବିଭାଗରେ ପରିବର୍ତନ କରିବାକୁ ପଡ଼ିବ। ବିଗତ ଦୁଇ ଦଶନ୍ଧି ମଧ୍ୟରେ ରାଜ୍ୟରେ ମାଛ, ମାଂସ, ଅଣ୍ଡା ଓ ଦୁଗ୍ଧ ଉତ୍ପାଦନ ବୃଦ୍ଧି ପାଇଥିଲେ ହେଁ ଚାହିଦା ବୃଦ୍ଧି ପାଉଥିବାରୁ ଏହାର ଉତ୍ପାଦନ ବୃଦ୍ଧି କରି ରାଜ୍ୟକୁ ଆତ୍ମ ନିର୍ଭରଶୀଳ ସହିତ ବଳକା ରାଜ୍ୟରେପରିଣତ କରିବା ଦିଗରେ ନିଆଯାଇଥିବା ପଦକ୍ଷେପ ଗୁଡ଼ିକୁ ଅଧିକ ଫଳପ୍ରଦ କରିବା ଦିଗରେ ମୋ ସରକାର ଏକ ବଳିଷ୍ଠ ଉଦ୍ୟମ ବୋଲି କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ, ଉଚ୍ଚଶିକ୍ଷା ମନ୍ତ୍ରୀ ଡ. ଅରୁଣ କୁମାର ସାହୁ କହିଛନ୍ତି। ମୋ ସରକାର କାର୍ଯ୍ୟକ୍ରମରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗକୁ ଆଗାମୀ ଦିନରେ ସାମିଲ କରାଯାଉଥିବା ପରିପ୍ରେକ୍ଷୀରେ କୃଷି ଭବନଠାରେ ମୋ ସରକାରର କାର୍ଯ୍ୟକାରିତା ସମ୍ବନ୍ଧୀୟ କୃଷି ଭବନଠାରେ ଆୟୋଜିତ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଯୋଗଦେଇ ମନ୍ତ୍ରୀ ଡ. ସାହୁ କହିଲେ ରାଜ୍ୟରେ ବ୍ୟାପକ ପରିବର୍ତନ ପାଇଁ ୫ଟି କାର୍ଯ୍ୟକ୍ରମ ଅଧିନରେ ମୋ ସରକାରହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ଉଦ୍ୟମ। ସରକାରୀ ସଂସ୍ଥା ଗୁଡ଼ିକ ଅଧିକ ଦକ୍ଷ ଓ କ୍ରିୟାଶୀଳ କରିବା ପାଇଁ ମୋ ସରକାର ଏକ ବଳିଷ୍ଠ ପଦକ୍ଷେପ । ଫୋନ୍ କଲ୍ ମାଧ୍ୟମରେ ଜନସାଧାରଣଙ୍କ ମୂଲ୍ୟବାନ ମତାମତ ଲୋକଙ୍କ ପ୍ରତି ସରକାରୀ ଅନୁଷ୍ଠାନ ମାନଙ୍କର ଉତରଦାୟିତ୍ୱକୁ ବୃଦ୍ଧି କରିବାରେ ସହାୟକ ହେବ । ଅନୁକୂଳ ମତାମତ ଭିତିରେ ଅନୁଷ୍ଠାନ ଓ କର୍ମଚାରୀଙ୍କୁ ଭଲ ର୍ୟାଙ୍କ ଦିଆଯିବା ସହିତ ପ୍ରତିକୂଳ ମନ୍ତବ୍ୟ ପାଇଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ସରକାରୀ ଅଫିସରେ ଫାଇଲକୁ ଧାର୍ଯ୍ୟ ସମୟ ମଧ୍ୟରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଉପରେ ମନ୍ତ୍ରୀ ଗୁରୁତ୍ୱାରେପ କରିବା ସହିତ ନୋଡ଼ାଲ ଅଫିସରମାନେ ଜିଲ୍ଲାଗସ୍ତ ସମୟରେ କାର୍ଯ୍ୟାଳୟର ଫାଇଲ କାର୍ଯ୍ୟକୁ ନିର୍ଦ୍ଧାରିତ ସମୟ ମଧ୍ୟରେ ସମ୍ପାଦନ ସମ୍ପର୍କରେ ଯାଞ୍ଚ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗର କମିଶନର ତଥା ଶାସନ ସଚିବ ଆର. ରଘୁପ୍ରସାଦ କହିଲେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗକୁ ରାଜ୍ୟ ସରକାର ପ୍ରାଥମିକତା ପ୍ରଦାନ କରି ବଜେଟ୍‌ରେ ଅଧିକ ଅର୍ଥ ବରାଦ କରୁଛନ୍ତି। ମୋ ସରକାର କାର୍ଯ୍ୟକ୍ରମ ସାମଗ୍ରିକ ଭାବରେ ବିଭାଗର କାର୍ଯ୍ୟଦକ୍ଷତାକୁ ମପାଯିବାର ବ୍ୟବସ୍ଥା କରାଯାଇଛି ।

# ସିୟୁସିଇଟିରେ ଅଂଶଗ୍ରହଣ କରିବ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ

**ଭୁବନେଶ୍ୱର :** କୋରାପୁଟସ୍ଥିତ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଚଳିତ ବର୍ଷ ବିଭିନ୍ନ ସ୍ନାତକ, ସ୍ନାତୋକୋତର ଓ ଗବେଷଣା ପାଠ୍ୟକ୍ରମରେ ନାମଲେଖା ପାଇଁ ସର୍ବଭାରତୀୟସ୍ତରର କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଏକକ ପ୍ରବେଶିକା ପରୀକ୍ଷା (ସିୟୁସିଇଟି) କନସୋର୍ଟିୟମରେ ଅଂଶଗ୍ରହଣ କରିବ। ସିୟୁସିଇଟି ଏକ ଜାତୀୟସ୍ତରର ପ୍ରବେଶିକା ପରୀକ୍ଷା ଯାହା ଯୁଗ୍ମ ଭାବେ ୧୧ଟି କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଦ୍ୱାରା ନିୟନ୍ତ୍ରିତ ହୋଇଥାଏ। ସାରା ଦେଶର ବିଭିନ୍ନ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ସ୍ନାତକ, ସ୍ନାତୋକୋତର, ଏମ.ଫିଲ ଓ ପିଏଚ.ଡି ପାଠ୍ୟକ୍ରମ ପାଇଁ ଏଥିରେ ଏକକ ପ୍ରବେଶିକା ପରୀକ୍ଷାର ଆୟୋଜନ କରାଯାଏ। ଏଥିପାଇଁ ଥରେ ଆବେଦନ କଲେ ଛାତ୍ରଛାତ୍ରୀଙ୍କୁ ଯେକୌଣସି କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ନାମଲେଖାର ସୁଯୋଗ ମିଳିବ। ଛାତ୍ରଛାତ୍ରୀଙ୍କୁ ବ୍ୟାପକ ସୁଯୋଗ ଏବଂ ଅବସର ଯୋଗାଇ ଦେବା ଉଦ୍ଦେଶ୍ୟରେ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଚଳିତ ଥର ଏହି କନସୋର୍ଟିଅମରେ ଯୋଗ ଦେଇଛି। ଏହି ମଂଚରେ ଯୋଗ ଦେବା ଫଳରେ ସାରା ଦେଶରୁ ଛାତ୍ରଛାତ୍ରୀ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ନାମ ଲେଖା ପାଇଁ ଆବେଦନ କରିପାରିବେ। ଫଳରେ ଏହି ବିଶ୍ୱବିଦ୍ୟାଳୟର କେନ୍ଦ୍ରୀୟ ଗୁରୁତ୍ୱ ବଜାୟ ରହିବ। ଏହି ପ୍ରବେଶିକା ପରୀକ୍ଷା ଦେଶର ବିଭିନ୍ନ ସହରରେ ଅନୁଷ୍ଠିତ ହେବ। ମାର୍ଚ୍ଚ ୨୦୨୦ରୁ ସିୟୁସିଇଟି ପାଇଁ ପଞ୍ଜିକରଣ ଆରମ୍ଭ ହେବ। ଏଥିପାଇଁ ଯୋଗ୍ୟ ପ୍ରାର୍ଥୀମାନେ ଆବେଦନ କରିପାରିବେ। ଦୁଇ ଘଂଟାର ଅବଧି ବିଶିଷ୍ଟ ଏହି ପରୀକ୍ଷା ଅଫଲାଇନରେ ହେବ। ରାଜସ୍ଥାନ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଚଳିତ ଥର ଏହି ପରୀକ୍ଷା ଆୟୋଜନ କରୁଛି। ଏଥର ଓଡ଼ିଶା କେନ୍ଦ୍ର ବିଶ୍ୱବିଦ୍ୟାଳୟ ପକ୍ଷରୁ ୩୦ଟି ପାଠ୍ୟକ୍ରମ ପାଇଁ ଆବେଦନ ଆହ୍ୱାନ କରାଯିବ। ପ୍ରବେଶିକା ପରୀକ୍ଷା ପାଇଁ ଯୋଗ୍ୟତା ମାନଦଣ୍ଡ ଓ ପାଠ୍ୟକ୍ରମର ସିଟ ସଂଖ୍ୟା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ୱେବସାଇଟ **http://cuo.ac.in/** ଏବଂ ସିୟୁସିଇଟିର ୱେବସାଇଟ **https://www.cucetexam.in/** ରେ ଖୁବଶୀଘ୍ର ଅପଲୋଡ କରାଯିବ।

## ଜଙ୍ଗଲ ବଢ଼ିଛି ୨୭୪ କିମି


**ଭୁବନେଶ୍ୱର :** ଇଣ୍ଡିଆନ୍ ଷ୍ଟେଟ୍ ଅଫ ଫରେଷ୍ଟ ରିପୋର୍ଟ ଅନୁଯାୟୀ ଓଡ଼ିଶାର ଜଙ୍ଗଲ ପରିସୀମା ୨୭୪ କମି ବୃଦ୍ଧି ପାଇଛି। ଏହା ଛଡ଼ା ୬୫୫ ବିର୍ଗ କିଲୋମିଟର ପରିସୀମା ମଧ୍ୟରେ ବୃକ୍ଷ ରୋପଣ ବୃଦ୍ଧି ପାଇଛି। ଏହା କାମ୍ପା ପାଣ୍ଠିର ସଦ ବିନିଯୋଗ ଏବଂ ବୃକ୍ଷରୋପଣ ପରବର୍ତ୍ତୀ ରକ୍ଷଣବେକ୍ଷଣ ଯୋଗୁଁ ସମ୍ଭବପର ହୋଇପାରିଛି ବୋଲି ଜଙ୍ଗଲ ଓ ପରିବେଶ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡଃ.ମୋନା ଶର୍ମା ସୂଚନା ଦେଇଛନ୍ତି। ଲୋକସେବା ଭବନରେ ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀଙ୍କ ଅଧକ୍ଷତାରେ ଅନୁଷ୍ଠିତ କାମ୍ପା ଷ୍ଟିୟରିଂ କମିଟିର ବୈଠକରେ ଗତ ବର୍ଷକ କାମ୍ପା ପାଙ୍ଗରିର ପରିଚାଳନା ଓ ଆସନ୍ତା ଆର୍ଥିକ ବର୍ଷ ନିମନ୍ତେ ଆକ୍ସନ ପ୍ଲାନକୁ ନୀତିଗତ ଭାବେ ମଞ୍ଜୁରୀ ମିଳିଛି। ୨୦୨୦-୨୧ ଆର୍ଥିକ ବର୍ଷରେ ଜୈବ ବିବିଧତା ବଜାୟ ରଖିବା ଓ ପଶୁପକ୍ଷୀମାନଙ୍କ ସୁରକ୍ଷା ଓ ନୂତନ ଜଙ୍ଗଲ ସୃଷ୍ଟି ନିମନ୍ତେ ମୋଟ ୮୦୩ କୋଟି ୬୫ ଲକ୍ଷ ଟଙ୍କାକୁ ଷ୍ଟିୟରିଂ କମିଟିରେ ଅନୁମୋଦନ ମିଳିଛି। କେନ୍ଦ୍ରପଡ଼ା ଜିଲ୍ଲା ଭିତରକନିକାରେ ଅଧିକରୁ ଅଧିକ ବୃକ୍ଷରୋପଣ ଉପରେ ଗୁରୁତ୍ୱ ଦିଆଯାଇଛି। ଆସନ୍ତା ଆର୍ଥିକ ବର୍ଷରେ ପ୍ରାୟ ୧୫୦୦ ରୁ ୧୬୦୦ ହେକ୍ଟରରେ ବୃକ୍ଷ ରୋପଣ କରିବାର ଲକ୍ଷ୍ୟ ରଖାଯାଇଛି। ଜଙ୍ଗଲ ଗୁଡ଼ିକରେ ନିଆର ପ୍ରକୋପର ମୁକାବିଲା ନିମନ୍ତେ ୪୧.୧୩ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି। ଜଙ୍ଗଲ ପରିସୀମାର ସଠିକ ତଦାରଖ କରିବା ନିମନ୍ତେ ଡିଜିପିଏସ୍ ସର୍ଭେ କରାଯିବ। ଆସନ୍ତା ୪ ବର୍ଷ ମଧ୍ୟରେ ଏହି କାର୍ଯ୍ୟ ଶେଷ ହେବ ବୋଲି ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଶର୍ମା ସୂଚନା ଦେଇଛନ୍ତି।

# ଜଳବାୟୁ ପରିବର୍ତ୍ତନ ସଂପର୍କିତ ରାଜ୍ୟ ଖସଡା ପ୍ରସ୍ତୁତି ପାଇଁ କର୍ମଶାଳା

**ବାରିପଦା :** ରାଜ୍ୟ ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ (ଜଳବାୟୁ ପରିବର୍ତ୍ତନ ସେଲ) ପକ୍ଷରୁ ଜଳବାୟୁ ପରିବର୍ତ୍ତନ ସମ୍ପର୍କିତ ଏକ ଆଞ୍ଚଳିକ ସ୍ତରୀୟ ଦୁଇ ଦିନିଆ ପରାମର୍ଶ କର୍ମଶାଳା ଫେବୃଆରୀ ୧୧ ଓ ୧୨ ତାରିଖରେ ବାରିପଦାଠାରେ ଅନୁଷ୍ଠିତ ହୋଇ ଯାଇଅଛି। କେନ୍ଦ୍ର ବିଜ୍ଞାନ ଓ ପ୍ରଯୁକ୍ତି ବିଭାଗ ସହାୟତା ଓଡିଶା ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ଜଳବାୟୁ ପରିବର୍ତନ ସେଲ ଭୁବନେଶ୍ୱର ତତ୍ତ୍ୱାବଧାନ ଓ ବାରିପଦା ବନଖଣ୍ଡ ସଂକଳ୍ପ ସମ୍ମିଳନୀ ଗୃହ, ବାରିପଦାଠାରେ ଆୟୋଜିତ ଏହି ଦୁଇ ଦିନିଆ କର୍ମଶାଳାକୁ ବନଖଣ୍ଡ ଅଧିକାରୀ, ମୟୂରଭଞ୍ଜ ସୟମ ମଲ୍ଲିକ, ମୁଖ୍ୟ ଅତିଥି ଭାବେ ସେ ଯୋଗ ଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ରାଜ୍ୟ ଜଙ୍ଗଲ ଓ ପରିବେଶ ବିଭାଗ (ଜଳବାୟୁ ପରିବର୍ତନ ସେଲ୍)ର ବରିଷ୍ଠ ବୈଜ୍ଞାନିକ ଡ.କୃଷ୍ଣଚନ୍ଦ୍ର ପାଲଙ୍କ ସଂଯୋଜନାରେ ଅନୁଷ୍ଠିତ ଉକ୍ତ କର୍ମଶାଳା ପ୍ରାରମ୍ଭରେ ସମସ୍ତଙ୍କୁ ସ୍ୱାଗତ ଜଣାଇ କର୍ମଶାଳାର ଆଭିମୁଖ୍ୟ ସଂପର୍କରେ ଆଲୋକପାତ ପୂର୍ବକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ମୁଖ୍ୟଅତିଥି ବାରିପଦା ବନଖଣ୍ଡ ଅଧିକାରୀ ଶ୍ରୀ ମଲ୍ଲିକ ଜଳବାୟୁ ପରିବର୍ତନ ଯୋଗୁଁ ଜଙ୍ଗଲ ଓ ପରିବେଶ ତଥା ଜୀବଜଗତ ଉପରେ ପଡୁଥିବା ପ୍ରଭାବ ଉପରେ



ଆଲୋକପାତ ପୂର୍ବକ ପ୍ରତ୍ୟେକ ପରିବେଶ ସନ୍ତୁଳନ ରକ୍ଷା ଦିଗରେ ଗୁରୁତ୍ୱ ଦେଇ ଜଙ୍ଗଲ ସୁରକ୍ଷା ସହ ବ୍ୟାପକ ବୃକ୍ଷରୋପଣ କରିବା ପାଇଁ ବକ୍ତବ୍ୟରେ ପରାମର୍ଶ ଦେଇଥିଲେ। ଆୟୋଜିତ ଏହି ଦୁଇ ଦୁନିଆ କର୍ମଶାଳାର ପ୍ରଥମ ଦିବସ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବରେ ଶିମିଳିପାଳ, ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଉପନିର୍ଦ୍ଦେଶକ ଡ. ଯଜ୍ଞଦତ ପତି, ବନଖଣ୍ଡ ଅଧିକାରୀ (ବନ୍ୟଜନ୍ତୁ) ବାଲେଶ୍ୱର ବିଶ୍ୱରାଜ ପଣ୍ଡା, ରାଇରଙ୍ଗପୁର ବନଖଣ୍ଡ ଅଧିକାରୀ ଅରୁଣ କୁମାର ମିଶ୍ର, କେନ୍ଦ୍ରପଡା ରାଜନଗର ବନଖଣ୍ଡ ଅଧିକାରୀ ବିକାଶ ରଂଜନ ଦାସ ଏବଂ ବାରିପଦା ବନଖଣ୍ଡ ଏସିଏଫ, ମଗର ଧନଜୀ ରାଉସ, ପ୍ରମୁଖ ଯୋଗ ଦେଇ ଜଳବାୟୁର ପରିବର୍ତନ ସଂପର୍କୀତ ବିଭାଗୀୟ ଯୋଜନା କାର୍ଯ୍ୟନୟନ ଓ ପରିବେଶ ସନ୍ତୁଳନ ରକ୍ଷା ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଆଲୋଚନା ପ୍ରର୍ଯ୍ୟାୟର ପ୍ରଥମ ଅଧିବେସନରେ ଉତର ଓଡିଶା ବିଶ୍ୱବିଦ୍ୟାଳୟର ଆସିଷ୍ଟାଣ୍ଟ ପ୍ରଫେସର ଡ. କମଲ ଲୋଚନ ବାରିକ ଡେପୁଟୀ ଡାଇରେକ୍ଟର (ଏସଟିଆର) ଡ. ପତି, ଖଲିକୋଟ ବିଶ୍ୱବିଦ୍ୟାଳୟର ଆସୋସିଏଟ୍ ପ୍ରଫେସର ଡ. ଅଞ୍ଜନ କୁମାର ପୃଷ୍ଟି ପ୍ରମୁଖ ଯୋଗ ଦେଇ ଯଥାକ୍ରମେ ଜଳବାୟୁ ପରିବର୍ତନ ପ୍ରଭାବରେ ଗ୍ଲୋବାଲ ଓ୍ୱାମିଂ, ବନ୍ୟ ଜୀବଜନ୍ତୁ ଏବଂ ପରିବେଶ ସନ୍ତୁଳନ ରକ୍ଷା କରିବାରେ ସମ୍ମନିତ କାର୍ଯ୍ୟଖସଡା ପ୍ରସ୍ତୁତି ରୂପାୟନର ବିଭିନ୍ନ ଦିଗଉପରେ ଆଲୋଚନା କରିଥିବାବେଳେ ଦ୍ୱିତୀୟ ପର୍ଯ୍ୟାୟ ଅଧିବେସନରେ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଚାରୁଲତା ରଥ, ଆଂଚଳିକ ପରିବହନ ଅଧିକାରୀ ମୟୂରଭଞ୍ଜ, ଗୋପାଳ କୃଷ୍ଣଦାସ, ସିଡିଭିଓ ମୟୂରଭଞ୍ଜ ଡା. ଅଭୟ କୁମାର ତ୍ରିପାଠୀ ବନଖଣ୍ଡ ଅଧିକାରୀ ରାଇରଙ୍ଗପୁର ଶ୍ରୀ ମିଶ୍ର, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଦାମୋଦର ସେଠୀ, ପ୍ରମୁଖ ଯୋଗ ଦେଇ ଜଳବାୟୁ ପରିବର୍ତନ ଫଳରେ ମନୁଷ୍ୟ ସମାଜର ସ୍ୱାସ୍ଥ୍ୟ, ଯାନ୍ତ୍ରିକ ଯାନବାହାନ ବୃଦ୍ଧି ଜନୀତ ପରିବେଶ ପ୍ରଦୂଷଣ, ଗୃହପାଳିତ ପଶୁ ଜୀବଜନ୍ତୁ, କୃଷିଭିତିକ ଫସଲ ଉତ୍ପାଦନ ଏବଂ ସଂପ୍ରାତିକ ପରିବେଶର ସ୍ଥିତି ଆଦି କ୍ଷେତ୍ରରେ ପଡୁଥିବା ପ୍ରଭାବ ସଂପର୍କରେ ଆଲୋଚନା କରିବା ସହିତ ତାର ପ୍ରତିକାର / ପ୍ରତିଶେଧ ମୂଳକ ପଦକ୍ଷେପ ଗ୍ରହଣ କରାଯିବା ଉପରେ ମତବ୍ୟକ୍ତ କରିଥିଲେ। ସେହିପରି କର୍ମଶାଳର ଦ୍ୱିତୀୟ ଦିବସରେ ସମ୍ମାନିତ ଅତିଥି ଭାବରେ ଜିଲ୍ଲା ଶିକ୍ଷାଧିକାରୀ ମୟୂରଭଞ୍ଜ ପ୍ରଦୋଶ କୁମାର ନାୟକ, ପୂର୍ବତନ ଅଧାପକ ଡ. ହରିହର ଦାସ, ଜିଲ୍ଲା ପରିବେଶ ସମିତି ମୟୂରଭଞ୍ଜ ର ଉପାଧକ୍ଷ ସନ୍ତୋଷ ମହାନ୍ତି। ସମାଜ ସେବୀ ଡ. ରମାକାନ୍ତ ମହାନ୍ତ ପ୍ରମୁଖ ଯୋଗ ଦେଇ ଜଳବାୟୁ ପରିବର୍ତନ ଜନିତ ଜୀବଜଗତ ପରିବେଶ ଉପରେ ପଡୁଥିବା କୁ ପ୍ରଭାବର କାରଣ ଓ ପ୍ରତିକାର ତଥା ପରିବେଶର ସନ୍ତୁଳନ ରକ୍ଷା ଦିଗରେ ବ୍ୟାପକ ସଚତେନତା ମୂଳକ ପଦକ୍ଷେପ ଗ୍ରହଣ କରାଯିବା ନେଇ ଦିଗରେ ବିଭିନ୍ନ ଗଠନ ମୂଳକ ପ୍ରସ୍ତାବ ଉପରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୟୂରଭଞ୍ଜ ଇକୋ କ୍ଲବର ମାଷ୍ଟର ଟ୍ରେନର ଶିକ୍ଷକ ଅଜିତ୍ କୁମାର ଜେନା ଜିଲ୍ଲା ଶିକ୍ଷା ବିଭାଗ ବିଜ୍ଞାନ ନିରୀକ୍ଷକ ଜଗନ୍ନାଥ ସାହୁ ପ୍ରମୁଖ ଏଥିରେ ଯୋଗ ଦେଇ ଜଳବାୟ ପରିବର୍ତନରେ ପରିବେଶର ସନ୍ତୁଳନ ରକ୍ଷା ଏବଂ ବିଜ୍ଞାନ ସମ୍ମତ କିପରି ପ୍ରଚ୍ଛନ୍ନ ଆଲୋକିକ ଶକ୍ତିର ସତ୍ୟତା ଜୀବଜଗତ ଉପରେ ରହିଛି, ସେ ସଂପର୍କୀତ ଆଲୋକପାତ କରିଥିଲେ। ଏହି ଅବସରରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଓ ଇକୋ କ୍ଲବର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ପରିବେଶ ସନ୍ତୁଳନ ଉପରେ ସାଂସ୍କୃତିକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉକ୍ତ ଅନୁଷ୍ଠିତ ଦୁଇ ଦୁନିଆ ଆଂଚଳିକ ସ୍ତରୀୟ ବିଭିନ୍ନ ଜିଲ୍ଲାର ସଂପୃକ୍ତ ବନଖଣ୍ଡ ଅଧିକାରୀ / କ୍ଷେତ୍ର ଅଧିକାରୀ, ଇକୋ କ୍ଲବର ମାଷ୍ଟର ଟ୍ରେନର ଶିକ୍ଷକ ଶିକ୍ଷୟତ୍ରୀ ଓ ଛାତ୍ରଛାତ୍ରୀ, ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତା ମାନେ ଯୋଗ ଦେଇଥିଲେ। ଆୟୋଜିତ ଏହି କର୍ମଶାଳା କାର୍ଯ୍ୟକ୍ରମର ସୁପରିଚାଳନା ପାଇଁ ଜଳବାୟୁ ପରିବର୍ତନ ସେଲର କନିଷ୍ଟ ବୈଜ୍ଞାନିକ ସୁଜିତ କୁମାର ସାହୁ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିବାବେଳେ ଡ. ପୁର୍ଣ୍ଣଚନ୍ଦ୍ର ମହାପାତ୍ର, ଅନ୍ୱିତ୍ କୁମାର ମହାନ୍ତି ଏବଂ ବାରିପଦା ବନଖଣ୍ଡର ସଂପୃକ୍ତ ଅଧିକାରୀ ଓ କର୍ମଚାରୀ ସହଯୋଗ କରିଥିଲେ।



ସୁଖ ପାଖରେ ଜ୍ଞାନ ନଥାଏ। ଯିଏ ଜ୍ଞାନୀ ସେ ସୁଖ ପଛରେ ଗୋଡ଼ାଏ ନାହିଁ।

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର



# ପ୍ରକୃତିକୁ ଜିତିବା ସହଜ !



ସମ୍ପାଦକୀୟ
ତାରକ ମହାନ୍ତି

ସୃଷ୍ଟିର ନିୟମ ବଡ ବିଚିତ୍ର। କେତେବେଳେ ମହାବାତ୍ୟାର ପ୍ରକୋପ ତ ଆଉ କେତେବେଳେ କରୋନା ଭଳି ଭୂତାଣୁର ନୂଆ ଆତଙ୍କ। ମଣିଷ ନିଜକୁ ଯେତେ ବଳଶାଳୀ ଭାବିଲେ ବି ପ୍ରକୃତିର ନିୟମ ଆଗରେ ନିଶ୍ଚୟ ହାରିଯିବ। ଏହାର ପ୍ରମାଣ ବାରମ୍ବାର ମିଳିସାରିଛି। ରାସ୍ତା ଦୁର୍ଘଟଣା ଠାରୁ ଆରମ୍ଭ କରି ବିଜୁଳି ଆଘାତରେ ମୃତ୍ୟୁ ପର୍ଯ୍ୟନ୍ତ ସବୁ ଯେମିତି ସମୟର ଅଲେଖା ଖାତାରେ ଲିପିବଦ୍ଧ ହୋଇ ରହିଲାପରି। ନିୟତିର କୋପଦୃଷ୍ଟି ଆଗରେ ମଣିଷର ପରାଭବ ଅତି ନଗଣ୍ୟ। ଚୀନ୍ ଭଳି ବିକଶିତ ରାଷ୍ଟ୍ର ଏବେ କରୋନା ଭାଇରସକୁ ନେଇ ଯେଭଳି ବ୍ୟସ୍ତ ଓ ବିବ୍ରତ ତାହା ନିଶ୍ଚୟ ଚିନ୍ତାଜନକ। ବିଶ୍ୱରେ ଯେଉଁ ଯେଉଁ ରାଷ୍ଟ୍ର ବିକାଶର ଶିଖର ଛୁଇଁବାକୁ ପ୍ରତିଯୋଗିତାରେ ଅବତୀର୍ଣ୍ଣ ହୋଇଛନ୍ତି ସେମାନେ କେଉଁଠି ନା କେଉଁଠି ପ୍ରକୃତିର ତାଣ୍ଡବଲୀଳାକୁ ସାମ୍ନା କରିଛନ୍ତି। ମଣିଷ ନିଜକୁ ଯେତିକି ଯେତିକି ଆଧୁନିକ ଓ ବିଜ୍ଞ ମନେ କରୁଛି ପ୍ରକୃତି ସେତିକି ସେତିକି ନିଜର କାୟା ବିସ୍ତାର କରି ସଭ୍ୟ ସମାଜକୁ ଗୋଟିଏ ଗୋଟିଏ ଚେତାବନୀ ଦେଇଚାଲିଛି। ବିଜ୍ଞାନ ନିଜର ଗରିମାକୁ ନେଇ ଯେତିକି ଉତ୍‌ଫୁଲିତ ହେଉଛି ପ୍ରକୃତି ମଧ୍ୟ ସମାନ ଭାବେ ନିଜର ସ୍ୱଭାବକୁ ନେଇ ଆଚରଣରେ ପରିବର୍ତ୍ତନ ଆଣିଛି। ଚନ୍ଦ୍ରପୃଷ୍ଠ ହେଉ ବା ମଙ୍ଗଳରେ ଘର କରିବାର ସ୍ୱପ୍ନ ଦେଖୁଥିବା ବିଜ୍ଞାନୀମାନେ କେଉଁଠି ନା କେଉଁଠି କ୍ଷଣିକ ପାଇଁ ହେଉ ପଛେ ଥକି ଯାଇଛନ୍ତି। ଏହାର କାରଣ ପ୍ରକୃତିକୁ ଜୟ କରିବା ପାଇଁ ମଣିଷ ନିକଟରେ ସେତିକି ବୁଦ୍ଧି ଓ ଜ୍ଞାନ ନାହିଁ। ତେଣୁ ପ୍ରତ୍ୟେକ କ୍ଷେତ୍ରରେ ପ୍ରକୃତି ଓ ପରିବେଶକୁ ସୁସ୍ଥ ରଖି ବିକାଶୋନ୍ମୁଖୀ ସ୍ୱପ୍ନ ଦେଖିବାରେ ହୁଏତ ସଫଳତା ଲୁଚି ରହିଛି ବୋଲି ଅନୁଭବ କରିବାକୁ ପଡିବ। ନଚେତ୍ ସୁନ୍ଦର ପ୍ରାଣଟିକୁ ବିନାଶ କରିବା ପାଇଁ ପ୍ରକୃତି ନିକଟରେ ଯେତିକି ଉପାର୍ଜନ ରହିଛି ତାହା କିଛି କମ୍ ନୁହେଁ। ଯେଉଁ ପ୍ରକୃତିର ପାଣି, ପବନ, ଖାଦ୍ୟ ଖାଇ ମଣିଷ ନିଜକୁ ସମ୍ଭ୍ରାନ୍ତ ଓ ବିତ୍ତଶାଳୀ ଭାବୁଛି ଏହି ପ୍ରକୃତି ହିଁ ମଣିଷକୁ ବିନାଶପଥର ପଥିକ ସଜାଇବା ପାଇଁ କୁଣ୍ଠା ପ୍ରକାଶ କରୁନାହିଁ। ଏହାର କାରଣ ମଣିଷ ଦ୍ୱାରା ପ୍ରକୃତିର ପ୍ରଭୁତ କ୍ଷତି ହୋଇଥିବାରୁ ପ୍ରକୃତି ମଧ୍ୟ ନିଜର ସ୍ୱରୂପ ପ୍ରକାଶ କରୁଛି। ସମ୍ପ୍ରତି ସମଗ୍ର ବିଶ୍ୱର ବାୟୁମଣ୍ଡଳ ପ୍ରଦୂଷଣର ବିଷ ଜ୍ୱାଳାରେ ଅତିଷ୍ଠ ହେବାକୁ ବସିଛି। ବୃକ୍ଷ,ଲତା ଲୋପ ପାଇବା ଫଳରେ ବାୟୁ ମଣ୍ଡଳରେ ଉତ୍ତାପ ବୃଦ୍ଧି ପାଇଛି। ଯାହାଫଳରେ ଆଣ୍ଟାର୍କଟିକାରେ ବରଫ ତରଳି ସମୁଦ୍ରର ଜଳପତ୍ତନ ଆଶାତୀତ ଭାବେ ବୃଦ୍ଧି ପାଇବା ଫଳରେ ଏହା ସଭ୍ୟତା ପାଇଁ ବିନାଶର ଚେତାବନୀ ଦେବା ଆରମ୍ଭ କରିଛି। ତଦନୁସାରେ ମଣିଷ ନିଜର ସ୍ୱଭାବରେ ପରିବର୍ତ୍ତନ ନ ଆଣିଲେ ଆଗକୁ ବିଷମ ପରିସ୍ଥିତି ସୃଷ୍ଟି ହେବ। ଯାହାର ଫଳ ଭୋଗିବେ ଏହି ଜ୍ଞାନୀ, ବିଜ୍ଞାନୀ ବୋଲାଉଥିବା ମଣିଷମାନେ। କେବଳ ବୃକ୍ଷ, ଲତା ନୁହେଁ ସଂସାରରୁ ବହୁ ପ୍ରକାର ପଶୁ,ପକ୍ଷୀ ଲୋପ ପାଇଗଲେଣି। ଏହାର କାରଣ ଜୈବ ବିବିଧତା ନଷ୍ଟ ଯୋଗୁ ଏଭଳି ପରିସ୍ଥିତି ଦେଖିବାକୁ ମିଳିଛି। ଏଥିସହିତ ବିଭିନ୍ନ ଗ୍ରହ, ଉପଗ୍ରହ ପ୍ରେରଣ ମାଧ୍ୟମରେ ବୈଜ୍ଞାନିକମାନେ ଯେଉଁ ଯେଉଁ ନୂଆ ତଥ୍ୟ ଉଦ୍ଭାବନ କରି ମଣିଷ ସମାଜକୁ ବିକାଶର ବାର୍ତ୍ତା ଦେବା ପାଇଁ ଅହରହ ଉଦ୍ୟମ କରୁଛନ୍ତି ତାହାର କୁପ୍ରଭାବ ମଧ୍ୟ ପ୍ରକୃତି ଉପରେ ପଡୁଛି। ଯୋଗାଯୋଗ ମାଧ୍ୟମ ପାଇଁ ଯେତିକି ଯେତିକି ବୈଜ୍ଞାନିକ ଉପଲବ୍ଧି ସାମ୍ନାକୁ ଆସୁଛି, ସେତିକି ସେତିକି ବିକିରଣର କୁପ୍ରଭାବ ପ୍ରାଣୀଜଗତ ଉପରେ ପଡୁଛି। ଫଳ ସ୍ୱରୂପ ଏହି ବିକିରଣକୁ ସହ୍ୟ କରିପାରୁ ନଥିବା ପଶୁ,ପକ୍ଷୀଙ୍କ ବଂଶ ଲୋପ ପାଇବା ସହିତ ମଣିଷ ପାଇଁ ନାନାପ୍ରକାର ବ୍ୟାଧି ନେଇଆସୁଛି। ଏହା ହୁଏତ ବିଶେଷକାରଣ ହୋଇପାରେ। ମାତ୍ର ମଣିଷ ନିଜର ସ୍ୱଭାବ ପରିବର୍ତ୍ତନ କରିବା ସହିତ ଆଚାର, ବିଚାର ଓ ଖାଦ୍ୟପେୟରେ ଯେଉଁଭଳି ଅନିୟମିତତା ଦେଖାଇ ଚାଲିଛି ସେଥିରେ ଭୟଙ୍କର ରୋଗ ହେବା ସ୍ୱାଭାବିକ।

ବର୍ତ୍ତମାନ ପରିସ୍ଥିତିରେ ଚୀନ୍ କଥା ବିଚାରକୁ ନେଲେ ଏହା ସ୍ପଷ୍ଟ ବାରି ହୋଇପଡୁଛି। ଚୀନ୍‌ରେ କରୋନା ଭାଇରସ ସଂକ୍ରମଣ କମିବାର ନାଁ ଧରୁନଥିଲା ବେଳେ ଏହାର ପ୍ରଭାବ ସାରା ବିଶ୍ୱକୁ ସଞ୍ଚରି ଗଲା ଭଳି ମନେହୁଏ। ଚୀନ୍ ସରକାରଙ୍କ ତଥ୍ୟ ଅନୁସାରେ ଦୈନିକ ୧୦୦ଜଣ କରୋନା ଆକ୍ରାନ୍ତ ବ୍ୟକ୍ତି ମୃତ୍ୟୁମୁଖରେ ପଡୁଛନ୍ତି। ଏଠାରେ ସଂକ୍ରମିତ ରୋଗୀଙ୍କ ସଂଖ୍ୟା ଆକଳନଠାରୁ ଢେର ଅଧିକ। ତେଣୁ ଏହି ଗୋଟିଏ ଘଟଣାକୁ ଅନୁଧ୍ୟାନ କଲେ ବିଶ୍ୱର ଶ୍ରେଷ୍ଠ ବୋଲାଉଥିବା ଗୋଟିଏ ରାଷ୍ଟ୍ର ଖାଦ୍ୟକୁ ନେଇ ଏଭଳି ଜଟିଳ ସମସ୍ୟାରେ ପଡିଥିବା ଜଣାପଡେ। କାରଣ ଚୀନ୍ ଲୋକଙ୍କ ଖାଦ୍ୟାଭ୍ୟାସ ସବୁଠୁ ନିଆରା। ସେଠାରେ କଞ୍ଚା, ଦରସିଝା ପଶୁ, ପକ୍ଷୀଙ୍କ ଠାରୁ ଆରମ୍ଭ କରି ବିଭିନ୍ନ ଶରୀସୃପ ଖାଇବାର ଯେଉଁ ପରମ୍ପରା ରହିଛି ତାହା ତାଙ୍କ ପାଇଁ ହୁଏତ ରୁଚିଦାୟକ ହୋଇପାରେ। ମାତ୍ର ମଣିଷର ଶରୀର ଏସବୁକୁ ଗ୍ରହଣ କରିବା ପାଇଁ ସକ୍ଷମ ନୁହେଁ। ଶିକାର କରି ମାଂସ ଖାଇବା ପଶୁମାନଙ୍କର ପ୍ରକୃତି। ମଣିଷମାନେ ଶାକାହାରୀ ହେବା ଉଚିତ୍। ଯେଉଁ ଯେଉଁ ରାଷ୍ଟ୍ରମାନେ ଶାକାହାର ଭୋଜନ ବା ଅଳ୍ପ ଭୋଜନରେ ମଣିଷ ବିଶ୍ୱାସ କରନ୍ତି ସେଠାରେ ରୋଗର ପରିମାଣ ସେତେ କମ୍। ଭାରତର ପ୍ରାଚୀନତାକୁ ଅନୁଭବ କଲେ ଜଣାପଡେ ଯେ, ଆମ ଦେଶରେ ମାଂସାହାରୀଙ୍କ ଅପେକ୍ଷା ଶାକାହାରୀଙ୍କ ସଂଖ୍ୟା ଅଧିକ ଥିଲା। ପ୍ରକୃତିଦତ୍ତ ବିଭିନ୍ନ ଫଳମୂଳ ଖାଇ ମଣିଷମାନେ ଦୀର୍ଘଜୀବୀ ହେଉଥିଲେ। ବର୍ତ୍ତମାନ ଜୀବନଚର୍ଯ୍ୟାରେ ପରିବର୍ତ୍ତନ ହେତୁ ମଣିଷ ଶାକାହାରୀ ହେବା ଅପେକ୍ଷା ଆମିଷ ଭୋଜନକୁ ପ୍ରାଧାନ୍ୟ ଦେଉଛି। ଯେଉଁଥିପାଇଁ ଦୂରାରୋଗ ବ୍ୟାଧିର ସଂଖ୍ୟା ବଢ଼ି ବଢ଼ି ଚାଲିଛି। ତାହା ଉଚ୍ଚ ରକ୍ତଚାପ, ମଧୁମେହ, କର୍କଟ, ହୃଦଘାତ ଭଳି ଜଟିଳ ସମସ୍ୟାକୁ ଡାକି ଆଣୁଛି। ପୂର୍ବକାଳେ ଶତାୟୁଙ୍କ ସଂଖ୍ୟା ଅଧିକ ଦେଖିବାକୁ ମିଳୁଥିଲା ବେଳେ ବର୍ତ୍ତମାନ ଏଥିରେ ଦ୍ରୁତ ଅବନତି ଘଟୁଛି। ମାତ୍ର ୬୦ବର୍ଷ ବୟସ ପରେ ମଣିଷ ବିଭିନ୍ନ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେବାକୁ ସମ୍ବଳ ମଧ୍ୟ ଯୋଗାଡ କରିପାରୁନାହିଁ। ଚିକିତ୍ସା ବିଜ୍ଞାନ ବି ଏଭଳି ଏକ ସ୍ଥିତିରେ ପହଞ୍ଚିଛି ଯେଉଁଥିରେ ସ୍ୱଳ୍ପ ମୂଲ୍ୟରେ ଦୂରାରୋଗ ବ୍ୟାଧିର ଚିକିତ୍ସା ସମ୍ଭବପର ନୁହେଁ। ଅର୍ଥ ନଥିଲେ ଜୀବନ ବଞ୍ଚାଇବା ଏବେ ଭାରି କଷ୍ଟ। ତେଣୁ ଆରମ୍ଭରୁ ଏସବୁକୁ ଆଖିଆଗରେ ରଖି ମଣିଷ ଯେବେ ନିଜର ଖାଦ୍ୟ, ପାନୀୟରେ ସ୍ୱଚ୍ଛତା ଆଣିପାରନ୍ତା ତେବେ ହୁଏତ ରୋଗର ପରିମାଣ କମି ଯାଆନ୍ତା। ଯେତେଦିନ ପର୍ଯ୍ୟନ୍ତ ମଣିଷ ପ୍ରକୃତିର ଅସଲ ରୂପକୁ ଅନୁଭବ ନକରିଛି ଓ ନିଜର ଖାଦ୍ୟ ପାନୀୟରେ ପରିବର୍ତ୍ତନ ନ ଆଣିଛି ସେତେଦିନ ଏଭଳି ଅଜଣା ଆତଙ୍କର କଳା ମେଘ ମଣିଷର ଜୀବନ ଆକାଶକୁ ଆଚ୍ଛାଦିତ କରି ରଖିବ। ଜାଣି ରଖିବା ଉଚିତ୍ ଯେ, ବର୍ତ୍ତମାନ ସମୟରେ ସବୁ ରୋଗର ଚିକିତ୍ସା ପାଇଁ ଚିକିତ୍ସା ବିଜ୍ଞାନ ଶତପ୍ରତିଶତ ସଫଳ ବୋଲି ଦାବି କରିପାରିବ ନାହିଁ। କରୋନା ଭାଇରସ କ୍ଷେତ୍ରରେ ସେଭଳି କିଛି ଦେଖିବାକୁ ମିଳୁଛି। କାରଣ କରୋନା ଚିକିତ୍ସା କେନ୍ଦ୍ରରେ ଏଭଳି କିଛି ଔଷଧ ନାହିଁ ଯାହା ତତ୍‌କ୍ଷଣାତ ଏହି ଭାଇରସର ମୂଳୋତ୍ପାଟନ କରିପାରିବ। ଏଥିପାଇଁ ବୈଜ୍ଞାନିକମାନଙ୍କୁ ଅନେକ ଗବେଷଣା କରି ଔଷଧ ଉଦ୍ଭାବନ କଲା ବେଳକୁ ଲକ୍ଷ ଲକ୍ଷ ଲୋକଙ୍କ ଜୀବନ ଚାଲି ଯାଇଥିବ।

**ଯୋଗାଯୋଗ ଠିକଣା**

ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

# ସିଏମ୍ ଇନ୍ ୱେଟିଙ୍ଗ ?



ଡାକ୍ତର ନୀଳମାଧବ ପୃଷ୍ଟି

ଚଳିତ ନୂଆଦିଲ୍ଲୀ ରାଜନୀତିରେ ବଡ଼ ଚର୍ଚ୍ଚିତ ଖବରଟି ଥିଲା ଆମ୍ ଆଦମୀର ସୁପ୍ରିମୋ ଅରବିନ୍ଦ କେଜେରିୱାଲଙ୍କ ବିଜୟ କିନ୍ତୁ ସେ ଚଳିତ ନିର୍ବାଚନରେ ଗୋଟିଏ ଭଲ ସ୍ଲୋଗାନ ରଖିଥିଲେ ଯାହାଥିଲା 'ମୁଁ ଦିଲ୍ଲୀ ପୁଅ'। ରାଜନୀତିରେ, ମାଆ ମାଟି ମାନୁଷ କଥା ଉଠିଲେ ମାଟିର ପୁଅ, ରାଜ୍ୟର ପୁଅ, ରାଜ୍ୟର ଜ୍ୱାଇଁ, ମାଟିର ବୋହୂ ଅନେକ କଥା ଉଠେ। ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ଓଡ଼ିଶାର ବୋହୂ ଭାବେ ବେଶ ଗର୍ବିତ ଆଉ ଯିଏକି ବିଜେପି ରାଜନୀତିରେ ଆଜି ମଧ୍ୟ ବେଶ ସକ୍ରିୟ। ଓଡ଼ିଶାର ରାଜନୈତିକ ପାଣିପାଗର ଚର୍ଚ୍ଚା ଯାହା ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଭି.କାର୍ତ୍ତିକେୟ ପାଣ୍ଡିଆନଙ୍କ ନାମ ଆଗେ ଉଠୁଛି ନବୀନ ପଟ୍ଟନାୟକଙ୍କ ରାଜନୈତିକ ଉତ୍ତରାଧିକାରୀ ଭାବେ। ବିଜୁ ଜନତା ଦଳରେ ୱାନମ୍ୟାନ ସୋ ସୁପ୍ରିମୋ ନବୀନ ବାବୁ ହିଁ ସର୍ବେସର୍ବା ଏଥିରେ ଦ୍ୱିରୁକ୍ତିନାହିଁ। ଓଡ଼ିଶାରେ ବିରୋଧୀ ଦଳଙ୍କୁ କିପରି ନିୟନ୍ତ୍ରଣରେ ରଖିହୁଏ ଏବଂ ନିଜ ଭୋଟବ୍ୟାଙ୍କକୁ ବଢ଼ାଇ ତୃଣମୂଳ ସ୍ତରରେ ସଙ୍ଗଠନକୁ କିପରି ସଶକ୍ତ କରିହୁଏ ଏ ତରିକା ବିଜେଡ଼ି ସୁପ୍ରିମୋଙ୍କୁ ବେଶ ଭଲ ଭାବେ ଜଣା। କୁହାଯାଏ ନେପଥ୍ୟ ନାୟକ ଭାବେ ପାଣ୍ଡିଆନ ହିଁ ଅସଲରେ ସବୁକିଛି ପର୍ଦ୍ଦା ପଛରେ ରହି କରୁଛନ୍ତି। ବିଜେଡ଼ି ଓଡ଼ିଶାରେ କୋଡିଏ ବର୍ଷ ହେଲା ଲଗାତର କ୍ଷମତାରେ ଅଛି କେବଳ ସେତିକିନୁହେଁ ଆସନ୍ତା ଚାରି ବର୍ଷ ପାଇଁ ନବୀନ ବାବୁ ଓ ବିଜେଡ଼ି ପାଇଁ ଓଡ଼ିଶାବାସୀ ଜନାଦେଶ ଦେଇଛନ୍ତି। ଏହା ଭିତରେ ୫ଟି ସଚିବ ପାଣ୍ଡିଆନ ମହୋଦୟ ଯେଉଁପରି ସକ୍ରିୟ ହୋଇ ଓଡ଼ିଶାର ଯେଉଁ ଯେଉଁ କ୍ଷେତ୍ରରେ ପହଞ୍ଚୁଛନ୍ତି ଓ ପରବର୍ତ୍ତୀ ସମୟରେ ଏହାର ଉନ୍ନତିକରଣ ପାଇଁ ପ୍ରକଳ୍ପ ଅର୍ଥରାଶି ଘୋଷଣା ହେଉଛି ଏଥିରୁ ସୂଚୀତ ହେଉଛି କି ଯେ ସରକାରରେ ଏହି ଅଫିସରଙ୍କ ପ୍ରଭାବ କେତେ? ବିଜେଡ଼ିରେ ଆଲୋଚନା ମଧ୍ୟ ହେଉଛି ଯେ ଉତ୍ତରାଧିକାରୀ ଭାବେ କେବଳ ପାଣ୍ଡିଆନ ହିଁ ସର୍ବାଗ୍ରେ ରହିଛନ୍ତି। ଓଡ଼ିଶାର ଜ୍ୱାଇଁ ଭାବେ ପାଣ୍ଡିଆନ ମୁଖ୍ୟମନ୍ତ୍ରୀ କାହିଁକି ହୋଇପାରିବେ ନାହିଁ ଏ ପ୍ରଶ୍ନ ମଧ୍ୟ ରାଜନୈତିକ ମହଲକୁ ଚର୍ଚ୍ଚା ଉଠାଇଲାଣି। ବିଜେଡ଼ି ଭିତରେ ସୁପ୍ରିମୋଙ୍କ ଚଳନ୍ତି ପ୍ରତୀମା ବୋଲି ଧରି ନିଆଯାଇ ସାରିଲାଣି। କେବଳ ପାୱାର କରିଡ଼ରରେ ନୁହେଁ ରାଜନୈତିକ ଖଟିରେ ମଧ୍ୟ ଚର୍ଚ୍ଚା ହେଉଛି ଯେ ପାଣ୍ଡିଆନ କ'ଣ ସିଏମ୍ ଇନ୍ ୱେଟିଙ୍ଗ।


ବିଜେଡ଼ି ରାଜନୀତିରେ ଆଲୋଚନା ଯାହା ଦଳ ଭିତରେ କିନ୍ତୁ ଏକ ବଡ଼ ଶୂନ୍ୟତା ସୃଷ୍ଟି ହେଲାଣି। ଦଳରେ ନବୀନଙ୍କ ଉଚ୍ଚତା ଆଗରେ ଯେକୌଣସି ନେତା, ବିଧାୟକ, ମନ୍ତ୍ରୀ ବା ସାଂସଦ ହୁଅନ୍ତୁ ସମସ୍ତେ କିନ୍ତୁ ସୁପ୍ରିମୋଙ୍କ ଆଗରେ ଖର୍ବକାୟ। ଦଳର ନେତୃତ୍ୱ ନେବା ପାଇଁ କେହି ମଧ୍ୟ ଯେ ଯୋଗ୍ୟ ନୁହନ୍ତି ତାହା ଧରାଯାଇ ସାରିଲାଣି। କିଛିଦିନ ତଳେ ମନ୍ତ୍ରୀ ପରିଷଦ ବୈଠକରେ ଆସନ୍ତା ବିଜୁ ଜୟନ୍ତୀ ସମ୍ପର୍କରେ ଯେଉଁ ଆଲୋଚନାଟି ହେଲା ଏଥିରେ ଦଳ ସୁପ୍ରିମୋ କିନ୍ତୁ ଆଲୋଚକ ନଥିଲେ ବରଂ ଏହାର ପରିଚାଳକ ଥିଲେ ତାଙ୍କ ସଚିବ ପାଣ୍ଡିଆନ। ଅର୍ଥ କ୍ୟାବିନେଟରେ କୌଣସି ଦ୍ୱିତୀୟ ମନ୍ତ୍ରୀ ପ୍ରଭାବୀ ଭାବେ ନାହାଁନ୍ତି ଯିଏ କି ମୁଖ୍ୟମନ୍ତ୍ରୀଙ୍କ ଅନୁପସ୍ଥିତିରେ ବୈଠକରେ ଅଧ୍ୟକ୍ଷତା କରିପାରିବ। ଏହା ସ୍ପଷ୍ଟ ଯେ ବାସ୍ତବରେ ଦଳ ଓ ସରକାରରେ ନବୀନଙ୍କ ପରେ କେହି ସେକେଣ୍ଡ ନାହାଁନ୍ତି ଏହା ହିଁ ରାଜନୈତିକ ଭାଷାରେ ବିରାଟ ବଡ଼ ଶୂନ୍ୟତାର ଲକ୍ଷଣ!! ଦଳ ହେଉ ବା ସରକାରଙ୍କ ଘୋଷଣାନାମା



ମନ୍ତ୍ରୀ ମାନଙ୍କ ଦ୍ୱାରା ହିଁ ତଥ୍ୟ ମାଧ୍ୟମରେ ବାହାରକୁ ଆସିଥାଏ। କିନ୍ତୁ ନବୀନ ସରକାରରେ ନିର୍ଦ୍ଦିଷ୍ଟ କେତେଜଣ ପାୱାର କରିଡ଼ରର ଅତ୍ୟନ୍ତ ଶକ୍ତିଶାଳୀ ସଚିବମାନେ ହିଁ ସ୍ଥିର କରୁଛନ୍ତି ଘୋଷଣାନାମା କ'ଣ ରହିବ। ଏହି କାର୍ଯ୍ୟକ୍ରମର ଲେଫ୍ଟନାଣ୍ଟ କମାଣ୍ଡାଣ୍ଟ ହେଉଛନ୍ତି ପାଣ୍ଡିଆନ। ଏଯାବତ୍ ମିଡ଼ିଆ ସାମ୍ନାକୁ ନ ଆସି ପର୍ଦ୍ଦା ପଛରେ ରହି ସବୁକିଛି ସେ ହିଁ କରୁଥିଲେ। ଏବେ କିନ୍ତୁ ରାଜ୍ୟ ତମାମ ଯାଉଛନ୍ତି, ପ୍ରକଳ୍ପ ସମୀକ୍ଷା କରୁଛନ୍ତି ଆଉ ଫେରିବା ପରେ ଲୋକସେବା ଭବନରୁ ନୂଆ ଯୋଜନା ବା ଫଣ୍ଡିଂ ଘୋଷଣା ହେଉଛି। ଏଥିରୁ ଦଳ ଓ ସରକାରଙ୍କ ଲଗାମ କାହା ହାତରେ ରହିଛି ତାହା ସ୍ପଷ୍ଟ ସଙ୍କେତ ଦେଉଛି। କୁହାଯାଉଛି ଶାସକ ଦଳ ରାଜନୈତିକରୁ ଅମଲାତାନ୍ତ୍ରିକ ହୋଇସାରିଲାଣି। ମୁଖ୍ୟ ବିରୋଧୀ ଦଳ ଭାଜପା ଏଥିରୁ ଭରପୂର ଫାଇଦା ଉଠାଇବାକୁ ମଧ୍ୟ ସକ୍ଷମ ହୋଇପାରୁନି। ସତରେ କ'ଣ ବିଜେପି ତାର ଆକ୍ରମଣାତ୍ମକ ଚେହେରା ପରିତ୍ୟାଗ କରିଛି। ବାହାରେ ଆଲୋଚନା ହେଉଛି ଯେ ଦୁଇଦଳ ଶାସକ ଓ ବିରୋଧୀ ମିଶିକରି ଅଛନ୍ତି। ତଳ ସ୍ତରରେ କର୍ମୀମାନେ ଯୋଶ ହରାଉଛନ୍ତି। ବିଜେପିର ଘାଟା ହେଉଥିବାବେଳେ ବିଜେଡ଼ି ଭରପୁର ଫାଇଦାରେ ରହୁଛି। ଆଉ କଂଗ୍ରେସ କଥା ତ ନକହିଲେ ଭଲ। ଏହାର ନା ସଙ୍ଗଠନ ରହିଛି ନା ସଜାଡ଼ିବାକୁ କେହି। ନୂଆଦିଲ୍ଲୀରେ ଆପ୍‌ର ବଡ଼ ଝାଡୁ ପାହାର କଂଗ୍ରେସ ହିଁ ଖାଇଛି। ଦଳ ଖାତା ଖୋଲିପାରିନି। ଓଡ଼ିଶାରେ ବିରୋଧୀ ଦଳର ମର୍ଯ୍ୟାଦା ବି ଉଡିଯାଇଛି। ଏସବୁ ସ୍ଥଳେ ବିଜେଡ଼ି ଓଡ଼ିଶାରେ ବେଶ ଭଲ ରକମର କାୟା ବୃଦ୍ଧି କରିଚାଲିଛି। କୁହାଯାଉଛି ବିଜେଡ଼ି ସୁପ୍ରିମୋ ନବୀନ ବାବୁଙ୍କ ସମସ୍ତ ନୀତି ନିର୍ଦ୍ଧାରଣ ଓ ଘୋଷଣାନାମାର ପଛରେ ରହୁଛନ୍ତି ତାଙ୍କ ସଚିବ ପାଣ୍ଡିଆନ। ଓଡ଼ିଶାବାସୀ ଓଡ଼ିଶାର ଜ୍ୱାଇଁ ଭାବେ ପାଣ୍ଡିଆନଙ୍କୁ ନବୀନଙ୍କ ଉତ୍ତରାଧିକାରୀ ଭାବେ ଗ୍ରହଣ କରିବେ କି ନାହିଁ ସେ ତ ସମୟର ଉତ୍ତର କିନ୍ତୁ ବିଜେଡ଼ିରେ ଯେ ଅମଲା ମାନଙ୍କ ଉଚ୍ଚତା ଅଧିକ ଏହାର ଅନେକ ପ୍ରମାଣ ରହିଛି। ଆମେ ପାଣ୍ଡିଆନଙ୍କୁ ଆଗୁଆ ଭାବେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଭାବେ ଢ଼େର ପୂର୍ବରୁ ଶୁଭେଚ୍ଛା ଜଣାଉଛୁ।

*ପାଣିକୋଇଲି, ଯାଜପୁର*
*ଦୂରଭାଷ : ୯୪୩୯୪୮୨୫୨୬*

# ଓଡ଼ିଆ ନାଟକର ସ୍ଥିତି ଓ ସମୟ



ଡକ୍ଟର ରାଜୀବ ଷଡଙ୍ଗୀ

ଓଡ଼ିଆ ନାଟକ ଆଜି ଯେ ଏକ ସମ୍ଭାବ୍ୟ ଭଲ ସ୍ଥିତିରେ ପହଞ୍ଚିଛି ଏକଥା କେହି ଅମାନ୍ୟ କରିପାରିବେନି, କିନ୍ତୁ ଏହା ଯେ କୌଣସି ଗୁରୁତ୍ୱପୂର୍ଣ୍ଣ ସ୍ଥିତିରେ ପହଞ୍ଚିଛି କହିପାରିବାନାହିଁ। ଏହାଭିତରେ ଅନେକ ନାଟ୍ୟାନୁଷ୍ଠାନ ମାନ ସାରା ଓଡ଼ିଶାରେ ଗଠନ ହୋଇ ଭଲ ଓ ମନ୍ଦ ନାଟକ ପରିବେଷଣ କଲେଣି ଏବଂ ନାଟକୋତ୍ସବ କଲେଣି। କେବଳ କଟକ କି ଭୁବନେଶ୍ୱର ନୁହେଁ ପ୍ରାୟ ଅଧିକାଂଶ ଜିଲ୍ଲାରେ ପ୍ରତିମାସରେ ନାଟକ ମଞ୍ଚସ୍ଥ ହେବାର ଖବର ମିଳୁଛି। ପ୍ରତିଯୋଗିତାମୂଳକ ନାଟକ ବି ଆସିଲାଣି। ଓଡ଼ିଆ ନାଟକ ସହ ଅନ୍ୟ ପ୍ରାନ୍ତର ଭିନ୍ନ ଭାଷାର ନାଟକ ବି ସ୍ଥାନ ନେଲେ ବି ସୁଦ୍ଧା ଆମ ନାଟକ ଯୋଉ ସ୍ଥିତିରେ ପହଞ୍ଚିବା କଥା ପହଞ୍ଚି ପାରୁନାହିଁ। ତା'ର କାରଣ ଆର୍ଥିକ ଯେତେ ନୁହେଁ ଅନାଗ୍ରହ। କଳାକୌଶଳ ବଦଳିଲାଣି, ମୁଦ୍ରା, ଆଲୋକ ସଂଳାପର ଶୈଳୀ ଏତେ ଆଗେଇଲାରି ଯେ, ଲାଗେ ଆମେ ପଛରେ ରହିଯାଉଛୁ। ଶିକ୍ଷା ସହ ସମୟୋପଯୋଗୀ ଉଚ୍ଚମାନର ନାଟକ ପରିବେଷଣ ନହେଲେ ଦର୍ଶକ ମୁହଁ ଫେରେଇନେବେ ଏହା ନିଶ୍ଚିତ, ଯାହା ଆମେ ଷାଠିଏ/ସତୁରୀ ଦଶକରେ ଦେଖୁଛୁ।

କଟକ ଓ ପୁରୀରେ ଥିବା ଅନ୍ନପୂର୍ଣ୍ଣା, କଳାଶ୍ରୀ ଥିଏଟର କଳାବିକାଶ କେନ୍ଦ୍ର ପ୍ରଭୃତି ରଙ୍ଗମଞ୍ଚ ସଫଳତାର ଶୀର୍ଷରେ ଚଳଚ୍ଚିତ୍ର ସହ ପ୍ରତିଦ୍ୱନ୍ଦ୍ୱିତା କରି ଆଗେଇ ଆସିଥିଲା। ମାତ୍ର ବିଭିନ୍ନ କାରଣରୁ ଲୋକେ ମୁହଁ ଫେଣଶଇନେଲେ। ନାଟକ ମରିଆସୁଥିବା ବେଳେ ନୂଆ କରି ଖୋଲିଥିବା ସରକାରୀ ନାଟକ ଏକାଡେମୀରୁ ବାହାରିଥିବା କିଛି ଭଲ ନାଟୁଆ ଛତ୍ର ନିଜ ନିଜର ଅନୁଷ୍ଠାନ ଗଢ଼ି ଭଲ ନାଟକ ପରିବେଷଣ ସଫଳତାର ସହ କରି ନାଟକର ପୁନରୁତ୍ଥାନ କଲେ। ନୂଆ ପୁରୁଣା ଲେଖକମାନେ ମିଶି ନାଟକକୁ ନୂଆ ମୋଡ ଦେଲେ, ସେମାନଙ୍କ ଭିତରୁ ରମେଶ ପ୍ରସାଦ ପାଣିଗ୍ରାହୀ, ରତି ମିଶ୍ର, ରଣଜୀତ ପଟ୍ଟନାୟକ, କୁଞ୍ଜ ରାୟ ପ୍ରଭୃତି ମନେ ପଡନ୍ତି। ସମାଜ ସଂସ୍କାର ଓ ଯୁବମାନସ ଆନ୍ଦୋଳନ କରି କାହାଣୀ, ବାମପନ୍ଥୀ ଚିନ୍ତାଧାରା ନୂଆଦିଗନ୍ତ ସୃଷ୍ଟିକଲା। ଦର୍ଶକ ପୁଣିଥରେ ମଞ୍ଚ ମୁହାଁ ହେଲେ। ୯୦ ଦଶକ ବେଳକୁ ନାଟକ ଚରମ ସ୍ଥିତିରେ ପହଞ୍ଚି ଯାଇଥିଲା, ଲୋକେ ଟିକଟ କିଣି ଦେଖିବାକୁ ଆସୁଥିଲେ। ସମୟକ୍ରମେ ମାଗଣା ନାଟକ ପ୍ରଦର୍ଶନ ଓ ସମୟର ବ୍ୟବଧାନ ଅଟଥା ସମ୍ବର୍ଦ୍ଧନା ଓ ମୂଲ୍ୟହୀନ ଭାଷଣ ସହ ନିମ୍ନମାନର ନାଟକ ଯୋଗୁ ଲୋକେ ମୁହଁ ଫେରାଇବା ଆରମ୍ଭ କଲେଣି। ସାମ୍ପ୍ରତିକ ସ୍ଥିତିକୁ ଆକଳନ କରି ବିଭନ୍ନ ଶୈଳୀର ନାଟକ ଦେଖି ପରଖି ଜନମନଗ୍ରହଣକାରୀ ନାଟକ ନିର୍ଦ୍ଧାରିତ ସମୟରେ ମଞ୍ଚସ୍ଥ କଲେ ସ୍ଥିତି ଫେରିବ।

ବର୍ତ୍ତମାନର ମୂଳସମସ୍ୟା ନାଟକ ମଞ୍ଚାୟନ ନୁହେଁ, ଭଲ ନାଟକର ଲେଖକ ଭାବରେ କିଛି ଲୋକଙ୍କ ଉପସ୍ଥିତି ଥିଲେ ବି ସେତେ ଉତ୍ସାହ ଜନକ ନୁହେଁ। ଭଲ ନିର୍ଦ୍ଦେଶକ, ମଞ୍ଚ, ଆଲୋକ, ଶବ୍ଦ ପ୍ରୟୋଗ ସବୁ ସୁବିଧା ଅଛି ମାତ୍ର ସେହିମାନଙ୍କର ନାଟକ ଲେଖାଯାଉନି ଯାହା ଦର୍ଶକଙ୍କୁ ମଞ୍ଚ ମୁହାଁ କରାଇବ। ନୂଆ ଲେଖକ, ଅନୁବାଦକ ଆମ ସାହିତ୍ୟରେ କମ ପରିଲକ୍ଷିତ ହେବାର ମୂଳ କାରଣ ହେଲା ପଢ଼ିବା ମନୋବୃତ୍ତି କମିଯିବା। ଭଲ ଅଭିନେତା ବା ଅଭିନେତ୍ରୀଟିଏ ପାଇବା କଠିନ, ଯାତ୍ରା ଅଭିନୟକୁ ଆର୍ଥିକ ଦୃଷ୍ଟିରୁ ବୃତ୍ତି କରୁଥିବା ବେଳେ ଖୁବ୍ କମ୍ ସଂଖ୍ୟକ ନାଟକକୁ ପେଶା ଭାବେ ଗ୍ରହଣ କରିବାକୁ ଚାହୁଁଛନ୍ତି। ଆମକୁ ନାଟକରେ ସୁଦୃଢ଼ ହେବା ପାଇଁ ପେଶାଦାର ବୃତ୍ତି ଆପଣେଇବାକୁ ପଡିବ।

ଦିନ ଥିଲା କେବଳ କଟକ କି ଭୁବନେଶ୍ୱରରେ ନାଟକ ପରିବେଷଣ ହେଉଥିଲା। ପରେ ପୁରୀ, ରାଉରକେଲା, ବାଲେଶ୍ୱରରୁ ଆରମ୍ଭ ହୋଇ ବର୍ତ୍ତମାନ ତିରିଶରୁ ଅନ୍ତତଃ ୨୫ଟି ଜିଲ୍ଲାରେ ମାସିକ ନାଟକ ସହ ନାଟ୍ୟସୋବ ବି ହେଲାଣି। କେବଳ ଭୁବନେଶ୍ୱରରେ ବର୍ଷକୁ ପ୍ରାୟ ଦୁଇଶହ ଦିନ ନାଟକ ପ୍ରଦର୍ଶନ ହେଉଛି। ସରକାରୀ ପ୍ରୋତ୍ସାହନ ସହ ବିଭିନ୍ନ ପ୍ରାନ୍ତର ସ୍ୱଚ୍ଛଳ ଲୋକ ରହୁଥିବାରୁ ଏହା ସମ୍ଭବ ହୋଇପାରୁଛି। ତା'ସହ ଉଚ୍ଚମାନର ପ୍ରେକ୍ଷାଳୟ ସହ ସମସ୍ତ ଆଧୁନିକ ଆନୁସଙ୍ଗିକ ସୁବିଧା ଏଠାରେ ଉପଲବ୍ଧ। ମାତ୍ର ତିନୋଟି ପ୍ରେକ୍ଷାଳୟ ଅନେକ ନାଟ୍ୟଶନୁଷ୍ଠାନର ଚାହିଦା ପୂରଣ କରିପାରୁନାହିଁ। କଳାମଣ୍ଡଳମ ପ୍ରକଳ୍ପ ବି ମନ୍ଥର ଗତିରେ ଚାଲିଛି, ତା'ଛଡା ଭଞ୍ଜକଳା ମଣ୍ଡପର ଆକାର ନାଟକ ପରିବେଷଣ ପାଇଁ ଉପଯୁକ୍ତ ନୁହେଁ, ବାଧ୍ୟବାଧକତାରେ ସେଠାରେ ନାଟକ ହେଉଛି। ନାଟକର ନିମ୍ନମୂଲ୍ୟାୟନର ଅନ୍ୟ କାରଣଟି ହେଉଛି ମାଗଣା ପ୍ରଦର୍ଶନ, ବିଭିନ୍ନ ସ୍ଥାନରେ ଦେଖାଯାଏ ଯେ ନାଟକାନୁରୋଗୀଟି ନାଟକ ଦେଖିବାକୁ ଆସୁନାହାନ୍ତି। ଏଥିପାଇଁ ଯେ ସମୟ ବିତାଇବାକୁ ଆସି ଗହଳି କରୁଥିବା ଦର୍ଶକ ବାସ୍ତବ ଦର୍ଶକ ନୁହେଁ, ମାଗଣା ହେତୁ ଶୀତତାପ ନିମନ୍ତ୍ରିତ ପ୍ରେକ୍ଷାଳୟରେ ସମୟ କାଟିବା ମୂଳଲକ୍ଷ୍ୟ ହେତୁ ବିଭିନ୍ନ ପ୍ରକାର ବିଶୃଙ୍ଖଳା ସୃଷ୍ଟି କରିଥାନ୍ତି। ସମୟାନୁବର୍ତ୍ତିତା ନହେବା ନାଟକ ପାଇଁ ସମସ୍ୟା ସୃଷ୍ଟିର ଅନ୍ୟତମ କାରଣ। ନାଟକର ଲକ୍ଷ୍ୟ ସମାଜ ସୁଧାରିବା ଯେତେ ନୁହେଁ ସମାଜରେ ପରିବର୍ତ୍ତନର ବାର୍ତ୍ତା ପହଞ୍ଚାଇବା ବେଶୀ ଅନୁଭୂତ ହୁଏ।

ଏବେ ଆସିବା ନାଟ୍ୟାନୁଷ୍ଠାନ ମାନଙ୍କ ପାଖକୁ, ଶତାବ୍ଦୀର କଳାକାର, ନାଟ୍ୟଚେତନା ପରି କିଛି ମାତ୍ର ଅନୁଷ୍ଠାନର ନିଜସ୍ୱ ଗୃହ ଓ ପ୍ରେକ୍ଷାଳୟ ଥିବା ସମୟରେ ଅନ୍ୟମାନଙ୍କର ପ୍ରାୟତଃ ନାହିଁ, ତେଣୁ ନାଟକ ଅଭ୍ୟାସ ପାଇଁ ସମସ୍ୟା ଦେଖାଦିଏ। ସରକାରୀ ଭାବେ କୌଣସି ସ୍ଥାନରେ ଏ ବ୍ୟବସ୍ଥା ନାହିଁ। ପ୍ରତି ଜିଲ୍ଲାର ସଂସ୍କୃତି ବିଭାଗର କାର୍ଯ୍ୟାଳୟ ଅବ୍ୟବହୃତ ରହୁଥିଲେ ବି ତା'ର ଉପଯୋଗ ପାଇଁ ଦିଆଯାଏ ନାହିଁ, ଫଳତଃ ସ୍କୁଲଘରେ କି ଭଡାରେ ଅସ୍ଥାୟୀ ଭାବେ ଅଭ୍ୟାସ କରିବାରେ ବିଭିନ୍ନ ପ୍ରକାର ସମସ୍ୟାଥାଏ, ଯାହା ନାଟକର ମାନ ସ୍ୱତଃ ହ୍ରାସ କରେ।

ଭଲ ପ୍ରେକ୍ଷାଳୟ ସହ ଭଲ ଅଭ୍ୟାସ ଗୃହର ଆବଶ୍ୟକତା ରହିଛି। କଳାକାର ଉତ୍ତା ମଧ୍ୟ ନାଟକ ପାଇଁ ସମର୍ପିତ ହେବାକୁ ଆଗ୍ରହ ବଢ଼ାଇବାରେ ସହାୟକ ହୋଇପାରନ୍ତା। ବେସରକାରୀ ଭାବେ ବିଭିନ୍ନ ଜିଲ୍ଲାରେ ଭଲ ଓ ଉନ୍ନତମାନର ପ୍ରେକ୍ଷାଗୃହ ଥିଲେ ବି ନାଟକ ପାଇଁ ସହଜରେ ମିଳେନାହିଁ, ଯଦିବା ମିଳେ ଉଚ୍ଚଦର ହେତୁ ସମ୍ଭବ ହୋଇନଥାଏ। ବିଭିନ୍ନ ସମସ୍ୟା ଓ କାରଣରୁ ନାଟକ ପରିବେଷଣ ଏକ ଦୂରୁହ ବ୍ୟାପାର ହେଲାଣି। ଆଉ କେତେଦିନ ଘରୁଖାଇ ଘୋଡା ଆଗରେ ଦୌଡିବା?


ଏତିକି ଆଶା କରିବା ଯେ ଯେହେତୁ ବ୍ୟବସାୟିକ ସ୍ଥିତି ସବୁ କ୍ଷେତ୍ରରେ ଆସିଲାଣି ଆମେ ନାଟକକୁ ବ୍ୟବସାୟିକ ଚିନ୍ତାଧାରାରେ ସାମିଲ କରାଇ ପାରିଲେ, ଚଳଚ୍ଚିତ୍ର, ଯାତ୍ରା ପରି ନାଟକ ମଧ୍ୟ ରୋଜଗାର ଓ ସମ୍ମାନର ସଫଳତା ଦେଇପାରିବ। ଯଦି ଭରତମୁନୀ ପ୍ରଣୀତ ନାଟ୍ୟଶାସ୍ତ୍ରକୁ ପଛରେ ପକାଇ ଅଙ୍କ, ଦୃଶ୍ୟକୁ ହଟାଇ ସଫଳ ନାଟକ ପରିବେଷଣ କରିପାରିଛେ ତେବେ ସମୟର ଦ୍ୱାହିରେ ଆଉ କିଛି ସଂସ୍କାର ଆସିଲେ କ୍ଷତି କ'ଣ ତାହା ପାଠକେ ଚିନ୍ତନ କରିବେ। ନାଟକ, ଲେଖକ, ଦର୍ଶକ, ସମାଲୋଚକ, ଅଭିନେତା, ସହଯୋଗୀମାନଙ୍କୁ ନେଇତ ନାଟକର ସଫଳତା/ବିଫଳତା। ସେମାନଙ୍କର ଜୟଯାତ୍ରା ଜାରିରହୁ।

*ସୂର୍ଯ୍ୟ ନିଳୟମ, କୁଣ୍ଡି, କୁମୁଡା,*
*ଜୟପୁର, କଟକ-୭୫୪୨୦୪*
*ଦୂରଭାଷ : ୯୪୩୯୩୬୫୯୬୬*

**ସତ୍ୟମ୍ :-**

ଯଜ୍ଞ ଇତ୍ୟାଦି କର୍ମରେ ଯେଉଁ ଫଳ ମିଳିଥାଏ ସେହି ଫଳ ତାଙ୍କ ଆଶୀର୍ବାଦରେ ମିଳିଥାଏ। ବାଣୀ ନିର୍ମଳ କାରଣରୁ ସେ ଯୋଗୀର ଅନ୍ତକରଣ ଏଭଳି ନିର୍ମଳ ଥାଏ ଯେ ଯେଭଳି ସ୍ୱଚ୍ଛ ଜଳରାଶିରେ ବ୍ୟକ୍ତି ଅଥବା ବସ୍ତୁ ପ୍ରତିବିମ୍ବିତ ହୋଇଥାଏ ଠିକ୍ ସେହି ଯୋଗୀଙ୍କର ନିକଟକୁ ଗଲେ ଆମ ମନର ପ୍ରତିଛବି ପ୍ରତିବିମ୍ବିତ ହୋଇଥାଏ। ସେ ଆମ ମନକୁ ପଢ଼ିନେଇଥାନ୍ତି। ଏଭଳି ଅନେକ ସନ୍ଥ, ମହାତ୍ମା ଅଛନ୍ତି ଯାହାଙ୍କ ନିକଟକୁ ଯାଇ ଆମେ କିଛି କହିବା ପୂର୍ବରୁ ସେ ଆମ ମନକୁ ପଢ଼ି ଉତ୍ତର ଦେଇଥାନ୍ତି। ଏ ବିଷୟରେ ସ୍ୱାମୀ ଆଧ୍ୟାତ୍ମାନନ୍ଦଜୀ ମହାରାଜ ନିଜ ଅନୁଭୂତିରେ ଲେଖିଛନ୍ତି ଯେ, ସେ ଯେତେବେଳେ ଶିବାନନ୍ଦ ଆଶ୍ରମରେ ଯୁବା ସନ୍ୟାସୀ ଭାବେ ସେବା ଦେଉଥିଲେ ଆଶ୍ରମ ଉତ୍ସବ ଇତ୍ୟାଦିରେ ସେବା ଦେବା ସମୟରେ ଅନେକ ସମସ୍ୟାରେ ପଡିଯାଉଥିଲେ। ମାତ୍ର ସେ ନ କହିବା ଆଗରୁ ସ୍ୱାମୀ ଚିଦାନନ୍ଦଜୀ ମହାରାଜ ତାଙ୍କୁ ପାଖକୁ ଡାକି ସମସ୍ୟାର ସମାଧାନ କିପରି କରିବେ ବତାଇ ଦେଉଥିଲେ। ସୌରାଷ୍ଟ୍ରର ସୁପ୍ରସିଦ୍ଧ ବୟୋବୃଦ୍ଧ ସନ୍ଥ ପୂଜ୍ୟ ସମ୍ପୂର୍ଣ୍ଣାନନ୍ଦ ବାପୁ ସର୍ବଦା କୁହନ୍ତି ମୁଁ ଚାଳିଶ ବର୍ଷ ମୌନ ରହିବା ପରେ ଲୋକଙ୍କର ହୃଦୟର କଥା ମୋତେ ଆପେ ଆପେ ଜଣାପଡି ଯାଉଥିଲା ଏବଂ ଏହାର ଉତ୍ତର ମଧ୍ୟ ସ୍ୱତଃ ମୋ ମନକୁ ଆସିଯାଉଥିଲା। ସାଧନ ସମୟରେ ମୁଁ ଦିଗମ୍ବର ରହୁଥିବାରୁ ଲୋକେ ମୋତେ ପଥର ଫିଙ୍ଗୁଥିଲେ ଏବେ ସେହି ଲୋକେ ପଇସା ଫିଙ୍ଗୁଛନ୍ତି।

ସତ୍ୟର ମହିମା ବଖାଣ କରି କୁହାଯାଏ – 'ନାସ୍ତି ସତ୍ୟାତ୍ପରୋ ଧର୍ମୋ ନାନୃତାତଃ



ମୂଳ ଗୁଜୁରାଟୀ- ସ୍ୱାମୀ ଶ୍ରୀ ଆଧ୍ୟାତ୍ମାନନ୍ଦ ସରସ୍ୱତୀ ମହାରାଜ

ଦୈବୀ ସମ୍ପଦା



ଅନୁବାଦ- ଉପାଳୀ ଦାଶ

ପାତକଂ ମହତ'। ଅର୍ଥାତ୍ ସତ୍ୟ ଠାରୁ କୌଣସି ଧର୍ମ ବଡ ନୁହେଁ, ଅସତ୍ୟ ଠାରୁ ବଡ କୌଣସି ପାପ ନୁହେଁ। ଉପନିଷଦ ଶିକ୍ଷାବଲ୍ଲୀରେ କୁହାଯାଇଛି, 'ସତ୍ୟ ବଦ ଧର୍ମମ୍ ଚର'। ସତ୍ୟର ପାଳନ ହିଁ ଧର୍ମ ଅଟେ ତେଣୁ ଏଥିରେ ପ୍ରମାଦ କରିବା ଉଚିତ ନୁହେଁ। ଆମେ ମାନେ ଠାକୁରଙ୍କର ଆସ୍ଥାନ, ବାସନ ଇତ୍ୟାଦି ଅଲଗା ରଖିଥାଏ। ସେ ସବୁ ଆମ ବ୍ୟବହାରରେ ଯେପରି ମିଶି ନଯାଏ ସେପରି ଧ୍ୟାନ ରଖିଥାଏ। ଗୁରୁଙ୍କର ଆସନ ଅଲଗା ରଖିଥାଏ। ସେହି ଆସନରେ ଆମେ ନିଜେ ବସି ନ ଥାଏ କି କାହାକୁ ବସିବାକୁ ଦେଇନଥାଏ ତେବେ ଜିହ୍ୱା ସରସ୍ୱତୀଙ୍କର ଆସନ ଅଟେ ତେଣୁ ଜିହ୍ୱାରେ ସତ୍ୟବାଚନ କରିବା ଉଚିତ୍।

ଗୀତାରେ ଅଛି – 'ବିଦ୍ୟା ବିନୟ ସମ୍ପନ୍ନେ ବ୍ରାହ୍ମଣେ ଗବି ହସ୍ତିନୀ।

ଶୁନି ଚୈବ ଶ୍ୱପାକେ ଚ ପଣ୍ଡିତାଃ ସମଦର୍ଶିନଃ।।

ଅର୍ଥାତ୍ ସତ୍ୟରେ ପ୍ରତିଷ୍ଠିତ ଜ୍ଞାନୀଜନମାନେ ବିଦ୍ୟାବିନୟଯୁକ୍ତ ବ୍ରାହ୍ମଣ, ହାତୀ, କୁକୁର, ଚାଣ୍ଡାଳ ସମସ୍ତଙ୍କ ପ୍ରତି ସମାନ ଦୃଷ୍ଟି ରଖିଥାନ୍ତି। ଆହୁରି ମଧ୍ୟ ଗୀତାରେ ରହିଛି ଯେ- 'ଆତ୍ମୌପମ୍ୟେନ ସର୍ବତ୍ର ସମଂ ପଶ୍ୟାତି ୟୋର୍ଜୁନା।

ସୁଖଂ ବା ୟଦି ବା ଦୁଃଖମ ସ ଯୋଗୀ ପରମୋ ମତଃ।।

ହେ ଅର୍ଜ୍ଜୁନ! ଯେଉଁ ସତ୍ୟ ନିଷ୍ଠ ଯୋଗୀ ସମଗ୍ର ଜଡ-ଚେତନାରେ, ସୁଖ-ଦୁଃଖରେ ସମଭାବ ରହିପାରେ ସେ ପରମ ଶ୍ରେଷ୍ଠ ହୋଇଥାଏ। ଏହା ଏଥିପାଇଁ ସମ୍ଭବ ହୋଇପାରେ ଯେ ସେ ଅନୁଭୂତି କରିସାରିଥାଏ 'ଏକମ୍ ସତ୍ୟ ବିପ୍ରାଃ ବହୁଧା ବଦନ୍ତି' – ସତ୍ୟ ଏକ ଅଟେ ମାତ୍ର ଏହାର ପରିଚୟ ବିଭିନ୍ନ ରୂପରେ ହୋଇଥାଏ। ତେଣୁ ସତ୍ୟର ଉପାସନାକୁ ପ୍ରତ୍ୟ' ଈଶ୍ୱର ଉପାସନା କହିବା।

(କ୍ରମଶଃ)

# ସ୍ଲୋ ପଏଜନ୍



ରଞ୍ଜନ ମିଶ୍ର



ଅନେକ ଖୋଜାଖୋଜି ପରେ ସୁଯୋଗ୍ୟ ବରପାତ୍ରଟିଏ ରାଣୀପାଇଁ ଯୋଗାଡ କରିପାରିଛନ୍ତି ବୋଲି ଅବିନାଶ ବାବୁଙ୍କ ପାଦ ତଳେ ଲାଗୁ ନଥାଏ। ବରପାତ୍ର ରୂପେ ଯାହାକୁ ସେ ଯୋଗାଡ କରିଛନ୍ତି ତା' ନାଁ ରାଜା। ଗୋରା ତକ୍ ତକ୍ ଚେହେରା ପୁଣି ବାପା ମା'ଙ୍କର ଏକମାତ୍ର ସନ୍ତାନ। ନିଜ ସହପାଠୀ, ସାହି ପଡିଶାଙ୍କ ଆଗରେ ଭାବି ଜ୍ୱାଇଁଙ୍କ ଗୁଣ ବଖାଣିବାକୁ ଥକୁ ନଥା'ନ୍ତି ଅବିନାଶ ବାବୁ। ଜ୍ୱାଇଁ ସରକାରୀ ଇଂଜିନିୟର, ତାଙ୍କ ପାଠପଢା ସମୟରେ ହିଁ ତାଙ୍କ ବାପାଙ୍କର ଦେହାନ୍ତ ହୋଇଯାଇଥିଲା। ଘରେ ତାଙ୍କର ବିଧବା ମା'। ତାଙ୍କରି ତତ୍ତ୍ୱାବଧାନରେ ସେ ମଣିଷ ହୋଇଛନ୍ତି। ସେଇଥିପାଇଁ ବୋଧେ ରାଜା ତାଙ୍କ ମା'ଙ୍କୁ ଜୀବନ ଠାରୁ ଭଲପାଏ ଓ ବିଶ୍ୱାସ କରେ। ମା'ଙ୍କର କୌଣସି କଥାକୁ ସେ ତଳେ ପକାଇ ଦିଏନାହିଁ। କେଉଁଥିରେ କିଛି ବି ଅସୁବିଧା ନଥାଏ ରାଜାର। ୨ମହଲା କୋଠାଘର, ଧନ ସଂପତି, ଚାକର ପୂଜାରୀ କେଉଁଥିରେ ବି କମି ନାହିଁ ତାଙ୍କର। ତେଣୁ ରାଣୀ ସେଠି ରାଜ ଉଆସ ରାଣୀପରି ରହିବ। କିଛି ଅସୁବିଧା ହେବନି ତା'ର। ଏମିତି କେତେ ପ୍ରଶଂସା କରୁଥା'ନ୍ତି ନିଜ ସାଙ୍ଗମାନଙ୍କ ପାଖରେ ଅବିନାଶ ବାବୁ। ରାଣୀର ମା' ଥିଲେ ସେ ବି ଅନେକ ଖୁସି ହୋଇଥା'ନ୍ତେ କହି କାନ୍ଦି ପକାଇଲେ ଅବିନାଶ ବାବୁ।

ଠିକ୍ ସମୟରେ ବିବାହ କାର୍ଯ୍ୟ ସଂପନ୍ନ ହେଲା। ଗାଁ ଲୋକମାନେ ତାଟକା ହୋଇଗଲେ, ତିନିଶହରୁ ଅଧିକ ବରଯାତ୍ରୀ, ଚାରି ପାଞ୍ଚଜଣ ବରଯାତ୍ରୀଙ୍କୁ ଗୋଟାଏ ଲେଖା ଇଣ୍ଡିକା କାର୍ ପ୍ରାୟ ପଚାଶ ଷାଠିଏଟି ଇଣ୍ଡିକା ଧାଡିହୋଇ ଚାଲିଥାଏ। ଆଗରେ ସୁସଜ୍ଜିତ ଘୋଡାଗାଡି ଉପରେ ବସିଥାଏ ରାଜା। ବାଣ ରୋଷଣିରେ ଆକାଶ ଫାଟି ପଡୁଥାଏ। ପ୍ରୋସେସନ ନାଚରେ ଦାଣ୍ଡ ଦୁଲୁକୁଥାଏ। ଏମିତି ବାହାଘର ବୋଧେ ଗାଁ ଲୋକମାନେ ଆଗରୁ କେବେ ଦେଖି ନଥିଲେ। ସେଥିପାଇଁ ସମସ୍ତଙ୍କ ମୁହଁରେ ସେଇ ଗୋଟାଏ କଥା, ଅବିନାଶ ବାବୁ ଖୋଜି ଖୋଜି ଜ୍ୱାଇଁଟେ କରିଛନ୍ତି। ଏହି ପାଞ୍ଚ ଖଣ୍ଡ ଗାଁର ଏମିତି ଜ୍ୱାଇଁ କାହାର ନାହିଁ। ସମସ୍ତଙ୍କ ମୁହଁରେ ଜ୍ୱାଇଁର ଭୂୟସୀ ପ୍ରଶଂସା। ବିବାହ କାମ ସରିଲା। ରାଣୀ ବିଦା ହୋଇ ତା' ଶାଶୁ ଘରକୁ ଗଲା। ବିବାହର ପ୍ରଥମ ଦିନରୁ ରାଜା ରାଣୀକୁ ବୁଝାଇ ଦେଇଥିଲା, "ମୋ ଜୀବନରେ ମୁଁ ମା'ଙ୍କୁ ବହୁତ ଭଲ ପାଏ, ମୋ ଛଡା ମୋ ମା'ଙ୍କର ଆଉ କିଏ ଅଛି ଯେ? ମୋର ମା'ର କୌଣସି ଗୋଟେ ହେଲେ କଥାକୁ ତୁମେ ଅମାନ୍ୟ କରିବ ନାହିଁ।" ରାଣୀ ମଧ୍ୟ ଟୁଙ୍ଗାରି ହଁ ଭରିଥିଲା। ତା'ଛଡା ଆପତି କରିବାର ସେମିତି କିଛି କାରଣ ନଥିଲା। ସେ ମଧ୍ୟ ଶାଶୁଘରେ କେମିତି ଚଳିବାକୁ ହେବ କେମିତି ଗୁରୁଜନଙ୍କ ସେବା କରିବାକୁ ହେବ ଏସବୁ ତା' ମା' ନଥିଲେ ମଧ୍ୟ ତା' ବାପାଙ୍କ ଠାରୁ ସବୁ ସଂସ୍କାର ସେ ପାଇଛି। ତା'ଛଡା ଶାଶୁ ଶ୍ୱଶୁରଙ୍କ ସବା କରିବା ଭାଗ୍ୟରେ ଥିଲେ ମିଳେ, ସେ ବା କାହିଁକି ମନାକରିବ?

ରାଣୀ ଏବେ ବଡ ଘରର ବୋହୂ। ଚାକର, ପୋଇଲି ଯେତେ ଥିଲେ ମଧ୍ୟ ଶାଶୁଙ୍କର ଏକା ଜିଦ୍ ସେ ବୋହୂ ହାତରନ୍ଧା ଖାଇବେ। କେବଳ ଶାଶୁଙ୍କ ଜିଦ୍‌ପାଇଁ ରାଣୀ ଆଜି ପୋଖତ ରୋଷେୟା। ସକାଳୁ ରାତି ଯାଏ ତାକୁ କାମରେ ଫୁରସତ୍ ନାହିଁ। ଶାଶୁ ଖୁବ୍ କଡା ମିଜାଶ୍‌ର। ସେ ଯାହା ଆଦେଶ ଦେଉଥିଲେ କାମ କରିଦେଲେ ତ ଭଲ ନହେଲେ ଦିନ ତମାମ ରାଉ ରାଉ ହୋଇ ମୁଣ୍ଡ ଖାଇଯିବେ। ଶାଶୁଘରେ ରାଣିର ଏତେ କାମ ଯେ ତା' ବାପାଙ୍କ ପାଖକୁ ଫୋନକରି କଥାହେବା କି ଭଲମନ୍ଦ ବୁଝିବା ପାଇଁ ସମୟ ମିଳୁ ନଥାଏ। ବଡି ଭୋରୁ ଉଠି ନିଜର ନିତ୍ୟକର୍ମ ସାରି ଠାକୁର ପୂଜା କରି ରାଜାଙ୍କ ପାଇଁ ଜଳଖିଆ ତିଆରି କଲାବେଳକୁ ଶାଶୁଙ୍କର ପାଟି ଶୁଭେ - ରାଣୀ, ଆଜି ଚା' ମିଳିବନି କି? ଶାଶୁଙ୍କୁ ଚା' ଦେଇ ଆସିବା ବେଳକୁ ରାଜାଙ୍କର ଡାକିବା ଆରମ୍ଭ ହୋଇଯାଏ -ମୋତେ ଟାଏ ବାନ୍ଧିଦିଅ, ମୁଁ ଅଫିସ୍ ଯିବି, ଡେରି ହୋଇଯାଉଛି। ରାଣୀ ରାଜା ପାଖକୁ ଯାଇ ଟଏ ବାନ୍ଧିଦିଏ। ଏହି ନିରୋଳା ସମୟର ସୁଯୋଗ ନେଇ ରାଜା ତାକୁ ନିଜ ବାହୁ ବନ୍ଧନରେ ବାନ୍ଧି ନିଅନ୍ତି ଏବଂ ତା' ଗାଲରେ ଆଙ୍କି ଦିଅନ୍ତି କେତୋଟି ପ୍ରେମଭରା ଚୁମ୍ବନ। ରାଣୀର ଇଚ୍ଛା ହୁଏ ଏମିତି ସାରା ଜୀବନ ତାଙ୍କ ବାହୁ ବନ୍ଧନରେ ରହିଯିବାକୁ। କିନ୍ତୁ ହଠାତ କ୍ଷୀରବାଲା ଡାକରେ ଆଖି ଖୋଲିଯାଏ - ବୋହୂ ମା', କ୍ଷୀର ଦେବି, ଜାଗା ଆଣନ୍ତୁ। ପରେ ଶାଶୁଙ୍କ ପାଟି ଶୁଭେ- ଇଲୋ ବୋହୂ, ଘରଟାରେ କ'ଣ କରୁଛୁ କି? କ୍ଷୀରବାଲା ଡାକ କ'ଣ ତୋତେ ଶୁଭୁନାହିଁ? ସେ ଆଉ କେଉଁଠିକୁ କ୍ଷୀର ନେଇଯିବ ନା ଖାଲି ତୁମରି ଦୁଆରେ ଛିଡା ହୋଇଥିବ। ଆଜ୍ଞା! ଯାଉଛି, କହି କ୍ଷୀରବାଲା ଠାରୁ କ୍ଷୀର ନେଇ ଫ୍ରିଜ୍‌ରେ ରଖିଲା ରାଣୀ।

କୌଣସି ଦିନ ଶାଶୁଙ୍କ ସେବା ଶୁଶ୍ରୁଷାରେ ଅବହେଳା କରିନାହିଁ ସେ। ତଥାପି ସଂପୂର୍ଣ୍ଣ ଭାବେ ସନ୍ତୁଷ୍ଟ କରିବା ସମ୍ଭବ ହୋଇ ନଥାଏ। ଯଦି କୌଣସି ଦିନ କିଛି ଗୋଟେ ଭୁଲ୍ ହୋଇଯାଇଛି ତେବେ ଘର ଭିତରେ ଆରମ୍ଭ ହୋଇଯାଏ ମହାଭାରତ। ଶାଶୁଙ୍କର ଦେଖେଇ ଶିଖେଇ କଟୁକ୍ତି, ଛୋଟ ଲୋକ୍ ଘରର ଝିଅ ବାପ ଯେମିତି ନିଛ ମନା ଝିଅ ବି ସେମିତି। ମୋ ଅନ୍ତେ ଏ ଘରର ଅବସ୍ଥା କ'ଣ ହେବ? ଭଲ ଭାବରେ ଘର ଝାଡୁ ଦେଇ ଶିଖିନି, ରୋଷେଇ ଶିଖିନି, କେମିତି ଅତିଥି ମାନଙ୍କୁ ସମ୍ମାନ କରାଯାଏ କିଛି ବି ଶିଖିନି, କହିଲେ ବି ଶିଖିବାକୁ ଚାହୁଁନି। ଏମିତି ଅନେକ କିଛି କହି ଚାଲନ୍ତି ତାଙ୍କ ମନ ଶାନ୍ତି ହେବାଯାଏ। ରାଣୀ ଏ ଅପମାନକୁ ଗରଳ ଭଳି ପିଇଦେଇ, ଛାତିରେ କୋହକୁ ଛାତିରେ ଚାପିଦେଇ ଘରର ଅନ୍ୟାନ୍ୟ କାମରେ ମନଦିଏ। କାହା ଆଗରେ ସେ କହିବ ଏ କଥା ? କିଏ ବୁଝିବ ତା' ଦୁଃଖ? ତା' ସ୍ୱାମୀ ତ ନିଜେ ମା'ଙ୍କ କଥା ପଦେ କଥା ସହ୍ୟ କରିପାରୁ ନାହାନ୍ତି। ବାପ ଘରକୁ ଫୋନ କରି ବାପାଙ୍କୁ ଏକଥା କହି ଅଯଥାରେ କଷ୍ଟ ଦେବାକୁ ସେ ଚାହୁଁ ନଥିଲା। ବାପା ଖୁବ୍ ସରଳ ଲୋକ। ରାଣୀ ତାଙ୍କର ରାଜରାଣୀ ହେବାରେ ଆଶା ନେଇ ସେ ଏଠାରେ ବନ୍ଧୁ ବାନ୍ଧିଛନ୍ତି। ସେ ଯଦି ଜାଣିବେ ତାଙ୍କ ଝିଅ ବଡ ଘରେ ବାହା ହୋଇ ନିର୍ଯାତିତ ହେଉଛି ସେ ସହିପାରିବେ ନାହିଁ, ଅନେକ କଷ୍ଟ ପାଇବେ। ତେଣୁ ସବୁ ଦୁଃଖକୁ ନିଜ ମନ ଭିତରେ କବର ଦେଇ ଦେଇଛି ସେ।

ବାପା ଫୋନ୍‌ରେ କେତେ ଥର କହିଲେଣି ଜ୍ୱାଇଁଙ୍କୁ ସାଥିରେ ଧରି ଘରକୁ ଆସି ବୁଲିଯିବାକୁ। କିନ୍ତୁ ରାଜାଙ୍କୁ ଅଫିସରୁ ଛୁଟି ମିଳିଲେ ତ ଯିବେ। ତାଛଡା ମା'ଙ୍କ ବିନା ପରାମର୍ଶରେ ଘରୁ ଗୋଡ କାଢିବାର ସାହସ କି ସାମର୍ଥ୍ୟ ମଧ୍ୟ ନାହିଁ। ମନେରେ ଅନେକ ସାହସ ବାନ୍ଧି ରାଣୀ ଖୁବ୍ ବିନମ୍ର ଭାବରେ ଶାଶୁଙ୍କୁ ଯାଇ କହିଲା, "ବାପାଙ୍କୁ ଦେଖିବାକୁ ମୋର ଖୁବ୍ ଇଚ୍ଛା ହେଉଛି। ଆଉ ଦୁଇ ଦିନ ପରେ ରାଜ ସଂକ୍ରାନ୍ତି। ଆମେ ଟିକେ ଘରକୁ ବୁଲି ଯାଇଥା'ନ୍ତୁ।" ବାଘୁଣୀ ଭଳି ଗର୍ଜି ଉଠିଲେ ଶାଶୁ। "କ'ଣ ହେଲା, ରଜରେ ତୁ ତୁମ ଘରକୁ ଯିବୁ? ରଜରେ ମୋ ଘରକୁ କେତେ କୁଣିଆ, ମୈତ୍ର ଆସିବେ। ମୋତେ କ'ଣ ଭାବିବେ? କହିବେ ଏତିକି ବେଳକୁ ବୋହୂଟା ନାହିଁ। ତାଛଡା ମୋର କେଉଁ ୫ଟା କି ୧୦ଟା ପୁଅ ଅଛି ଯେ ଜଣେ ଚାଲିଗଲେ ଘର ଚଳିବ।" ରୋକ୍‌ଠୋକ୍ ଭାବେ ମନାକରି ଚାଲିଗଲେ ଗାଁ ଆଡେ।

ଶାଶୁଙ୍କ ଠାରୁ ବାପ ଘରକୁ ଯିବାର କୌଣସି ସହମତି ନମିଳିବାରୁ ରାଣୀ ରାଜାର ଫେରିବା ବାଟକୁ ଚାହିଁ ରହିଲା। ସେ ଅଫିସରୁ ଫେରୁ ଫେରୁ ନିଜ ମନ କଥା ତାଙ୍କୁ କହିଦେଲା। "ଦେଖ ରାଣୀ, ତୁମେ ମା'ଙ୍କ କଥା କାମ କର ବୋଲି ମୁଁ ତୁମକୁ ଭଲ ପାଏ। ଯେଉଁଦିନ ସେଥିରୁ ତୁମେ ଖିଲାପ କରିବ ତୁମେ ସବୁଦିନ ପାଇଁ ମୋ ଭଲ ପାଇବାକୁ ହରାଇ ବସିବ।" ତାଙ୍କ ଉତ୍ତରରେ ମନ ଅଶାନ୍ତ ହୋଇଗଲା ରାଣୀର। ଶତଚେଷ୍ଟା କରି ମଧ୍ୟ ରାଜାକୁ ବୁଝାଇବାରେ ବିଫଳ ହେଲା ରାଣୀ। ସେତେବେଳକୁ ତା' ମନ ଭିତରେ ଅନେକ ପ୍ରଶ୍ନର ବୁଢିଆଣି ଜାଲରେ ସେ ଛନ୍ଦିହୋଇ ପଡୁଥିଲା।

- ଝିଅଟିଏ ବୋହୂହେବା ପରେ ତା'ର କ'ଣ କିଛି ସ୍ୱାଧୀନତା ନଥାଏ?

- ସ୍ୱାମୀ ହାତରେ ସେ କ'ଣ ଗୋଟେ ଖେଳନା କଣ୍ଢେଇ?

- ସତରେ କ'ଣ ଭଲ ପାଇବାରେ ଏତେ ସର୍ତ୍ତଥାଏ?

- କୋଠା, ଗାଡି, ସୁନା, ଟଙ୍କା କ'ଣ ଗୋଟେ ବୋହୂକୁ ସବୁଦିନ ପାଇଁ ଖୁସି କରାଇପାରେ?

ଏସବୁ ଅଛିଣ୍ଡା ଜୀବନ ଅଙ୍କର ଗୋଟିଏ ସମାଧାନ। ତା' ହସ ଖୁସିର ସଂସାର ରାସ୍ତା କଣ୍ଟା ହେଉଛି ତା' ଶାଶୁ। ତାଙ୍କୁ ସବୁଦିନ ପାଇଁ ରାସ୍ତାରୁ ହଟାଇ ଦେଲେ ସବୁକିଛି ଠିକ୍ ହୋଇଯିବ। କେବଳ ତାଙ୍କରି ପାଇଁ ରାଜା କେବେ ତା' ନିଜ ଇଚ୍ଛାରେ ଶାଢୀଟିଏ କିଣିଆଣି ଦେଇନାହାନ୍ତି। ଶାଶୁଙ୍କୁ ଜୀବନରୁ ମାରିଦେବା ପାଇଁ ରାଣୀ କରିଚାଲିଲା ଯୋଜନା। ସେ ତାଙ୍କୁ ଖାଇବାରେ ବିଷ ଦେଇଦେବ ନହେଲେ ଛାତରୁ ତଳକୁ ଠେଲି ଦେବ। ହେଲେ ଏମିତି କଲେ ରାଜା ରାଣୀକୁ ସନ୍ଦେହ କରିବ। କାହିଁକି ନା ରାଣୀ ଛାଡା ଘରେ ଆଉ କିଏ ଅଛି ଯେ ? କ'ଣ କରିବ କିଛି ବି ସ୍ଥିର କରି ପାରୁନଥାଏ। ହଠାତ ତା'ର ମନେ ପଡିଗଲା ଡାକ୍ତର ମହାପାତ୍ରଙ୍କ କଥା। ସେ ତାଙ୍କ ଘରୋଇ ଡାକ୍ତର। ସେ ଚାହିଁଲେ କିଛି ସାହାଯ୍ୟ କରିପାରିବେ। ରାତି ପାହି ସକାଳ ହେଲା। ଶିବ ମନ୍ଦିରକୁ ପୂଜା କରିବା ବାହାନାରେ ଶାଶୁଙ୍କ ଠାରୁ ଅନୁମତି ଆଣି ରାଣୀ ଡାକ୍ତର ମହାପାତ୍ରଙ୍କୁ ସାକ୍ଷାତ କଲା। କାନ୍ଦି କାନ୍ଦି ତା' ଜୀବନର ସବୁ ଅକୁହା କଥାକୁ ଡାକ୍ତରଙ୍କ ପାଖରେ କହିଲା। ତାଙ୍କ ହସ ଖୁସିର ସଂସାରକୁ ଫେରିପାଇବା ପାଇଁ ଶାଶୁ ମା'ଙ୍କୁ ଜୀବନରୁ ମାରି ଦେବାପାଇଁ ଅନୁରୋଧ କଲା। ବେଶ୍ କିଛି ସମୟ ଚିନ୍ତା କରିସାରି ଡାକ୍ତର ମହାପାତ୍ର କହିଲେ, "ଦେଖ ମୁଁ ତୁମ କଥାରେ ପଡି ତୁମ ଶାଶୁଙ୍କୁ ସ୍ଲୋ ପଏଜନ ମେଡିସିନ୍ ଦେବି, କିନ୍ତୁ ମୋର ଗୋଟେ କଣ୍ଡିସନ୍, ଏହି ମେଡିସିନ୍ ୩୦ଦିନ ପର୍ଯ୍ୟନ୍ତ ରେଗୁଲାର୍ ପ୍ରତ୍ୟେକ ଦିନ ତାଙ୍କୁ ଖାଇବାକୁ ଦେବ। ୩୦ଦିନ ପରେ ତୁମ ଶାଶୁ ମରିଯିବେ।" ହେଲେ ମୁଁ ଚାହୁଁଛି ତୁମେ ଏହି ଏକମାସ ତାଙ୍କ ସହିତ ଏମିତି ସଂପର୍କ ରଖିବ ଯେମିତି ସେ ତୁମ ଉପରେ ଖୁସି ହେବେ। କୌଣସି ପରିସ୍ଥିତିରେ ତୁମେ ତାଙ୍କ ଉପରେ ବିରକ୍ତି ହେବନାହିଁ। ସେ ଯାହା କହିବେ ହସି ହସି ତାଙ୍କ କଥା ମାନିନେବ, ତୁମେ ତାଙ୍କୁ ଖୁବ୍ ଭଲ ପାଇବ। ଏହା ନକଲେ ସେ ଯେ ତୁମ ହାତରେ ଏ ମେଡିସିନ୍ ବି ଖାଇବେ ନାହିଁ। ହୁଏତ ତୁମକୁ ସନ୍ଦେହ କରିବେ। ସେ ଠିକ୍‌ରେ ହେଉ ବା ଭୁଲ୍‌ରେ ତୁମକୁ ଗାଳି ଦେଲେ ତୁମେ ପ୍ରତିବାଦ କରିବ ନାହିଁ କାହିଁକି ନା ସେ ତ ଏକମାସ ଭିତରେ ମରିଯିବେ। ତା'ପରେ ତୁମ ହସ ଖୁସିର ସଂସାର କରିପାରିବ। ଆଉ ମେଡିସିନ୍ ବିଷୟରେ ତୁମେ କାହାକୁ ବି କହିବ ନାହିଁ।

ଏଥର ମନଖୁସିରେ ଔଷଧ ଧରି ଘରକୁ ଫେରିଲା ରାଣୀ। ପ୍ରଥମ ଦିନ ଭୋଗରେ ମେଡିସିନ ମିଶାଇ ଖାଇବାକୁ ଦେଲା ଶାଶୁଙ୍କୁ ଏବଂ ନିଜ ଶୋଇବା ଘର କ୍ୟାଲେଣ୍ଡରରେ ଗୋଟାଏ ଗୋଲ୍ ବୁଲାଇଲା। ଅର୍ଥାତ ତା' ଶାଶୁର ଆୟୁଷ ଆଉ ମାତ୍ର ଅଣତିରିଶ ଦିନ। ଆଉ ଘର ଭିତରେ ଆଗଭଳି ଝଗଡା ହେଲା ନାହିଁ। ଶାଶୁ ଯେତେ ପ୍ରକାର ଦୋଷ ତୃଟି ଦେଖି ରାଣୀକୁ କହିଲେ ମଧ୍ୟ ବିନା ପ୍ରତିବାଦରେ ସବୁ କାମ କରିଦେଉଥିଲା ସେ। ଉଦ୍ଦେଶ୍ୟ ଥାଏ ଆଉ କେଇଟା ଦିନ କଥା ତ? ଶାଶୁଙ୍କ ମନଲାଖି କାମ କରିଦେଲେ ଅସୁବିଧା କ'ଣ? ଏପଟେ କ୍ୟାଲେଣ୍ଡରରେ ଗୋଲ ସଂଖ୍ୟା ବୃଦ୍ଧି ପାଉଥାଏ। ଶାଶୁଙ୍କ ଆୟୁଷ ତିରିଶ ଦିନରୁ କମି କମି ଚାଲିଥାଏ। କେବଳ ଶାଶୁ ମା'ଙ୍କୁ ଖୁସି କରିବା ପାଇଁ ସକାଳୁ ରାତି ପର୍ଯ୍ୟନ୍ତ କାମ କରି କରି ନୟାନ୍ତ ହୋଇପଡେ ସେ।

ଏହି କିଛି ଦିନ ହେବ ଶାଶୁ ଦେଖୁଛନ୍ତି ତାଙ୍କ ବୋହୂ ଘରର ସବୁ ଶଣ୍ଢଣା ଶିଖିଗଲାଣି। ଘରର କାମ ଧନ୍ଦା, ଅତିଥି ସତ୍କାର, ଗୁରୁଜନଙ୍କ ପ୍ରତି ଭକ୍ତି କେଉଁଥିରେ ବି ବୋହୂ ତାଙ୍କର କମି ନଥିଲା। ସେ ପ୍ରତି ମୁହୂର୍ତ୍ତରେ ବୋହୂକୁ କିଛି ଶିଖାଇବାକୁ ଯାଇ ତା' ଉପରେ ବିରକ୍ତ ହୁଅନ୍ତି। ଏବେ ସେ ଲକ୍ଷ କଲେ ତାଙ୍କ ଅନ୍ତେ ତାଙ୍କ ବୋହୂ ଘର ସମ୍ଭାଳିବା ପାଇଁ ସଂପୂର୍ଣ୍ଣ ଭାବରେ ସକ୍ଷମ। ତେଣୁ ସେ ବୋହୂ ଉପରେ ଆଉ ବିରକ୍ତ ନହୋଇ ତାକୁ ଭଲ ପାଇବା ଆରମ୍ଭ କରିଦେଲେ। ଗାଁ ସାହି ଭାଇ ସମସ୍ତଙ୍କ ଆଗରେ ବୋହୂର ଗୁଣ ଗାନ କଲେ। ସେମାନେ ଶାଶୁ ବୋହୂ ପରି ନୁହେଁ ଘର ଭିତରେ ମା'ଝିଅ ପରି ଚଳିବାକୁ ଲାଗିଲେ।

ଛାତ ଉପରୁ ଲୁଗା ଶୁଖାଇ ଫେରିବା ସମୟରେ ଶିଡିରେ ରାଣୀର ଗୋଡ ଖସିଗଲା। ଗଡି ଗଡି ଯାଇ ତଳେ ପଡିଲା। ମୁଣ୍ଡରେ ଶକ୍ତ ଆଘାତ ହୋଇଥାଏ। ଶାଶୁଙ୍କର ସେବା ଶୁଶ୍ରୂଷାରେ ଧୀରେ ଧୀରେ ଭଲ ହେବାରେ ଲାଗିଲା ରାଣୀ। ଶାଶୁ ମା' ତାକୁ ଗାଧୋଇ ଦେବା, ଖୋଇଦେବା, ଘରର ସମସ୍ତ କାମ ନିଜେ କରୁଥା'ନ୍ତି। ରାଣୀଙ୍କୁ ଲାଗେ ଯେମିତି ଅନେକ ଦିନ ପରେ ସେ ତା' ମା'ଙ୍କୁ ଖୋଜି ପାଇଛି। ଏହି ସମୟରେ ହଠାତ ନଜର ପଡିଯାଏ ବେଡ୍ ପାଖରେ ଟଙ୍ଗା ହୋଇଥିବା କ୍ୟାଲେଣ୍ଡର ଉପରେ। ଆଉ ମାତ୍ର ୩ଟି ଗୋଲ୍ ବାକି ଅଛି। ତା'ମାନେ ଆଉ ତିନି ଦିନ ପରେ ତାଙ୍କ ଶାଶୁମା' ମରିଯିବେ। ବିଚଳିତ ହୋଇଗଲା ରାଣୀ। ମନେ ମନେ ଚିନ୍ତାକଲା ପ୍ରକୃତରେ ଶାଶୁ ମା' ତା ଶତ୍ରୁ ନଥିଲେ। ଭୁଲ କାମ କଲେ ଗାଳି କରି ସୁଧାରିବାକୁ ଚେଷ୍ଟା କରୁଥିଲେ ରାଣୀକୁ। କିନ୍ତୁ ଜୀବନ ଠାରୁ ଅଧିକ ଭଲ ପାଉଥିଲେ ତାଙ୍କୁ ଭଲ ବୋହୂଟେ ହେବା ପାଇଁ। ହେଲେ ମୁଁ କ'ଣ କରିଛି? ଆଉ କାଳ ବିଳମ୍ବ ନକରି ଡାକ୍ତର ମହାପାତ୍ରଙ୍କ ପରାମର୍ଶ ପାଇଁ ରୋଗକୁ ପଛରେ ପକାଇ ଦଉଡିଲା ରାଣୀ।

- ସାର, ମୋତେ କ୍ଷମା କରି ଦିଅନ୍ତୁ। ମୁଁ ଜାଣି ନଥିଲି ଯେ ମୋ ଶାଶୁ ମୋତେ କେତେ ଭଲ ପା'ନ୍ତି। ତାଙ୍କ ଭଲ ପାଇବା ଶାସନକୁ ମୁଁ ବୁଝି ନପାରି ତାଙ୍କୁ ମାରିବା ପାଇଁ ଚାହୁଁଥିଲି। କିଛି ଗୋଟେ ବ୍ୟବସ୍ଥା କରନ୍ତୁ ସାର, ମୋ ଶାଶୁଙ୍କ ଜୀବନ ବଞ୍ଚାଇ ଦିଅନ୍ତୁ।

- ଦେଖନ୍ତୁ ମାଡାମ୍,

- କିଛି କହନ୍ତୁନି ସାର। ମୋ ଶାଶୁଙ୍କ ଜୀବନ ବଞ୍ଚାଇବା ପାଇଁ ଯେତେ ଟଙ୍କା ଦରକାର ମୁଁ ଦେବି। ଆପଣ ତାଙ୍କ ଜୀବନ ବଞ୍ଚାଇ ଦିଅନ୍ତୁ।

- ଟଙ୍କା ଦେଇଦେଲେ ଜୀବନ ବଞ୍ଚାଇ ହୁଏନି ମାଡାମ!

- ଆଉ କ'ଣ କଲେ ସାର ମୋର ଶାଶୁଙ୍କ ଜୀବନ ବଞ୍ଚାଇ ପାରିବି।

- ଅନେକ ଡେରି ହୋଇଯାଇଛି। ୩୦ଟି ମେଡିସିନ୍ ମଧ୍ୟରୁ ଆଉ ମାତ୍ର ୩ଟି ଅଛି। ସେ ତ ଆଉ ୩ଦିନ ପରେ ମରିଯିବେ।

- ନାଇଁ ସାର, ପିଲାବେଳୁ ମୁଁ ମୋ ମା'କୁ ହରାଇଛି। ଆଉ ଏବେ ମୋ ନିଜ ଭୁଲ୍ ପାଇଁ ଆଉ ଜଣେ ମା'ଙ୍କୁ ମାରିଦେବାକୁ ଯାଉଛି। ତେଣୁ ମୋର ବି ବଞ୍ଚିବାର ଅଧିକାର ନାହିଁ। ଆପଣ ମୋତେ ମାରି ଦିଅନ୍ତୁ ସାର। ପ୍ଲିଜ୍ ସାର ମୋ ଧୈର୍ଯ୍ୟର ପରୀକ୍ଷା ନିଅନ୍ତୁ ନାହିଁ ସାର। ଯେତେ ଶୀଘ୍ର ପାରୁଛନ୍ତି ତାଙ୍କୁ ବଞ୍ଚାଇବା ପାଇଁ ମେହିସିନ୍ ଦିଅନ୍ତୁ।

- ଦେଖନ୍ତୁ ସେମିତି ମେଡିସିନ୍ .....


- ଆପଣ ମଣିଷକୁ ମାରିବା ପାଇଁ ମେଡିସିନ୍ ଦେଇ ପାରୁଛନ୍ତି, ତାଙ୍କୁ ବଞ୍ଚାଇବା ପାଇଁ କ'ଣ ମେଡିସିନ୍ ଦେଇପାରିବେ ନାହିଁ?

- ଭୁଲ କହିଲେ ମାଡାମ୍। ଜଣେ ଡାକ୍ତର ଇଚ୍ଛାକରି କାହାରିକୁ ମରିବାକୁ ମେଡିସିନ୍ ଦେଇ ନଥାଏ। ବରଂ ତାଙ୍କୁ ବଞ୍ଚାଇବା ପାଇଁ ମେଡିସିନ୍ ଦେଇଥାଏ।

- ତାହେଲେ ଆପଣ ମୋତେ ଯେଉଁ ମେଡିସିନ୍ ଦେଇଥିଲେ?

- ତମ ଭଳି ଅବୁଝା ଜିଦିଆ ଝିଅକୁ ବୁଝାଇବା ପାଇଁ ମୁଁ ସେଦିନ ପଏଜନ ମେଡିସିନ୍ ଦେଇ ନଥିଲି ଭିଟାମିନ ମେଡିସିନ୍ ଦେଇଥିଲି। ରାଣି ମୁହଁରେ ଆଉ କଥା ନଥିଲା। ଅନୁତାପର ଲୁହରେ ଗାଧୋଇ ପଡୁଥିଲା। ଶାଶୁ ମା'ଙ୍କ ଜୀବନ ବଞ୍ଚାଇ ଦେଇଥିବାରୁ ଡାକ୍ତର ମହାପାତ୍ରଙ୍କୁ ମୁଣ୍ଡିଆ ମାରି ଘରକୁ ଫେରିଆସି ଦେଖେ ତ ଡାଇନିଂ ଟେବୁଲ୍ ଉପରେ ତା ବାପା, ଶାଶୁ ମା' ଓ ତା ସ୍ୱାମୀ ତାକୁ ଯେମିତି ଅପେକ୍ଷା କରି ବସିଛନ୍ତି। ତା' ଆସିବାର ଟିକେ ବିଳମ୍ବ ହୋଇଯାଇଛି।

*ସଭାପତି, ପ୍ରଦେଶ ସେବା ସଂଗଠନ,*
*ପୀରହାଟ ବଜାର, ଭଦ୍ରକ*
*ଦୂରଭାଷ: ୯୪୩୭୬୯୭୨୯୨*



## ନିଶ୍ୱାସେ କବିତା

### ଜହ୍ନ ଆଲୁଅର କବିତା



କୌଶିକ ନାୟକ



ଚାରିଆଡେ ଥିଲା ଖୁବ୍ ନିଶୂନ୍
ଦୂରରୁ ଶୁଭୁଥିଲା ଘଞ୍ଚ ଅନ୍ଧାର ଭିତରେ
ଝିଙ୍କାରୀମାନଙ୍କ ମଧୁର ଆମ୍ଳିପି
ବିମୋହିତ କରୁଥିଲା ଅଝଟ ଟେଣ୍ଟେଇ
ବାର ବାର କାହା ପାଇଁ।

ଆମେ ଥିଲୁ ତିନିଜଣ ସହରର
ଏକଣା ମୁଣ୍ଡରେ ଚାପା ଜହ୍ନ ଆଲୁଅରେ
ମଗ୍ନଥିଲା ଆକାଶ ଓ ଭୂଇଁ
ବିଭୋର ଥିଲୁ ଆମେ ଆନମନା ଭାବେ
ନିରୋଳା ପଣରେ ନିଜ ନିଜ
କାହାଣୀ ଭିତରେ।

ହାତରେ ହାତ ଛନ୍ଦି, ପାଦରେ ପାଦ ବାନ୍ଧି
ଚାଲି ଯାଉଥା'ନ୍ତି ପଥଚାରି
ଧାଙ୍ଗଡା ଧାଙ୍ଗଡୀ
ନୂଆଁଣିଆ ସଞ୍ଜବେଳେ
ବସା ଖୋଜି ଫେରୁଥିବା ପକ୍ଷୀମାନଙ୍କ ପରି।



ଫେରୁଥାଏ ସମୟ ଅନନ୍ତ ଆକାଶରେ
ନିଶବ୍ଦରେ କମ୍ପୁଥିଲା ବନ ମନ,
ଅଜଣା ଏଇ ଏକ୍‌ଲା ମୁହୂର୍ତ୍ତରେ।


ଝରଣା ନିମଗ୍ନ ଥିଲା କୁଳୁକୁଳୁ ସ୍ୱରରେ
ଦୂରରୁ ଶୁଭୁଥିଲା କାହାର ଅନ୍ତର୍ବେଦନା
ଅସ୍ପଷ୍ଟ ଥିଲା ଦୃଶ୍ୟ ଘଞ୍ଚ ବନାନୀରେ

ସେତେବେଳେ ଝରିପଡୁଥିଲା
କବିତାର ଉଷ୍ମ ଆଶ୍ୱାସନା
ତାରା ଫୁଲ ହୋଇ ଆକାଶରୁ
ଜୋଛନା ହୋଇ ଜହ୍ନରୁ
ଘର ବାହୁଡା ଧାଙ୍ଗଡୀ ଡେଣାରେ
ନୀଡ ଫେରା ପକ୍ଷୀଙ୍କ ସ୍ୱରରେ
ଲିପିବଦ୍ଧ କରି ସୃଷ୍ଟିର
ଅନ୍ତହୀନ ଶିରୋନାମା
ସମୟର ବିଭୋର ଅର୍ନ୍ତଧ୍ୱନିରେ।

*ସାହାଡାପଦା, ବାଙ୍କୀ, କଟକ*
*ଦୂରଭାଷ : ୯୩୪୮୨୪୨୨୦୧*

### ଆୟୁଷ୍ମାନ ବସନ୍ତ

ଜୟଶ୍ରୀ ସାହୁ



ମୁଁ ଚାହିଁଲି
ବସନ୍ତ ଆୟୁଷ୍ମାନ ହେଉ
ପକ୍ୱତାର ଅଭିବ୍ୟକ୍ତି ଲୋଡା ନାହିଁ
ବାସ୍ନାୟିତ ଥାଉ ତାର ସହକାର କୁଞ୍ଜ
ଦେଶାନ୍ତରୀ ନ ହେଉ କୋଇଲି
ସ୍ଥାୟୀ ଠିକଣା ତାର ଲେଖିଦେଉ
ପତ୍ରରେ ଫୁଲରେ।


ବସନ୍ତ କିନ୍ତୁ ହସିଦେଲା
କହିଲା ତୁ ସିନା ସ୍ୱପ୍ନରେ ବିଭୋର
ମୋର କିନ୍ତୁ ଫେରିବାର ବେଳ
ଏଇ ଦେଖ୍
ଦପ୍ ଦପ୍ ଶେଷ ଶିଖା ପରି
ଓଠରେ ମୋର
ଶିମିଳି ଓ ପଳାଶର
ଟହ ଟହ ହସ।

*ଅଧ୍ୟାପିକା, ଇଂରାଜୀ ବିଭାଗ*
*ସୋହେଲା କଲେଜ, ବରଗଡ*

### ପାହିଲା ରଜନୀ



ବିନୟ ଭୂଷଣ ପାଣିଗ୍ରାହୀ




ସନ୍ତର୍ପଣେ ଆସି ପ୍ରେମୀ ଦିବାକର
କାମଶର କି ବିନ୍ଧିଲା!
ନିଶାରେ ଜାମିନୀ ପରମ ଯୋଗିନୀ
କାମ କବଳିତା ହେଲା।
ପ୍ରାନ୍ତ ପ୍ରହରରେ ସରମକୁ ତେଜି
କାମାଗ୍ନିରେ ଝାସଦେଲା!
ପୁରୁବ ଆକାଶେ ପରମ ଉଲ୍ଲାସେ
ରତିକ୍ରୀଡାରେ ମଜ୍ଜିଲା।

ରତିକ୍ଳାନ୍ତା ସତୀ ସରମେ ଝାଉଁଳି
ବଦନ ଲୁଚାଇ ଦେଲା,
ସମ୍ଭୋବର ସୁଖ ଦିବାକର ମୁଖେ
ହେମକାନ୍ତି ପ୍ରକାଶିଲା।
ତେଜି ସୁଖନିଦ୍ରା ଖଚରେ ବହନ
ଏ ବାର୍ତ୍ତା ପ୍ରଚାରି ଦେଲେ,
ଝଲସିଲା ପ୍ରାଚୀ ହୋଇଲା ପ୍ରଭାତ
ସର୍ବେ ଚଞ୍ଚଳ ହୋଇଲେ।

*ହରସିଂହ ପୁର, ପୀରହାଟ, ଭଦ୍ରକ*
*ଦୂରଭାଷ : ୯୯୩୭୫୪୮୪୩୧*





ପାବନୀ ପଟେଲ
ଷ୍ଟାଣ୍ଡାର୍ଡ- ୮
ବିମଳା କନ୍‌ଭେଣ୍ଟ ସ୍କୁଲ
ଭବାନୀପାଟଣା
କଳାହାଣ୍ଡି





ସାଇ ସାନଭୀ ଦେ
ଷ୍ଟାଣ୍ଡାର୍ଡ-୧
ଫ୍ୟୁଚର ଭୁବନେଶ୍ୱର ସ୍କୁଲ

## ପଞ୍ଚମ ଓଡ଼ିଶା କଳା ଓ ସାହିତ୍ୟ ମହୋତ୍ସବ

# 'ଜଗନ୍ନାଥ ଓ ଆଦିବାସୀ ସଂସ୍କୃତି ଉତ୍କଳୀୟ ସଂସ୍କୃତିର ମେରୁଖୁଣ୍ଟି'

**ଭୁବନେଶ୍ୱର :** ସଙ୍ଗୀତ, ନୃତ୍ୟ ଓ ସାହିତ୍ୟକୁ ଏକତ୍ର କରିପାରିଥିବା ଓଡ଼ିଆ ସଂସ୍କୃତିର ଦେଶରେ ଏକ ସ୍ୱତନ୍ତ୍ର ଭୂମିକା ରହିଛି ବୋଲି ବିଶିଷ୍ଟ କବି ତଥା ଜ୍ଞାନପୀଠ ପୁରସ୍କାର ବିଜେତା ଡ.ସୀତାକାନ୍ତ ମହାପାତ୍ର କହିଛନ୍ତି। ଭୁବନେଶ୍ୱରସ୍ଥିତ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରଠାରେ ତିନି ଦିନିଆ ପଞ୍ଚମ ଓଡ଼ିଶା କଳା ଓ ସାହିତ୍ୟ ମହୋତ୍ସବକୁ ଉଦ୍‌ଘାଟନ କରି ସେ କହିଲେ ଯେ, ଓଡ଼ିଶା ଏଭଳି ଏକ ପ୍ରଦେଶ ଯେଉଁଠି ମନ୍ଦିର ଗାତ୍ରର ଭାସ୍କର୍ଯ୍ୟ ଚିତ୍ରପୋଥୀରେ ଅଙ୍କା ହେବା ସହ କବିତାରେ ମଧ୍ୟ ସ୍ଥାନ ପାଇଥାଏ। ଜଗନ୍ନାଥ ଓ ଆଦିବାସୀ ସଂସ୍କୃତି ଉତ୍କଳୀୟ ସଂସ୍କୃତିର ମେରୁଖୁଣ୍ଟି। ଓଡ଼ିଆ କବିତାର ପରମ୍ପରା କାବ୍ୟିକ ହୋଇଥିବା ବେଳେ ଫକୀର ମୋହନଙ୍କଠାରୁ ଦ୍ୱୈତ୍ୟ ପରମ୍ପରା ସୃଷ୍ଟି ହୋଇଛି। ଜଣେ କବି ଯେଉଁ ଭାଷାରେ ସ୍ୱପ୍ନ ଦେଖେ ସେହି ଭାଷାରେ ହିଁ ସେ ତାର କାବ୍ୟିକ ଅଭିବ୍ୟକ୍ତି ପ୍ରକାଶ କରିଥାଏ। ଓଡ଼ିଆ ମହାଭାରତ, ରାମାୟଣ ଓ ଭାଗବତରେ ସମସ୍ତ ତତ୍ୱ ରହିଛି ବୋଲି ସେ କହିଥିଲେ। ଏଥିରେ ଉଦବୋଧନ ଦେଇ ବିଶିଷ୍ଟ କବି ବିଭୂ ପାଢ଼ି କହିଥିଲେ ଯେ, କବିତା ଆମ ସାଧାରଣ ଜୀବନକୁ ଏକ ନୂତନ ଦିଗନ୍ତ ପ୍ରଦାନ କରିଥାଏ। ମାନବ ସଭ୍ୟତା ଥିବା ପର୍ଯ୍ୟନ୍ତ କବିତା ବଞ୍ଚିରହିବ। କବିତାରେ କେବଳ ପ୍ରେମ ନୁହେଁ ଯୁଦ୍ଧର ବିଭୀଷିକାଠାରୁ ଆରମ୍ଭ କରି ମଣିଷର ଅସହାୟତା ପର୍ଯ୍ୟନ୍ତ ସମସ୍ତ ଆବେଗ ସ୍ଥାନ ପାଇବା ଆବଶ୍ୟକ। ଏଥିରେ ଦୀକ୍ଷାନ୍ତ ଭାଷଣ ଦେଇ ସତ୍ୟ ମହାନ୍ତି କହିଥିଲେ ଯେ, ଜଣେ କବି ନିଜର ଅତୀତ ସହି ଯୋଡି ହୋଇଥିଲେ ମଧ୍ୟ ସେ ନିଜର ସମସାମୟିକ ସମୟର ଉପଲବ୍ଧିକୁ ତା ଲେଖାରେ ଗୁରୁତ୍ୱ ଦେଇଥାଏ। କବି କେବେ ବି ନିର୍ଯାତନା ବା ବିରୋଧରେ ଭାଙ୍ଗି ପଡେନାହିଁ। କବିତା ଏକ ବିଶ୍ୱସନୀୟତାର ପ୍ରତୀକ। ମଣିଷ ତା ଉପଲବ୍ଧିର ଚରମ ସୋପାନରେ ପହଞ୍ଚିବା ପାଇଁ କବିତା ତାକୁ ଏକ ପୋତ୍ସାହନକାରୀ ପଥ ଦେଖାଇଥାଏ ବୋଲି ସେ କହିଥିଲେ। ମହୋତ୍ସବର ନିର୍ଦ୍ଦେଶକ ମନୁ ଦାସ ସେଥିରେ ଅଧ୍ୟକ୍ଷତା କରି ତିନିଦିନ ଧରି ଚାଲିବାକୁ ଥିବା ଏହି ମହୋତ୍ସବର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଏଠାରେ ସୂଚନା ଯୋଗ୍ୟ ଯେ, ଏହି ତିନି ଦିନିଆ ମହୋତ୍ସବ କାଳରେ ପ୍ରତ୍ୟେକ ଦିନ କବିତା ପାଠୋତ୍ସବ ସହ ଜଳବାୟୁ ପରିବର୍ତ୍ତନ ଓ ଓଡ଼ିଶା ଉପରେ ଏହାର ଆର୍ଥିକ ପ୍ରଭାବ, ଗାଳ୍ପିକମାନଙ୍କ ସହ କଥାବାର୍ତ୍ତା, ଅନାମ କାବ୍ୟ ଆନ୍ଦୋଳନରେ ପତ୍ରପତ୍ରିକାଗୁଡିକର ଭୂମିକା, ସାହିତ୍ୟରେ ଧର୍ମ ଓ ଆଧ୍ୟାତ୍ମିକତା, ଅପରାଧ ସାହିତ୍ୟ, ସାହିତ୍ୟ କ୍ରୀଡା ଓ ଚଳଚ୍ଚିତ୍ରର ନୂତନ ଦିଗନ୍ତ ଉପରେ ସାରଗର୍ଭକ ଆଲୋଚନା ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି। ଧଉଳି ବୁକ୍ ଟ୍ରଷ୍ଟ ପକ୍ଷରୁ ଆୟୋଜିତ ଏହି ସମାରୋହ ଅବସରରେ ସତ୍ୟ ମହାନ୍ତିଙ୍କ ପୁସ୍ତକ 'ଡ୍ୟାନ୍ସିଂ ଇନ ଦି ଏଜ', ନୃସିଂହ ପ୍ରସାଦ ମହାପାତ୍ରଙ୍କ ପୁସ୍ତକ 'ଭିନ୍ନ ବଳୟ' ଏବଂ ଭାସ୍କର ପରିଚ୍ଛାଙ୍କ 'ନୋ ଷ୍ଟ୍ରିନ୍‌ଜ ଆଟାଜ୍‌ଡ' ପୁସ୍ତକ ଉନ୍ମୋଚିତ ହୋଇଥିଲା।




## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବିଧାନସଭାରେ ...

୫୫ଟି ବ୍ଲକରେ ଓଡିଶା ମିଲେଟ ମିଶନ ଆରମ୍ଭ କରିଛନ୍ତି ଓ ଏହାକୁ ୭୨ଟି ବ୍ଲକକୁ ସଂପ୍ରସାରିତ କରିବା ସହ ବିଶେଷ କରି ଜନଜାତି ଅଂଚଳରେ ପ୍ରାୟ ୨୩,୨୩୬ ହେକ୍ଟର ଜମିରେ ଏହି କାର୍ଯ୍ୟକ୍ରମକୁ ହାତକୁ ନିଆ ଯାଇଛି। ସେ କହିଛନ୍ତି ଯେ ୨୦୨୦-୨୧ ବର୍ଷରେ ରାଜ୍ୟ ସରକାର ପ୍ରାୟ ୧.୮୪ ଲକ୍ଷ ହେକ୍ଟର ଚାଷ ଜମିକୁ ଜଳସେଚନ ସୁବିଧା ଯୋଗାଇଦେବାକୁ ଲକ୍ଷ୍ୟ ରଖିଛନ୍ତି। ବର୍ତ୍ତମାନ ନିର୍ମାଣାଧୀନ ବୃହତ, ମଧ୍ୟମ ଜଳସେଚନ ପ୍ରକଳ୍ପ ଯଥା ଦେଓ. ଆନନ୍ଦପୁର ବ୍ୟାରେଜ, ସୁବର୍ଣ୍ଣରେଖା, ରେଙ୍ଗାଲୀ ବାମ ଓ ଦକ୍ଷିଣ ପାର୍ଶ୍ୱ କେନାଲ ନିର୍ମାଣ କାମ ଆଗାମୀ ପାଂଚ ବର୍ଷ ମଧ୍ୟରେ ପୂର୍ଣ୍ଣ କରିବାକୁ ଲକ୍ଷ୍ୟ ରଖିଛନ୍ତି। ସେ କହିଛନ୍ତି ଯେ ୨୦୨୦-୨୧ ଆର୍ଥିକ ବର୍ଷରେ ସରକାର ବିଶ୍ୱ ବ୍ୟାଙ୍କ ଆର୍ଥିକ ସହାୟତାରେ ୨୦୦ ଗୋଟି କ୍ଷୁଦ୍ର ଜଳସେଚନ ଭଣ୍ଡାରର ଉନ୍ନତିକରଣ କାମ ହାତକୁ ନେବାକୁ ଲକ୍ଷ୍ୟ ରଖିଛନ୍ତି। ଏହା ବାଦ ପ୍ରାୟ ୧୨ ଶହ ଅଚଳ ଉଠାଜଳସେଚନ ପ୍ରକଳ୍ପକୁ କାର୍ଯ୍ୟକ୍ଷମ କରା ଯିବ ଏବଂ କମାଣ୍ଡ ଏରିଆ ଅନ୍ତର୍ଗତ ବୃହତ ଓ ମଧ୍ୟମ ଜଳସେଚନ ପ୍ରକଳ୍ପ ଗୁଡିକରେ ୦.୭୭ ଲକ୍ଷ ହେକ୍ଟର ସେଚାଂଚଳରେ କ୍ଷେତ୍ରନାଳୀ ନିର୍ମାଣ କରା ଯିବ। ସେ କହିଛନ୍ତି ଯେ ୨୦୧୯-୨୦ ଆର୍ଥିକ ବର୍ଷରେ ମତ୍ସ ଚାଷୀଙ୍କ ଆବଶ୍ୟକତାକୁ ପୂରଣ କରିବା ପାଇଁ ସରକାରୀ କ୍ଷେତ୍ରରେ ୧୦,୨୬୪ ଲକ୍ଷ ଗୁଣ୍ଡ ଯାଆଁଳ ଓ ୧୮୮୩ ଲକ୍ଷ ମାଛ ଯାଆଁଳ ଉତ୍ପାଦିତ ହୋଇ ପାରିଛି। ସେ କହିଛନ୍ତି ଯେ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ସମୁଦାୟ ୩,୨୮,୫୦,୮୧୬ ହିତାଧିକାରୀଙ୍କୁ ଅନ୍ତର୍ଭୁକ୍ତ କରା ଯାଇଛି ଯାହା ୨୦୧୧ ଜନଗଣନା ଅନୁସାରେ ରାଜ୍ୟରେ ମୋଟ ଜନ ସଂଖ୍ୟାର ୭୮.୩ ପ୍ରତିଶତ ଅଟେ। ସେ କହିଛନ୍ତି ଯେ ଡିସେମ୍ବର ୨୦୧୯ ସୁଦ୍ଧା ବିଭିନ୍ନ ଗ୍ରାମୀଣ ଗୃହ ନିର୍ମାଣ ଯୋଜନାରେ ୪୦୭୨ କୋଟି ଟଙ୍କା ବ୍ୟୟରେ ୨ ଲକ୍ଷ ଗୃହ ନିର୍ମାଣ କାମ ସମ୍ପୂର୍ଣ୍ଣ ହୋଇଛି। ବିଭିନ୍ନ ବିଭାଗ ସହ ସମନ୍ୱୟରେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ମାନଙ୍କୁ ନାନାଦି ପୋଷଣୀୟ ଜୀବିକା ଅର୍ଜନ କାମରେ ନିୟୋଜିତ କରା ଯାଇଛି। ଏହି କାର୍ଯ୍ୟକ୍ରମ ଜରିଆରେ ସେମାନଙ୍କ ପାଇଁ ୫୨୩ କୋଟି ଟଙ୍କାର ବ୍ୟବସାୟକୁ ସୁନିଶ୍ଚିତ କରା ଯାଇ ପାରିଛି। ସେ କହିଛନ୍ତି ଯେ ମମତା ଯୋଜନାରେ ପ୍ରାୟ ୪୦ ଲକ୍ଷରୁ ଉର୍ଦ୍ଧ ଗର୍ଭବତୀ ଓ ପ୍ରସୁତି ମହିଳାଙ୍କୁ ୫ ହଜାର ଟଙ୍କାର ଅର୍ଥରାଶି ସିଧାସଳଖ ସେମାନଙ୍କର ଜମାଖାତାକୁ ପ୍ରଦାନ କରା ଯାଇଛି। ସରକାର ୪୮ ଲକ୍ଷ ୩୮ ହଜାର ୫୪୮ ଜଣଙ୍କୁ ସାମାଜିକ ସୁରକ୍ଷା ପେନସନ ପ୍ରଦାନ କରିଛନ୍ତି।

### ଅନ୍ୟ ବେଳେ ...

କ୍ୟାପିଟାଲ ହସ୍ପିଟାଲରୁ ଆମ୍ବୁଲାନ୍ସ ଯିବା ବେଳେ ନାଲ୍‌କୋ ଛକ ମଧ୍ୟରେ କେଉଁଠି କେଉଁଠି ଅଟକି ଥିଲା ଓ କାହିଁକି ଅଟକି ଥିଲା ସେ ସମ୍ପର୍କରେ ସବିଶେଷ ରିପୋର୍ଟ ତଲବ କରିଛନ୍ତି ଆୟୋଗ। କେବଳ ଏତିକି ନୁହେଁ, ଆମ୍ବୁଲାନ୍ସ ଗୁଡିକ ଯେପରି କେଉଁଠି ନ ଅଟକି ବିନା ବାଧାରେ ସିଧାସଳଖ ମେଡିକାଲରେ ପହଞ୍ଚି ପାରିବ ସେ ଦିଗରେ ଟ୍ରାଫିକ୍ ପୋଲିସ ପକ୍ଷରୁ କ'ଣ କ'ଣ ବ୍ୟବସ୍ଥା ହୋଇଛି ସେ ସମ୍ପର୍କରେ ଜଣାଇବାକୁ ମଧ୍ୟ କୁହାଯାଇଛି।

ସବୁବେଳେ ଦେଖାଯାଇଛି ଘଟଣା ହେଉ କି ଦୁର୍ଘଟଣା ଘଟିଗଲା ପରେ ପୋଲିସ ହୁଅନ୍ତୁ କି ପ୍ରଶାସନ ଚେଇଁ ଉଠନ୍ତି। ତାହା ମଧ୍ୟ ଦେଖାଦେଇଛି ଗୋଲନ୍ଥରା ଆଉ ନୀଳନିତେଶଙ୍କ ଘଟଣାରେ। ମହିଳା ଓ ଶିଶୁ ଆୟୋଗଙ୍କ ରିପୋର୍ଟ ତଲବ ସହିତ ମୃତ ଶିଶୁଙ୍କ ପରିବାର ଲୋକଙ୍କ ଅଭିଯୋଗ ପରେ କମିଶନରେଟ ଟ୍ରାଫିକ ପୋଲିସ ତତ୍ପର ହୋଇଉଠିଛନ୍ତି। ମିଳିଥିବା ସୂଚନା ଅନୁସାରେ ଏଣିକି ସଂଶୋଧିତ ମୋଟରଯାନ ଆଇନରେ ଥିବା ଆମ୍ବୁଲାନ୍ସ ସଂକ୍ରାନ୍ତ ଆଇନକୁ କଡାକଡି ପାଳନ କରାଯିବ ବୋଲି କହିଛନ୍ତି ଜଣେ ବରିଷ୍ଠ ପୋଲିସ ଅଧିକାରୀ। ଜରୁରୀକାଳୀନ ସେବା ଗାଡିକୁ ବାଟ ନଛାଡିଲେ ୧୦ ହଜାର ଟଙ୍କା ଜରିମାନା ଓ ୬ମାସ ଜେଲ୍ ଦଣ୍ଡରେ ଦଣ୍ଡିତ କରିବ କମିଶନରେଟ୍ ପୋଲିସ। ଯେଉଁ ବାଇକ୍ କିମ୍ବା କାର ଚାଳକ ଆମ୍ବୁଲାନ୍ସକୁ ରାସ୍ତା ନଛାଡିବେ ସେମାନଙ୍କ ଡ୍ରାଇଭିଂ ଲାଇସେନ୍ସ ରଦ୍ଦ କରିବା ପାଇଁ ପରିବହନ ବିଭାଗକୁ ପୋଲିସ ବିଭାଗ ଚିଠି ଲେଖିବ ବୋଲି ଜଣାପଡିଛି। ଆମ୍ବୁଲାନ୍ସକୁ ରାସ୍ତା ନଛାଡିବା ଘଟଣାରେ ଟ୍ରାଫିକ୍ ପୋଲିସ ହୁଅନ୍ତୁ ବା ପରିବହନ ବିଭାଗର ଯେତିକି ଦାୟିତ୍ୱ ରହିଛି ସେତିକି ଦାୟିତ୍ୱ ମଧ୍ୟ ରାଜଧାନୀର ରାଜରାସ୍ତାରେ ଗାଡି ଚଳାଉଥିବା ଗାଡି ଚାଳକମାନଙ୍କ ରହିଛି। ଯେଉଁମାନେ ବିବେକହୀନ ଭାବେ ଆମ୍ବୁଲାନ୍ସକୁ ରାସ୍ତା ଛାଡୁନାହାନ୍ତି ସେମାନେ ମଧ୍ୟ ଏହି ଘଟଣା ପାଇଁ ଦାୟୀ। ଆମ୍ବୁଲାନ୍ସକୁ ରାସ୍ତା ନଛାଡିବା ଯେମିତି ରାଜଧାନୀବାସୀଙ୍କ ଅଭ୍ୟାସରେ ପରିଣତ ହୋଇଗଲାଣି। ଆମ୍ବୁଲାନ୍ସ ସାଇରନ୍ ଶୁଣି ୨ ଚକିଆ, ୩ ଚକିଆ, ୪ ଚକିଆ ଗାଡି ଚାଳକମାନେ ଯେଭଳି ନଶୁଣିଲା ଭଳି ଅଭିନୟ କରନ୍ତି ତାହା ଅତ୍ୟନ୍ତ ଦୁଃଖଦାୟକ। ପୋଲିସ ଚାହିଁଲେ ସିସିଟିଭି ଫୁଟେଜ୍ ଆଧାରରେ ଯେଉଁମାନେ ଆମ୍ବୁଲାନ୍ସକୁ ରାସ୍ତା ଛାଡି ନଥିଲେ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେଇପାରିବ। ଏଭଳି ହେଲେ ଜନସାଧାରଣ ସଚେତନ ହେବା ସହିତ ଆମ୍ବୁଲାନ୍ସରେ ଜରୁରୀକାଳୀନ ସେବା ପାଇଁ ଯାଉଥିବା ରୋଗୀମାନେ ମୃତ୍ୟୁମୁଖରୁ ବଞ୍ଚିପାରିବେ। କେବଳ ଆଇନ ତିଆରି କରି ନିରବ ରହିଲେ ସମସ୍ୟାର ସମାଧାନ ଆଦୌ ସମ୍ଭବ ନୁହେଁ। ତେଣୁ ସବୁରି ମୂଳରେ ପ୍ରଶାସନର ଦୃଢ଼ କାର୍ଯ୍ୟାନୁଷ୍ଠାନ ଲୋଡା।

### ଲୁଚିଲାନି ...

ଅପରାହ୍ନ ୨ ଟାରେ ଚକ୍ରଧରନଗର ଥାନାରେ ଆଣି ଗଣମାଧ୍ୟମ ପ୍ରତିନିଧିଙ୍କ ଆଗରେ ଉପସ୍ଥାପନ କରିଥିଲେ। ପ୍ରେମ ସମ୍ପର୍କ, ସମ୍ପତି ଓ ବିବାହ ପାଇଁ ଜିଦ ଯୋଗୁଁ ମହିଳାଙ୍କୁ ହତ୍ୟା କରାଯାଇଥିବା ଏସପି ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଥିଲେ। ପୂର୍ବତନ ବିଧାୟକ ଅନୁପ ସାଏଙ୍କ ଗିରଫ ନେଇ ଛତିଶଗଡ଼ ରାୟଗଡ଼ ଆରକ୍ଷୀ ଅଧୀକ୍ଷକ ସନ୍ତୋଷ ସିଂହ ଏକ ସାମ୍ବାଦିକ ସମ୍ମିଳନୀରେ ମା' ଓ ଝିଅ ହତ୍ୟାକାଣ୍ଡର ଖୁଲାସା କରିଛନ୍ତି। ସେ କହିଛନ୍ତି ଯେ ୨୦୧୬ ମେ ୭ରେ ମା' କଳ୍ପନା ଦାସ ଓ ଝିଅ ବବଲିଙ୍କର ମୃତଦେହ ମିଳିଥିଲା। ଅନୁପଙ୍କ ଡ୍ରାଇଭର୍ ବର୍ମନ୍ ଟପୋ ଲୁହାଛଡ଼ରେ ୨ ଜଣଙ୍କୁ ହତ୍ୟା କରିଥିଲା ଏବଂ ଏହାକୁ ଦୁର୍ଘଟଣା ରୂପ ଦେବା ଲାଗି ଅନୁପ ନିଜେ ଦୁଇ ମୃତଦେହ ଉପରେ ବୋଲେରୋ ଚଢ଼ାଇ ଦେଇଥିଲେ। ୨୦୦୫ ମସିହାରେ ମୃତ କଳ୍ପନାଙ୍କୁ ତାଙ୍କ ସ୍ୱାମୀ ସୁନୀଲ ଶ୍ରୀବାସ୍ତବ ଛାଡ଼ପତ୍ର ଦେଇଥିଲେ। ଏହାପରେ କଳ୍ପନାଙ୍କ ସମ୍ପର୍କରେ ଆସିଥିଲେ ଅନୁପ ସାଏ। ୨୦୧୧ ମସିହାରୁ ଭୁବନେଶ୍ୱରର ସୁନ୍ଦରପଦାରେ ଅନୁପ ସାଏଙ୍କର ଏକ ଫ୍ଲାଟରେ ରହୁଥିଲେ କଳ୍ପନା। ସେ ଦୁହେଁ ପ୍ରାୟ ଲିଭ୍ ଇନରେ ରହୁଥିଲେ। ଦୁହେଁ ସାଙ୍ଗ ହୋଇ ବିଶାଖାପଟନମ୍, ହାଇଦ୍ରାବାଦ, ଦିଲ୍ଲୀ ଏବଂ ଗୋଆ ଆଦି ସ୍ଥାନକୁ ବୁଲିବାକୁ ଯାଇଥିଲେ। କିନ୍ତୁ ସମୟ ସମୟରେ ବିବାହ ପାଇଁ ଅନୁପଙ୍କ ଉପରେ କଳ୍ପନା ଚାପ ପକାଇଥିଲେ ଏବଂ ଅନୁପ ସାଏ ତାଙ୍କର କେତେକ ସଂପତି ତାଙ୍କ ନାଆଁରେ କରନ୍ତୁ ବୋଲି ବି ଦାବି କରୁଥିଲେ। ଏହାପରେ ଅନୁପ ସାଏ କଳ୍ପନା ଦାସ ଓ ଝିଅ ବବଲିଙ୍କୁ ହତ୍ୟା କରିବା ଲାଗି ଯୋଜନା ପ୍ରସ୍ତୁତ କରିଥିଲେ। ରାୟଗଡ଼ରେ ବାହା ହେବାର ମିଛ ବାହାନା ଦେଖାଇ ହମୀରପୁରରେ ଥିବା ନିଜର ଜନୈକ ସଂପର୍କୀୟଙ୍କ ଘରକୁ ଯିବାକୁ କହି ନିକାଂଚନ ସ୍ଥାନକୁ ନେଇ ଯାଇଥିଲେ। ସେ ହମୀରପୁର ନିକଟରେ ଥିବା ଏକ ଜଙ୍ଗଲରେ କଳ୍ପନା ଦାସ ଓ ଝିଅ ବବଲିଙ୍କୁ ଲୁହାରଡରେ ପିଟି ପିଟି ହତ୍ୟା କରିଥିଲେ। ମୃତଦେହ ଜବତ ହେବା ପରେ ପରିଚୟ ନ ପାଇ ଛତିଶଗଡ଼ ପୁଲିସ୍ ମୃତ କଳ୍ପନା ଓ ଝିଅ ବବଲିଙ୍କର ଫଟୋ ବିଭିନ୍ନ ପୁଲିସ୍ ଥାନାରେ ମାରିଥିଲା। କଳ୍ପନାଙ୍କର ଜଣେ ସଂପର୍କୀୟ ଭାଇ କନେଷ୍ଟବଳ ସରୋଜ ଦାସ ପ୍ରଥମେ ଫଟୋରୁ କଳ୍ପନା ଦାସଙ୍କୁ ଚିହ୍ନଟ କରିଥିଲେ। ପରେ କଲ୍ ରେକର୍ଡରୁ ଅନୁପଙ୍କ ସମ୍ପୃକ୍ତି ଥିବା ଜଣାପଡିଥିଲା। ହତ୍ୟାକାଣ୍ଡ ଦିନ ଭୁବନେଶ୍ୱରରୁ ରାୟଗଡ଼ ଯିବା ସମୟରେ କଳ୍ପନା ଓ ଅନୁପଙ୍କୁ ଢାବା କର୍ମଚାରୀ ଦେଖିଥିଲେ। ମହିଳାଙ୍କ ନିଖୋଜ ନେଇ ଅନୁପ ସାଏ କୌଣସି ଏତଲା ଦେଇ ନ ଥିଲେ। ୨୦୧୧ରୁ ୨୦୧୬ ରେ ସାଙ୍ଗରେ ରହୁଥିଲେ ବି ଅନୁପ ଏ ନେଇ ଏତଲା ନଦେବା ପୁଲିସର ସନ୍ଦେହ ବାଇଥିଲା। ଏହାପରେ ବହୁଥର ଅନୁପଙ୍କୁ ଛତିଶଗଡ଼ ପୁଲିସ୍ ପକ୍ଷରୁ ନୋଟିସ୍ ହୋଇଥିଲା, ମାତ୍ର ସେ ସହଯୋଗ କରି ନ ଥିଲେ। ଏହି ଘଟଣାରେ ଛଅଟି ରାଜ୍ୟର ପୁଲିସ୍ ସହ ଯୋଗାଯୋଗ କରିଥିଲା ଏବଂ ପ୍ରାୟ ୭୦୦ ଲୋକଙ୍କୁ ପଚରାଉଚରା କରିଥିଲା ଛତିଶଗଡ଼ ପୁଲିସ୍। ଛତିଶଗଡ଼ ରାୟଗଡ଼ର ଆରକ୍ଷୀ ଅଧୀକ୍ଷକ ସନ୍ତୋଷ ସିଂହଙ୍କ ସୂଚନା ଅନୁଯାୟୀ ଅନୁପ ସାଏଙ୍କ ନାର୍କୋଟେଷ୍ଟ କରାଯିବ। ତା'ଛଡ଼ା ଘଟଣାସ୍ଥଳରୁ ସଂଗ୍ରହ କରାଯାଇଥିବା ଫିଙ୍ଗରପ୍ରିଂଟଷ୍ଟମେଳ କରାଯିବ ଏବଂ ଅନୁପଙ୍କ ଡିଏନଏ ଟେଷ୍ଟ୍ ମଧ୍ୟ ହେବ। ଡ୍ରାଇଭରଙ୍କୁ ଧରିବାଲାଗି ପୁଲିସ୍ ଉଦ୍ୟମ କରୁଛି ବୋଲି ରାୟଗଡ଼ର ଆରକ୍ଷୀ ଅଧୀକ୍ଷକ ସୂଚନା ଦେଇଛନ୍ତି।

### ବିଜେପି ...

ନରେନ୍ଦ୍ର ମୋଦିଙ୍କ ପ୍ରତି ଲୋକଙ୍କ ଆସ୍ଥା କମି ଯାଇଥିବାର ମନେ ହେଉଛି। ଦେଶର ଯୁବବର୍ଗ ମୋଦିଙ୍କୁ ନେଇ ଯେଭଳି ସ୍ୱପ୍ନ ଦେଖିଥିଲେ ତାହା ହୁଏତ ଫଳପ୍ରଦ ହୋଇପାରି ନଥିବା ଏହି ପରାଜୟର କାରଣ ଭାବେ ନିଆଯାଇପାରେ। ରୋଜଗାର ବଢ଼ାଇବା, ନିଯୁକ୍ତି ଦେବା ଏବଂ ଦରଦାମ ନିୟନ୍ତ୍ରଣ କରିବା କ୍ଷେତ୍ରରେ ମୋଦିଙ୍କ ସରକାର ଆଦୌ ସଫଳ ହୋଇନାହାନ୍ତି। ନିଜ ନିର୍ବାଚନୀ ଏଜେଣ୍ଡାକୁ ନେଇ ବିଜେପି ଦେଶ ପାଇଁ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଥିଲେ ବି କୃଷି, କୃଷକ ଦାରିଦ୍ର୍ୟ, ବେରୋଜଗାରୀ ଏବଂ ଲୋକଙ୍କ ବିଶ୍ୱାସ ଜିଣିବା କ୍ଷେତ୍ରରେ ବର୍ତ୍ତମାନର କେନ୍ଦ୍ର ସରକାର ବିଫଳ ସାବ୍ୟସ୍ତ ହୋଇଛନ୍ତି। ଲୋକଙ୍କ ମୌଳିକ ସମସ୍ୟା ସମାଧାନ ଠାରୁ ଦୂରେଇ ଯାଇ କେବଳ ନୀତି ଆଦର୍ଶକୁ ଢାଲ କରି ସବୁବେଳେ ଆଗକୁ ବଢ଼ିବା ସମ୍ଭବ ହୋଇନଥାଏ। ଦେଶ ବର୍ତ୍ତମାନ ମାନ୍ଦାବସ୍ଥା ଦେଇ ଗତି କରୁଥିଲା ବେଳେ ଭାରତୀୟ ଅର୍ଥନୀତି ଖୁବ୍ ଦୁର୍ବଳ ଅବସ୍ଥାରେ। ବର୍ତ୍ତମାନ ଖୁଚୁରା ବଜାରରେ ବିକ୍ରି ହେଉଥିବା ଜରୁରୀ ସାମଗ୍ରୀ ଗୁଡିକର ଦର ସରକାରଙ୍କ ନିୟନ୍ତ୍ରଣରେ ନାହିଁ। ଯେଉଁଥିପାଇଁ ଦିନକୁ ଦିନ ସବୁ ଜିନିଷର ଦର ବଢ଼ିଚାଲିଛି।

ଦିଲ୍ଲୀ ନିର୍ବାଚନ ଫଳାଫଳ ପ୍ରକାଶ ପାଇବା ପରେ ତୈଳ କମ୍ପାନୀ ଗୁଡିକ ଏଲ୍‌ପିଜି ଦାମରେ ବଡ ଧରଣର ବୃଦ୍ଧି କରିଛନ୍ତି। ପୂର୍ବରୁ ଏଲ୍‌ପିଜି ଗ୍ୟାସ ଦର ବୃଦ୍ଧି ଏଭଳି ଘଟିନଥିଲା। ଏକାଥରକେ ଏଲ୍‌ପିଜି ଦାମ ୧୪୪ ଟଙ୍କା ବଢ଼ିବା ପରେ ଖାଉଟୀମାନେ ଏନେଇ ଅସନ୍ତୋଷ ଜାହିର କଲେଣି। ଯଦିଓ ୨୦୧୯ ପରେ ଭାରତରେ ତୈଳ ଦର ନିର୍ଦ୍ଧାରଣ ପ୍ରକ୍ରିୟା ସରକାରଙ୍କ ନିୟନ୍ତ୍ରଣରୁ ମୁକ୍ତ ହୋଇସାରିଛି। ତଥାପି ଲୋକ କେନ୍ଦ୍ର ସରକାରଙ୍କ ଉପରେ ଏହାର ଦୋଷ ଲଦି ଚାଲିଛନ୍ତି। ଦିଲ୍ଲୀରେ ଆପ୍‌ର ବିଜୟ ଦେଶର ସବୁ ଆଞ୍ଚଳିକ ଦଳ ମାନଙ୍କ ଭିତରେ ଗୋଟେ ନୂଆ ଭରସା ତିଆରି କଲାଣି। ଜାତୀୟ ଦଳ ବଦଳରେ ସାଧାରଣ ଭୋଟର ଯେତେବେଳେ ନିଜ ରାଜ୍ୟର ଆଞ୍ଚଳିକ ଦଳକୁ ଅଧିକରୁ ଅଧିକ ଭୋଟ ଦେବା ଆରମ୍ଭ କରିବେ ତାହା ଜାତୀୟ ଦଳ ପାଇଁ ବିପତ୍ତି ସଦୃଶ। ମୁହଁରେ କେବଳ ରାଷ୍ଟ୍ର କଥା କହି ରାଷ୍ଟ୍ରରେ ରହୁଥିବା ଲୋକଙ୍କ ଚିନ୍ତା ନକଲେ ଭୋଟ ଫଳାଫଳ ଏଭଳି ହୁଏ ବୋଲି ରାଜନୈତିକ ବିଶ୍ଳେଷକମାନେ କହୁଛନ୍ତି। ତେଣୁ ଆଗକୁ ଅନୁଷ୍ଠିତ ହେବାକୁ ଥିବା ପଶ୍ଚିମବଙ୍ଗ, କେରଳ ଓ ଆସାମ ଭଳି ରାଜ୍ୟରେ ବିଜେପି ନିଜର ରଣନୀତିରେ ପରିବର୍ତ୍ତନ ନ ଆଣିଲେ ଏଭଳି ଅବସ୍ଥା ଭୋଗିପାରେ ବୋଲି ମଧ୍ୟ ଆଶଙ୍କା ଦେଖାଦେଲାଣି। ଯେଉଁ ଯୁବବର୍ଗଙ୍କ କଥା କହି ମୋଦି ସରକାରକୁ ଆସିଥିଲେ ସେହି ଯୁବବର୍ଗଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ନକରି କେବଳ ଭାରତରେ ଯୁବବର୍ଗଙ୍କ ସଂଖ୍ୟା ଅଧିକ କହି ନିଜକୁ ହୁଏତ ଆଶ୍ୱାସନା ଦେଇପାରନ୍ତି। କିନ୍ତୁ ଯୁବ ସମାଜର କୌଣସି ଲାଭ ହେବନାହିଁ। ବରଂ ଦରଦାମ ବୃଦ୍ଧି ଓ ବେରୋଜଗାରୀକୁ ନେଇ ଭୋଟରଙ୍କ ମନରେ ଯେଉଁ ପ୍ରତିକ୍ରିୟା ସୃଷ୍ଟି ହେବ ତାହା ନିର୍ବାଚନ ଫଳାଫଳାକୁ ପ୍ରଭାବିତ କରିବ। ତେଣୁ ଦିଲ୍ଲୀ ନିର୍ବାଚନ ଫଳାଫଳ ଓ ଅରବିନ୍ଦ କେଜରିୱାଲଙ୍କ ସଫଳତା ବିଜେପି ପାଇଁ ଏକ ଚେତାବନୀ। ଆଗାମୀ ଦିନରେ ବିଜେପି ନିଜର ନିର୍ବାଚନ ରଣନୀତିରେ ପରିବର୍ତ୍ତନ ନ ଆଣିଲେ ନିଶ୍ଚୟ ଅବକ୍ଷୟମୁଖୀ ହୋଇପଡିବ।

### ମାର୍ଚ୍ଚରୁ ...

ଏନେଇ ଖୁବ୍ ଶୀଘ୍ର 'ନିଷ୍ଠା' ଯୋଜନା ଆରମ୍ଭ ହେବାକୁ ଯାଉଛି। ଏହି ଯୋଜନାରେ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ରାଜ୍ୟର ୧ଲକ୍ଷ ୯୮ହଜାର ଶିକ୍ଷକଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯିବ। ତେବେ ଏକାଦଶ ଏବଂ ଦ୍ୱାଦଶ ଶ୍ରେଣୀ ଲାଗି କେତେ ଅଧ୍ୟାପକଙ୍କୁ ପ୍ରଶିକ୍ଷଣ ମିଳିବ ତାହା ସ୍ପଷ୍ଟ ହୋଇନାହିଁ। ଏଥିପାଇଁ ପ୍ରାୟ ୩୩କୋଟି ଟଙ୍କା ଖର୍ଚ୍ଚ ହେବାକୁ ଥିବା ବେଳେ ଏହି ଟଙ୍କା କେନ୍ଦ୍ର ସରକାର ବହନ କରିବେ। ୨୦୨୦-୨୧ ଶିକ୍ଷାବର୍ଷ ଲାଗି ସର୍ବଭାରତୀୟସ୍ତରରେ ଏହି 'ନିଷ୍ଠା' ଯୋଜନା ଆରମ୍ଭ ହେବାକୁ ଯାଉଛି। ଏଥିରେ ଦେଶର ମୋଟ୍ ୪୨ଲକ୍ଷ ଶିକ୍ଷକ ପ୍ରଶିକ୍ଷଣ ପାଇବେ। ରାଜ୍ୟରେ ପ୍ରଥମରୁ ଦଶମ ପର୍ଯ୍ୟନ୍ତ ୬୭ହଜାର ୬୦୫ଟି ସ୍କୁଲ ରହିଛି। ତେବେ ସେହିପରି ରାଜ୍ୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ୍ ଶିକ୍ଷକଙ୍କ ସଂଖ୍ୟା ୧ଲକ୍ଷ ୯୭ହଜାର ୩୨୬ଜଣ। ସେଥିରୁ କେବଳ ପ୍ରାଥମିକ ଶିକ୍ଷକଙ୍କ ସଂଖ୍ୟା ଲକ୍ଷେ ୩୦ହଜାର ୫୧୬ ଏବଂ ପ୍ରାଥମିକ ଶିକ୍ଷକଙ୍କ ସଂଖ୍ୟା ୬୬ହଜାର ୮୧୦ଜଣ। ତେବେ ଏହି ଯୋଜନାରେ ଓଡ଼ିଶାରେ ଅଢ଼େଇ ଲକ୍ଷ ଶିକ୍ଷକଙ୍କ ପ୍ରଶିକ୍ଷଣ ଲାଗି ଯୋଜନା ଥିବା ବେଳେ ପ୍ରଥମ ପର୍ଯ୍ୟାୟରେ ୧ଲକ୍ଷ ୯୮ହଜାର ଶିକ୍ଷକଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯିବ। ସମଗ୍ରଶିକ୍ଷା ଯୋଜନାରେ ମିଳିଥିବା ଅନୁଦାନରେ ଏହି ଖର୍ଚ୍ଚ କରାଯିବ। ଆବଶ୍ୟକ ସ୍ଥଳେ ଯୋଜନା ଲାଗି ଅନୁଦାନ ରାଶି କେନ୍ଦ୍ର ବଢ଼ାଇବେ। ତେବେ ସର୍ବଭାରତୀୟସ୍ତରରେ ଓଡ଼ିଶାରେ ଶିକ୍ଷା କ୍ଷେତ୍ରରେ ସଂସ୍କାର ଆଣିବାରେ ରାଜ୍ୟ ସରକାର ଆଗୁଆ ଥିବା ବେଳେ ବିଭିନ୍ନ ଅଭିନବ ଯୋଜନା କାର୍ଯ୍ୟକାରୀ କରିବାରେ ଓଡ଼ିଶା ଆଗୁଆ ରହିଛି। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ବିଷୟଭିତ୍ତିକ ଫର୍ମାଲ ଏବଂ ନନ୍ ଫର୍ମାଲ ଟିଚିଙ୍ଗ୍ ପଦ୍ଧତି ସମ୍ପର୍କରେ ପ୍ରଶିକ୍ଷଣ ଦିଆଯିବା ସହ, ସ୍କୁଲ ପରିଚାଳନା, କମ୍ପ୍ୟୁଟର, ସ୍କୁଲ ପରିଚାଳନା ସମ୍ପର୍କରେ ସମସ୍ତ ପ୍ରଶିକ୍ଷଣ ଦିଆଯିବ। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଜାତୀୟ ଓ ଅନ୍ତର୍ଜାତୀୟସ୍ତରର ପ୍ରଶିକ୍ଷକମାନେ ସାମିଲ ହେବାର ବ୍ୟବସ୍ଥା ମଧ୍ୟ ରହିଛି। ବିଶେଷକରି ସବୁ ଶିକ୍ଷକ ଯେପରି ସବୁ ବିଷୟର ଶିକ୍ଷାଦାନ ଦେବାରେ ଦକ୍ଷ ହୋଇପାରିବେ ସେ ନେଇ ମଧ୍ୟ ଏହି ଯୋଜନାରେ ଗୁରୁତ୍ୱ ଦିଆଯିବ। କେବଳ ସରକାରୀ ସ୍କୁଲର ଶିକ୍ଷକ, ଶିକ୍ଷୟିତ୍ରୀ ଓ ପ୍ରଧାନଶିକ୍ଷକମାନେ ଏହି ଯୋଜନାରେ ସାମିଲ ହୋଇପାରିବେ। ଏହି ଯୋଜନା ସମ୍ପର୍କରେ ବିଭାଗର ଜଣେ ଅଧିକାରୀଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ଏମ୍‌ଏଚ୍‌ଆର୍‌ଡି ପକ୍ଷରୁ ଏ ନେଇ ଏକ ବୈଠକ ଅତିତ ନିକଟରେ ଅନୁଷ୍ଠିତ ହୋଇଯାଇଛି। ତେଣୁ ଏହି ଯୋଜନା ଲାଗି ପ୍ରକୃତରେ କେତେ ଟଙ୍କା ଖର୍ଚ୍ଚ ହେବ ତାହାର ଆକଳନ ହୋଇନାହିଁ। ତେଣୁ ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଏନେଇ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହେବ। ବୈଠକରେ ବିଭାଗର ପ୍ରମୁଖ ବରିଷ୍ଠ ଅଧିକାରୀଙ୍କ ମତାମତ ଗ୍ରହଣ ହେବା ପରେ ଏହାର ଆକ୍ସନ ପ୍ଲାନ କରାଯିବ।

## ପାଞ୍ଚଶହ ଟଙ୍କା ମାଗିଲେ ୧୦୨ ଆମ୍ବୁଲାନ୍ସ ଡ୍ରାଇଭର

# ଅର୍ଥ ନଦେବାରୁ ଆଶା କର୍ମୀ, ପ୍ରସୂତିଙ୍କ ସମ୍ପର୍କୀୟଙ୍କୁ ଗାଡିରୁ ଓହ୍ଲାଇଦେଲେ



**ଖଇରା :** ସରକାର ମାତୃ ଓ ଶିଶୁ ସୁରକ୍ଷା ପାଇଁ ଜନନୀ ଯୋଜନା ପ୍ରଣୟନ କରିଥିବାବେଳେ ଯୋଜନା ହେଉଛି ବାଟବଣା। ମାତ୍ର ପାଞ୍ଚଶହ ଟଙ୍କା ପାଇଁ ଜଣେ ପ୍ରସୂତିର ସମ୍ପର୍କୀୟ ଏବଂ ଆଶା କର୍ମୀଙ୍କୁ ଆମ୍ବଲାନ୍ସ ଡ୍ରାଇଭର ଗାଡିରୁ ଓହ୍ଲାଇଦେବା ଏବଂ ଦୁର୍ବ୍ୟବହାର କରିବା ଘଟଣା ଖଇରା ଅଞ୍ଚଳରେ ବେଶ ଚର୍ଚ୍ଚାର ବିଷୟ ପାଲଟିଛି। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ। ଘଟଣାରୁ ପ୍ରକାଶ ଯେ ଔପଦା ଥାନା ଅଧୀନ ବେଡେଇ ଗ୍ରାମର ପାତ୍ର ବଦ୍ରାଙ୍କ ପତ୍ନୀ ଜେମା(୨୬)ଙ୍କର ପ୍ରସବ ଯନ୍ତ୍ରଣା ହେବା ପରେ ତାଙ୍କୁ ଆଶା କର୍ମୀ ସମ୍ବାରି ମାଣିକ୍ ଓ ପରିବାର ଲେକେ ଅପରାହ୍ନ ସମୟରେ ୧୦୨ ଆମ୍ବୁଲାନ୍ସ ଯୋଗେ ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତୀ କରାଇଥିଲେ। ସେଠାରେ ଜେମାଙ୍କର ଏକ ପୁତ୍ର ସନ୍ତାନ ଜନ୍ମ ହୋଇଥିଲା। ହେଲେ ଶିଶୁଟି ଗୁରୁତର ହୋଇଯିବା ଫଳରେ ତାକୁ ଭଦ୍ରକ ନେବା ପାଇଁ ଡାକ୍ତର ପରାମର୍ଶ ଦେଇଥିଲେ। ୧୦୨କୁ ଫୋନ କରାଯିବାରେ ଆଗରପଡାରୁ ଆମ୍ବୁଲାନ୍ସ ଆସି ଖଇରାରେ ପହଞ୍ଚିଥିଲା। ପ୍ରସୁତି ସହ ନବଜାତ ଶିଶୁ, ସ୍ୱାମି, ଦିଅର ଶ୍ୟାମସୁନ୍ଦର ଏବଂ ଗ୍ରାମର ଆଶାକର୍ମୀ ଭଦ୍ରକ ଯିବାକୁ ଆମ୍ବୁଲାନ୍ସରେ ବସିଥିଲେ। ଗାଡି କିଛିବାଟ ଯିବା ପରେ ହଠାତ ଗାଡିର ଏଟେଣ୍ଡାନ୍ସ ଓ ଡ୍ରାଇଭର ପ୍ରସୂତିକୁ ଛାଡି ଅନ୍ୟମାନଙ୍କୁ ଗାଡିରୁ ଜୋର ଜବରଦସ୍ତ ଓହ୍ଲାଇ ଦେବା ସହିତ ଭଦ୍ରକ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିବା କାଗଜପତ୍ର ସାଙ୍ଗରେ ନନେଇ ପ୍ରସୂତିଙ୍କୁ ନେଇ ଭଦ୍ରକ ମେଡିକାଲକୁ ପଳାଇଯାଇଥିଲେ। ଏହାକୁ ନେଇ ଆଶା କର୍ମୀ ଏବଂ ପରିବାର ଲୋକେ ସେଠାରେ ପାଟି କରିବା ସହ ବଜାରବାସୀଙ୍କ ଆଗରେ ଦୁଃଖଭରା କଣ୍ଠରେ ତାଙ୍କୁ ଆମ୍ବୁଲାନ୍ସ କର୍ମଚାରୀ ପାଞ୍ଚଶହ ଟଙ୍କା ମାଗିଥିଲେ। ସେହି ଅର୍ଥ ସେ ଦେବାକୁ ଅସମର୍ଥ ହେବାରୁ କର୍ମଚାରୀ ମାନେ ଖରାପ ବ୍ୟବହାର ଦେଖାଇ ଗାଡିରୁ ଓହ୍ଲାଇ ଦେଇଥିଲେ ବୋଲି ଆଶାକର୍ମୀ ସମ୍ବାରି ମାଣିକ ଓ ଦିଅର ଶ୍ୟାମସୁନ୍ଦର ପ୍ରକାଶ କରିଛନ୍ତି। ଖୁବଶୀଘ୍ର ସେମାନେ ବାଲେଶ୍ୱର ଜିଲ୍ଲାପାଳ ଓ ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଅଭିଯୋଗ କରିବେ ବୋଲି ପ୍ରସୂତିଙ୍କ ସମ୍ପର୍କୀୟ ମାନେ କହିଛନ୍ତି।

# ଚଞ୍ଚକତା କରି ଗରିବ ଶ୍ରେଣୀ ଲୋକଙ୍କର ଯୋଜନାକୁ ହାତେଇଲେ ଧନୀକ ଶ୍ରେଣୀ

**ଖୋରଧା :** ଗରିବମାନଙ୍କ ପାଇଁ ହୋଇଥିବା ପ୍ରଧାନମନ୍ତ୍ରୀ ଆବାସ ଯୋଜନାକୁ ଅସାଧୁ ଉପାୟରେ ସ୍ଥାନୀୟ ଜନ ପ୍ରତିନିଧି ଏବଂ ପ୍ରଶାସନିକ ଅଧିକାରୀମାନଙ୍କ ଆଗୋଚୋରରେ ହାତେଇବାରେ ସଫଳ ହୋଇଛନ୍ତି ଧନୀକ ଶ୍ରେଣୀର ବ୍ୟକ୍ତିମାନେ। ଫଳରେ ବାସହୀନ ବ୍ୟକ୍ତିଟି ଏହି ସୁବିଧାରୁ ବଞ୍ଚିତ ହୋଇ ବାରଦୁଆର ସୁଡିପିଣ୍ଡା ହେଉଥିବା ଦେଖିବାକୁ ମିଳିଛି। ଖୋର୍ଦ୍ଧା ପଞ୍ଚାୟତ ସମିତି ଅଧିନସ୍ଥ ଟାଙ୍ଗୀଆପଡ଼ା ଗ୍ରାମପଞ୍ଚାୟତର ପାଇକଡିଗିରିଆ ଗ୍ରାମର ମନୋରଂଜନ ମହାରଣା ବୟସ-୧୫, ପିତା-ହଟକିଶୋର ମହାରଣା, ବିଜୟ ବିଶ୍ୱାଳ, ପିତା-ବନମାଳୀ ବିଶ୍ୱାଳ, ବିଜୟ ବିଶ୍ୱାଳଙ୍କ ସ୍ତ୍ରୀ ରୀନା ବିଶ୍ୱାଳ, ପିତା-ଗୁଣନିଧି ବିଶ୍ୱାଳ ସୁକାନ୍ତ କୁମାର ସାହୁ, ପିତା-ନିମାଇଁ ସାହୁ, ତ୍ରିଲୋଚନ ସାହୁ, ପିତା-ନିମାଇଁ ସାହୁ, ଉଭୟ ଦୁଇ ଭାଇ ଏବଂ ଅର୍ଜୁନ ସାହୁ, ପିତା-ମଧୁସାହୁ, ଯାହାଙ୍କର ଆଠ ବଖରା ଘର ଅଛି ସେହି ବ୍ୟକ୍ତିମାନେ ଚଞ୍ଚକତା କରି ପ୍ରଧାନମନ୍ତ୍ରୀ ଆବାସ ଯୋଜନା ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଯେଉଁ ଯୋଜନା ଗରିବ ଶ୍ରେଣୀ ବ୍ୟକ୍ତିମାନଙ୍କ ପାଇଁ ଉଦ୍ଦିଷ୍ଟ ଥିବା ବେଳେ ସେହି ଯୋଜନାକୁ ଚଞ୍ଚକତା କରି ଆର୍ଥିକ ସ୍ୱଚ୍ଛଳ ଥିବା ବ୍ୟକ୍ତିମାନେ ହାତେଇବାରେ ସଫଳ ହୋଇଛନ୍ତି। ଏ ସମ୍ପର୍କରେ ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀ ଖୋର୍ଦ୍ଧା ଜିଲ୍ଲାପାଳ ବିଶେଷ ଦୃଷ୍ଟି ଦେବା ସହ ଦୁର୍ନୀତି ନିବାରଣ ବିଭାଗ ଦ୍ୱାରା ତଦନ୍ତ କରାଗଲେ ପ୍ରକୃତ ସତ୍ୟ ଲୋକ ଲୋଚନକୁ ଆସି ପାରିବ ବୋଲି ସାଧାରଣରେ ଦାବି ହେଉଛି।

# ହାତୀ ଦାନ୍ତ ଜବତ, ୫ ଅଭିଯୁକ୍ତ ଗିରଫ




**ବାରିପଦା :** ମୟୂରଭଞ୍ଜ ଜିଲ୍ଲାରେ ବିଭିନ୍ନ ଜଙ୍ଗଲରେ ହାତୀ ମୃତ୍ୟୁ ହେଉଥିବା ବେଳେ ହାତୀର ଦାନ୍ତ ବିଷୟରେ କୌଣସି ସୁରାକ ମିଳିନଥାଏ। ବନ ବିଭାଗ ପକ୍ଷରୁ ମୃତ ହାତୀ ମାଈ ଓ ମାଖନା ବୋଲି ସଫେଇ ଦେଇ ଅତି ସହଜରେ ଖସିପଳାଇ ଯାଉଥିବାର ଅନେକ ନଜିର ରହିଛି। ଏହି ସମୟରେ ଆଜି ବନ ବିଭାଗ ପକ୍ଷରୁ ୩୮ ସେଣ୍ଟିମିଟର ଲମ୍ବ ୬୦୦ ଗ୍ରାମ ଓଜନ ଓ ୪୫ ସିଏମ ଲମ୍ବ, ୭୦୦ ଗ୍ରାମ ଓଜନ ମୋଟ ୧.୩ କିଗ୍ରାମ ଓଜନର ଦୁଇଟି ହାତୀ ଦାନ୍ତ ଜବତ, ୫ ଅଭିଯୁକ୍ତ ଗିରଫ ଘଟଣା ବନ ବିଭାଗର କାର୍ଯ୍ୟଦକ୍ଷତା ଉପରରେ ପ୍ରଶ୍ନବାଚୀ ସୃଷ୍ଟି କରାଇଛି। ପ୍ରାପ୍ତ ସୂଚନାରୁ ଜଣାପଡ଼ିଛି, ବିଶେଷ ସୂତ୍ରରୟ ବାରିପଦା ବନଖଣ୍ଡ ଅଧିକାରୀ ସ୍ୱୟମ୍ ମଲ୍ଲିକ ହାତୀ ଦାନ୍ତ ଚୋରା ଚାଲାଣ ଉଦ୍ୟମ ହେଉଥିବାର ଖବର ପାଇବା ପରେ ବନ କର୍ମଚାରୀମାନଙ୍କୁ ଉଦଳା – ବାରିପଦା ରାସ୍ତାରେ ଯାଞ୍ଚ କରିବା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ବନ କର୍ମଚାରୀମାନେ ଆଜି ସନ୍ଧ୍ୟାରେ ଉଦଳା-ବାରିପଦା ରାଜ୍ୟ ରାଜପଥରେ ଯାତାୟତ କରୁଥିବା ଯାନଗୁଡ଼ିକ ଉପରେ ସତର୍କ ନଜର ରଖିଥିବା ବେଳେ ଟିଟିଆ ଛକ ନିକଟରେ ବନ କର୍ମଚାରୀମାନେ ଏକ ଅଟୋକୁ ଅଟକାଇ ସେଥିରେ ବସିଥିବା ୫ ଜଣ ଯୁବକଙ୍କୁ ତଲାସୀ ନେବା ସମୟରେ ସେମାନଙ୍କ ନିକଟରୁ ଦୁଇଟି ହାତୀ ଦାନ୍ତ ଜବତ କରାଯାଇଥିଲା। ଏହାପରେ ଅଭିଯୁକ୍ତ ଉଦଳା ଥାନା କୁଣ୍ଡାବାଇ ଅଞ୍ଚଳର ଉପରତଳଡ଼ିହା ଗ୍ରାମର ଭାନୁ ମାହାଳି ପୁଅ ଦେବେନ୍ଦ୍ର ମାହାଳି, ଗିରିଶ ଚନ୍ଦ୍ର ମହାଳିଙ୍କ ପୁଅ ପଙ୍କଜ ମାହାଳି, ବନୁଆ ସିଂଙ୍କ ପୁଅ ଜଗନ୍ନାଥ ସିଂ, ବୁଧିଆ ସିଂଙ୍କ ପୁଅ ବିନୁ ସିଂ ଓ ଜାମୁଡ଼ିହା ଗ୍ରାମର ସୋମା ସିଂଙ୍କ ପୁଅ ସୁଶାନ୍ତ ସିଂଙ୍କୁ ବନ କର୍ମଚାରୀମାନେ ଗିରଫ କରି ବାରିପଦା ପିଠାବଟା ରେଞ୍ଜକୁ ନେଇ ଆସିଥିଲେ। ଦାନ୍ତ ଦୁଇଟି ୧୦ରୁ ୧୫ ବର୍ଷ ବୟସର ଦନ୍ତାହାତୀର ବୋଲି ଅନୁମାନ କରାଯାଇଛି। ଅଭିଯୁକ୍ତ ୫ ଜଣ ଯୁବକଙ୍କ ନାମରେ ୬୪ବିଏ/୨୦୧୯-୨୦ରେ ମାମଲା କରାଯାଇଛି ଏବଂ ଫେବୃଆରୀ ୧୪ରେ କୋର୍ଟ ଚାଲାଣ କରାଯିବ ବୋଲି ଜଣାପଡ଼ିଛି। ଏଥି ସହିତ ହାତୀଦାନ୍ତକୁ ନେଇ ଅଧିକ ତଦନ୍ତ ଜାରି ରହିଛି ବୋଲି ପିଠାବଟା ରେଞ୍ଜର ଶ୍ରୀବେହେରା ସୂଚନା ଦେଇଛନ୍ତି। ବାରିପଦା ବନଖଣ୍ଡ ଅଧିକାରୀ ସ୍ୱୟମ୍ ମଲ୍ଲିକଙ୍କ ନିର୍ଦ୍ଦେଶରେ ପିଠାବଟା ରେଞ୍ଜର ଲକ୍ଷ୍ମୀଧର ବେହେରା, ଫରେଷ୍ଟ ଡ଼ିଭିଜନ ମୋବାଇଲ ସ୍କ୍ୱାର୍ଡ଼ର ପ୍ରଶାନ୍ତ କୁମାର ସିଂ, ଢୁକୁରା ବିଟର ଫରେଷ୍ଟ ଗାର୍ଡ଼ ତ୍ରିନାଥ ସାମଲ, ମଞ୍ଚାବନ୍ଧା ବିଟ ଫରେଷ୍ଟ ଗାର୍ଡ଼ ଅନୀଲ କୁମାର ମହାନ୍ତ ପ୍ରମୁଖଙ୍କ ସହ ଅନ୍ୟ ବନ କର୍ମଚାରୀମାନେ ସାମିଲ ରହିଥିଲେ। ତେବେ ଉକ୍ତ ହାତୀଦାନ୍ତ ଦୁଇଟି ଗତ ଡ଼ିସେମ୍ବର ମାସରେ ଦେବକୁଣ୍ଡ ନିକଟରେ ମୃତ ହାତୀର ଦାନ୍ତ ବୋଲି ସନ୍ଦେହ କରାଯାଇଛି।

# ସତ୍ୟବାଦୀର ଶେଷ ସଖା-ଆଚାର୍ଯ୍ୟ ହରିହର



ଅକ୍ଷୟ କୁମାର ରାଉତ





**ପୁ**ରୀ ଜିଲ୍ଲାର ସାକ୍ଷୀଗୋପାଳ ଗୋଟିଏ ପ୍ରସିଦ୍ଧ ତୀର୍ଥ ସ୍ଥାନ। ସମଗ୍ର ଭାରତରୁ ହଜାର ହଜାର ଯାତ୍ରୀ ସେଠାକୁ ଆସନ୍ତି। ଶ୍ରୀରାମଚନ୍ଦ୍ରପୁର ଗ୍ରାମ ସାକ୍ଷୀଗୋପାଳ ମନ୍ଦିର ଠାରୁ ଅଳ୍ପ ଦୂରରେ ଥିବାରୁ ଓଡିଶାର ଅନ୍ୟ ଗ୍ରାମ ତୁଳନାରେ ଟିକିଏ ଆଗୁଆ ଥାଏ। ଏହି ଗ୍ରାମର ମହାଦେବ ବ୍ରହ୍ମାଙ୍କର ସେ ଅଞ୍ଚଳରେ ବେଶ୍ ଖାତିର। ୧୮୭୯ ମସିହା ଫାଲଗୁନ କୃଷ୍ଣ ଦ୍ୱିତୀୟା (ଫେବ୍ରୁଆରୀ ମାସ) ଶନିବାର ଦିନ ମହାଦେବ ବ୍ରହ୍ମାଙ୍କ ଯେଉଁ ପ୍ରଥମ ପୁତ୍ର ହେଲା ତାହାରି ନାମ ଦିଆଗଲା ହରି। ପାଞ୍ଚବର୍ଷ ବୟସରେ ହରି ମା'ଙ୍କୁ ହରାଇଥିଲେ। ମହାଦେବ ବ୍ରହ୍ମାଙ୍କର ଅଳ୍ପ ବୟସ ହୋଇଥିବାରୁ ସେ ଦ୍ୱିତୀୟ ବିବାହ କଲେ। ସାବତ ମା'ଙ୍କ ଦ୍ୱାରା ପାଳିତ ହୋଇଥିଲେ। ସାବତ ମା'ଙ୍କର ତିନିପୁଅଙ୍କ ନାମ ରାମ, ଗୋବିନ୍ଦ ଓ ଶଙ୍କର, ଝିଅ ନାମ ନିଶା ଥିଲା।

ଗାଁର ଭର୍ଣ୍ଣାକୁଳର ସ୍କୁଲରୁ ପାଶ୍‌କରି ହରି ପୁରୀ ଜିଲ୍ଲା ବିଦ୍ୟାଳୟରେ ନାମ ଲେଖାଇଥିଲେ। ପାଉଥିବା ଚାରିଟଙ୍କା ବୃତିରେ ସେ ମାସକର ଖର୍ଚ୍ଚ ବହନ କରିଥିଲେ। ସେଠାରେ ସେ ଗୋପୀନାଥ ଦାଶ ପାଖରେ ରହିଥିଲେ। ଗୋପୀ ଭାଇନାଙ୍କ ଦ୍ୱାରା ଗୋପବନ୍ଧୁ ଦାସଙ୍କ ସହିତ ପରିଚିତ ହେଲେ। ଗୋପବନ୍ଧୁଙ୍କର ପ୍ରଭାବ ହରି ଉପରେ ପଡିଲାରୁ ବିଲାତି ପତଳା ଲୁଗା ପିନ୍ଧିବାର କଳ୍ପନା ହରିଙ୍କର ମଉଳି ଗଲା। ଗୋପୀନାଥ ଓ ଗୋପବନ୍ଧୁଙ୍କର ପ୍ରଭାବରେ ହରି ପାଲଟିଗଲା ଜନତାର ସେବକ। ମାନବିକ ତଥା ବୈପ୍ଲବିକ ଭିତରେ ସେ ସାମଞ୍ଜସ୍ୟ ରଖି ପାରୁଥିଲେ। ଚିକିତ୍ସା ଅଭାବରୁ ଯେଉଁ ହଇଜା ରୋଗୀ ଚିତ୍କାର କରୁଛି ତାଙ୍କୁ ଅଭୟ ଦେବାପାଇଁ ସେ ଯେତିକି ଆଗଭର ହେଉଥିଲେ କୋରାପୁଟର ପାହାଡ, ଜଙ୍ଗଲ କୋଳରେ ରହିଥିବା ଆଦିବାସୀ ମନରେ ଅତ୍ୟାଚାର ବିରୁଦ୍ଧରେ ଶକ୍ତିର ସଞ୍ଚୟ କରିବା ପାଇଁ ମଧ ଠିକ୍ ସେହି ପରିମାଣରେ ବ୍ୟାକୁଳତା ଦେଖାଉଥିଲେ। ଅତ୍ୟାଚାର ସହି ସହି ଯେଉଁ ଦରିଦ୍ର ଲୋକଙ୍କର ଅଣ୍ଟା ନଇଁ ଯାଇଛି ସେମାନଙ୍କ ହାତଧରି, ଅଣ୍ଟାକୁ ଆଉଁସିଦେଇ ସିଧା କରିବା କାର୍ଯ୍ୟକୁ ହରି ସେବା ମନେକରୁଥିଲେ। ଅସହାୟର ଉଦ୍ଧାର ପାଇଁ ହିଁ ହରି ଜନ୍ମ ହୋଇଛନ୍ତି। ମାନବ ସମାଜର ସେବା ଯଜ୍ଞରେ ହରିଙ୍କୁ ଉତ୍ସାହର ଘିଅ ଯୋଗାଉଥିଲେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ। ହରିହର ପାଲଟିଗଲେ ବିପ୍ଳବୀ, ସଂସ୍କାରକ, ଶିକ୍ଷକ ଓ ଦଳିତ ନିର୍ଯାତିତମାନଙ୍କର କଳ୍ପବଟ।

ଆଜି ଓଡ଼ିଶାର ଯେଉଁ କୋଣକୁ ଯାଅ ଦେଖିବ ଆଚାର୍ଯ୍ୟ ହରିହରଙ୍କର ଛାତ୍ର। ଛୋଟବେଳୁ ହରିହର ନିଜ ପାଠ ପଢ଼ିବା ପରେ ଗାଁର ଅନ୍ୟ ଲୋକମାନଙ୍କୁ ପାଠପଢ଼ାନ୍ତି। ଦିନେଦିନେ ମା ଶ୍ରଦ୍ଧାଦେବୀ ହରିର ଘରକୁ ଫେରିବା ବିଳମ୍ବ ହେଲେ ବ୍ୟସ୍ତ ହୋଇପଡ଼ନ୍ତି। କୁହନ୍ତି "ତୁ ଏତେ ଲୋକଙ୍କୁ ପାଠ ପଢ଼ାଉଛୁ, ମୋତେ ଟିକିଏ ପଢ଼ାନ୍ତୁନି"? ଏତିକିରେ ହରି ହୋଇଗଲେ 'ମା'ର ଶିକ୍ଷକ। ନିଜ ମାମୁଁ ଅଜାଙ୍କ ଘରେ ପୁରୀରେ ରହି ପାଠ ପଢ଼ିଲେ। ଏଫ.ଏ.ପାଶ୍ ପରେ ହରିହର ପି.ଏଲ୍ ପଢ଼ିଲେ। କଟକରୁ ଯାଇ କଲିକତାରେ ଓକିଲାତି ପାଠ ପଢ଼ିଲେ। ଓକିଲାତିର ଶେଷ ପରୀକ୍ଷା ନଦେଇ ପୁରୀ ଜିଲ୍ଲା ସ୍କୁଲରେ ଆସି ଶିକ୍ଷକତା କଲେ। ସରକାରୀ ଚାକିରୀରେ ମନ ମାନିଲା ନାହିଁ। ନୀଳଗିରି ଗଡ଼ଜାତରେ ଗୋଟିଏ ପ୍ରସ୍ତାବିତ ହାଇସ୍କୁଲରେ କିଛି ଦିନ କାର୍ଯ୍ୟ କଲେ। ଏହି ସମୟରେ ଜାତୀୟ ଆନ୍ଦୋଳନ ମୁଣ୍ଡ ଟେକିଲାଣି। ପଲିଟିକାଲ ଏଜେଣ୍ଟ କବ୍‌ଡେନ୍ ରାମ୍‌ସେଙ୍କ ବିଷ ଦୃଷ୍ଟିରେ ଉକ୍ତ ହାଇସ୍କୁଲଟି ପଡିବାରୁ, ସେ ରାଜାଙ୍କୁ ସ୍କୁଲ ଭାଙ୍ଗିଦେବାକୁ ପରାମର୍ଶ ଦେଲେ। ସ୍କୁଲ ଭାଙ୍ଗିଲା, ତେଣୁ ହରିହର ନୀଳଗିରିରୁ କଟକର ପ୍ୟାରୀମୋହନ ଏକାଡେମୀକୁ ଚାଲିଆସିଲେ। କଟକରେ ସେ ନିଜର ଦକ୍ଷତା ଯୋଗୁଁ ସମସ୍ତଙ୍କର ପ୍ରିୟପାତ୍ର ହେଲେ। ୧୯୧୨ ମସିହାରେ ହରିହର ଚାଲିଲେ ସତ୍ୟବାଦୀରୁ ବକୁଳବନ ବିଦ୍ୟାଳୟକୁ। ଉତ୍କଳମଣି, ନୀଳକଣ୍ଠ, ଗୋଦାବରୀଶ, ନନ୍ଦକିଶୋର ଓ କୃପାସିନ୍ଧୁଙ୍କ ଗହଣରେ ସେଠାରେ ସେ ଆଦର୍ଶ ବିଦ୍ୟାଳୟ ଚଳାଇବାରେ ସହଭାଗୀ ହୋଇଥିଲେ। ୧୯୧୨ରେ ଅସହଯୋଗ ଆନ୍ଦୋଳନ ଆରମ୍ଭ ହେଲା। ଗୋପବନ୍ଧୁ ଆନ୍ଦୋଳନରେ ଯୋଗ ଦେବାରୁ ସରକାର ସତ୍ୟବାଦୀ ଜାତୀୟ ବିଦ୍ୟାଳୟକୁ ବନ୍ଦ କରିଦେଲେ। ତଥାପି ହରିହର ଶିକ୍ଷାଦାନର ସୁଯୋଗ ସବୁବେଳେ ଖୋଜୁଥାନ୍ତି। ୧୯୩୦ରେ ହଜାରୀବାଗ ଜେଲ୍ ଭିତରେ ବନ୍ଦୀମାନଙ୍କୁ ପଢ଼ାଇବାର ଦାୟିତ୍ୱ ହରିହରଙ୍କ ଉପରେ ଥିଲା। ଭାରତଛାଡ ଆନ୍ଦୋଳନରେ ଯୋଗଦେଇ ସେ ୧୯୪୨ ମସିହା ଅଗଷ୍ଟ ମାସରେ ବ୍ରହ୍ମପୁର ଜେଲ୍‌ରେ ଅଟକବନ୍ଦୀ ହେଲେ। ଦୁଇବର୍ଷକାଳ ପ୍ରତିଦିନ ଜଗନ୍ନାଥ ଦାସ, ଲୋକନାଥ ମିଶ୍ର, ଗୋପବନ୍ଧୁ ଚୌଧୁରୀ ଓ ଭାଗୀରଥି ମହାପାତ୍ରଙ୍କ ମେଳରେ ବସି ହରିହର ଗୀତା ଓ ଉପନିଷଦ ପଢ଼ାନ୍ତି। ସେହିଠାରେ ସମସ୍ୱର ଶ୍ରୀମଦ୍ ଭାଗବତ ଗୀତା ରଚିତ ହୋଇଥିଲା। ମହାତ୍ମା ଗାନ୍ଧୀଙ୍କ ଡାକରାରେ ନୂତନ ଶିକ୍ଷାର ପ୍ରବର୍ତ୍ତନ ପାଇଁ ଉତ୍କଳ ମୌଳିକ ଶିକ୍ଷା ପରିଷଦ ଗଠନ କରାଗଲା। ଏହି ପରିଷଦର ସଭାପତି ଥିଲେ ଆଚାର୍ଯ୍ୟ ହରିହର।

୧୯୩୦ ମସିହାର ଆଇନ ଅମାନ୍ୟ ଆନ୍ଦୋଳନର ଦାୟିତ୍ୱ ନେଲେ ଗୋପବନ୍ଧୁ ଚୌଧୁରୀ ଓ ଆଚାର୍ଯ୍ୟ ହରିହର। ଲବଣ ସତ୍ୟାଗ୍ରହ ଦଳ ସେହି ବର୍ଷ ଏପ୍ରିଲ ଛଅ ତାରିଖ ଦିନ କଟକଠାରୁ ବାଲେଶ୍ୱରର ଇଞ୍ଚୁଡି ଅଭିମୁଖେ ବାହାରିଲେ। ପ୍ରଥମେ ଗୋପବନ୍ଧୁ ଚୌଧୁରୀଙ୍କୁ ଗିରଫ କରିନିଆଗଲା। ଏପ୍ରିଲ ୧୩ ତାରିଖରେ ଲବଣ ଆଇନ୍ ଅମାନ୍ୟ କରିବାକୁ ଯାଇ ହରିହର ଗିରଫ ହେଲେ ଓ ହଜାରୀବାଗ ଜେଲରେ ରହିଲେ। ୧୯୩୧ରେ ହରିହର ଜେଲରେ ଥାଆନ୍ତି। ଗାନ୍ଧୀଜୀଙ୍କର ହରିଜନ ପଦଯାତ୍ରା ପୁରୀରୁ ଆରମ୍ଭ ହେଲା। ଯାତ୍ରାର ଶେଷବେଳକୁ ହରିହର ଜେଲରୁ ମୁକ୍ତିପାଇ ଗାନ୍ଧୀଜୀଙ୍କୁ ଦେଖାକଲେ। ୧୯୪୨ ମସିହାରେ "ଭାରତ ଛାଡ" ଆନ୍ଦୋଳନରେ ହରିହର ଯୋଗଦେଇ ଦୁଇବର୍ଷରୁ ଅଧିକ କାଳ ଜେଲରେ ରହି ୧୯୪୪ ଶେଷଭାଗରେ ଜେଲରୁ ମୁକ୍ତ ହେଲେ।

ହରିହର ଦୁଇଥର ବିବାହ କରିଥିଲେ ମଧ ତାଙ୍କ ଦୁଇଟି ସ୍ତ୍ରୀଙ୍କର ଅକାଳ ମୃତ୍ୟୁ ଘଟିଥିଲା। ଯୁବକ ଅବସ୍ଥାରୁ ସଂସାରିକ ସୁଖରୁ ମନକୁ ଫେରାଇନେଇ ସମାଜର ସେବାକୁ ଆଦରି ନେଇଥିଲେ। ଓଡ଼ିଶାର ନାରୀ ଜାଗରଣ ସମୟରେ ସେ ନାରୀ ମାନଙ୍କ ଭିତରେ ମାତା, ଭଗିନୀ ବା କନ୍ୟାର ରୂପହିଁ ଦେଖିଛନ୍ତି। ୪୫ ବର୍ଷ ବୟସ ବେଳେ ୧୯୨୪ରେ ସେ ପୁରୀ ବିଧବାଶ୍ରମର ପରିଚାଳନା ଦାୟିତ୍ୱ ନେଇଥିଲେ। ହରିଜନ ଆନ୍ଦୋଳନର ନେତୃତ୍ୱ ଓଡ଼ିଶାରେ ହିଁ ହରିହର ନେଇଥିଲେ। ଅସ୍ପୃଶ୍ୟମାନଙ୍କୁ ଆପଣାର କରିନେଇଥିଲେ ହରିହର। ଜଣେ ଅସ୍ପୃଶ୍ୟ ଅନାଥ ଶବକୁ ଦାହ କରିଥିବାରୁ, ବ୍ରାହ୍ମଣମାନେ ହରିହରଙ୍କୁ ଜାତିରୁ ଅଟକ କରିବାପାଇଁ ଆଗଭର ହେଲେ। ଜଣେ ପଣ୍ଡିତ ମନୁ ସଂହିତାରୁ ଶୋଲ୍କ ପଢ଼ି ବୁଝାଇଦେଲେ ଯେ ଅନାଥର ଶବସତ୍କାର କଲେ ଅଶ୍ୱମେଧ ଯଜ୍ଞର ଫଳ ମିଳେ। ହରିଜନ ସେବା କରୁଥିବା ଜୟନ୍ତୀ କମିଟି ତରଫରୁ ଆଚାର୍ଯ୍ୟ ହରିହରଙ୍କୁ ୫ ହଜାର ଟଙ୍କା ଓ ମାନପତ୍ର ଦେବାର କଥା ଉଠିଲା। ହରିହର ଗରିବ ହରିଜନଙ୍କୁ ସେବା ପାଇଁ ଟଙ୍କା ନେବାକୁ ରାଜିହେଲେ। କିନ୍ତୁ ଅଭିନନ୍ଦନ ଗ୍ରନ୍ଥ ନେବାକୁ ଅରାଜି ହେଲେ। ଉତ୍କଳ ବିଶ୍ୱବିଦ୍ୟାଳୟର ଡକ୍ଟରେଟ୍, ଉପାଧି ଗହଣ କରିବାକୁ ଅସ୍ୱୀକାର କରିଦେଇଥିବା ମଣିଷଟିଏ ଗରିବର ସେବା ପାଇଁ ଅଭିନନ୍ଦନର ଗ୍ରନ୍ଥଟିକୁ ଗ୍ରହଣକଲେ।

ଓଡ଼ିଶାର ସ୍ୱାଧୀନତା ଆନ୍ଦୋଳନର ପ୍ରକୃତ ଚିତ୍ର ଯେତେବେଳେ ମନ ମଧ୍ୟକୁ ଆସେ, ଆଚାର୍ଯ୍ୟ ହରିହରଙ୍କର ଦେଶପ୍ରତି ମୂଲ୍ୟବାନ ଦାନ, ମହାନ୍ ସଂଗ୍ରାମ ପ୍ରତି କିଭଳି ରହିଛି ତାହାର ଉଲ୍ଲେଖ ବିଶେଷ ଭାବରେ ଦେଖାଯାଏ।







୧୯୨୮ରେ ଗୋପବନ୍ଧୁଙ୍କର ଦେହାନ୍ତ ଓ ୧୯୪୮ରେ ଗାନ୍ଧୀ ଗୁଳି ଚୋଟରେ ଟଳି ପଡିବାର ଦାରୁଣ ଦୁଃଖନ୍ତକ ଘଟଣା ତାଙ୍କ ମନରୁ ସମସ୍ତ ଆନନ୍ଦ ନେଇଯାଇଥିଲା। ସେହିଦିନଠାରୁ ସବୁ କାମ ଚାଲେ ସତ, କିନ୍ତୁ ମନରେ ଆନନ୍ଦ ନଥାଏ। ବିନୋବାଜୀଙ୍କ ଭୂଦାନ ଆନ୍ଦେଳନରେ ଯୋଗଦେଇ ମନପ୍ରାଣଦେଇ କାର୍ଯ୍ୟ ଆରମ୍ଭ କଲେ। ୧୯୫୪ ମସିହାବେଳକୁ ଜଣାପଡିଲା ଯେ ସେ ଦୃଷ୍ଟିଶକ୍ତି ହରାଇବସିଲେଣି। ଫକୀର ମିଶ୍ରଙ୍କ ସାହାର୍ଯ୍ୟରେ ହରିହର ଚଳପ୍ରଚଳ କରୁଥାଆନ୍ତି। ୧୯୫୮ ଏପ୍ରିଲ ୨୯ ତାରିଖରେ ଗୋପବନ୍ଧୁ ଚୌଧୁରୀ ସଂସାର ଛାଡି ଚାଲିଗଲେ। ଆଚାର୍ଯ୍ୟ ହରିହରଙ୍କ ଉପରେ ପଡ଼ିଲା ଶକ୍ତ ଧକ୍‌କା। ସେ ଏକାବେଳକେ ତଟସ୍ଥ ହୋଇଗଲେ। ସଂପୂର୍ଣ୍ଣରୂପେ ଭାଙ୍ଗି ପଡିଲା ପୂର୍ବରୁ ତାଙ୍କର ମନେପଡିଗଲା ରମାଦେବୀଙ୍କ କଥା। ମନର କୋହକୁ ଚାପି ଅଶୀ ବର୍ଷର ବୃଦ୍ଧ ଉପରକୁ ଦେଖାଇଥିଲେ ଅନେକ ସାହାସ। ଗୋପବାବୁଙ୍କ ଭୂଦାନ ଆନ୍ଦୋଳନର ଦାୟିତ୍ୱ ନେଲେ ହରିହର।

୧୯୬୨ରୁ ୧୯୬୮ ପର୍ଯ୍ୟନ୍ତ ପୁରୀ ଗୋପବନ୍ଧୁ ଭବନରେ ଆଚାର୍ଯ୍ୟ ହରିହର ରହିଲେ। ସେତେବେଳକୁ ତାଙ୍କର ବଳ କମି ଆସିଲାଣି ସତ ତଥାପି ମନର ବଳରେ ମଝିରେ ମଝିରେ ବୁଲି ଯାଇ କର୍ମୀମାନଙ୍କୁ ପ୍ରେରଣା ଦେଇଥାନ୍ତି। ମାତ୍ରାଧିକ ବୟସ ଯୋଗୁଁ ସେ ଅନେକ କଥା ଭୁଲି ଯାଉଛନ୍ତି। ଅନେକ ସମୟରେ ଡାକ୍ତରମାନଙ୍କର ପରାମର୍ଶ ଲୋଡା ପଡୁଛି। ତାଙ୍କର ଦେହ ଖରାପ ରହିବାରୁ ତାଙ୍କୁ କଟକ ଥୋରିଆସାହିର ଭୂଦାନ ଅଫିସକୁ ଆଣି ରହିବାର ବ୍ୟବସ୍ଥା କରାଗଲା। ୧୯୭୧ ଫେବ୍ରୁଆରୀ ୨୧ ତାରିଖ ରବିବାର ଛଅଟା ପଚାଶ ମିନିଟ୍‌ରେ ଆଚାର୍ଯ୍ୟ ହରିହର ଦାସ ଚିରଦିନ ପାଇଁ ଆଖି ବୁଜିଦେଲେ।

କ୍ରମେ ଲୋକ ଗହଳି ହୋଇଉଠିଲା ଥୋରିଆ ସାହିର ଭୂଦାନ ଅଫିସ୍। ହଠାତ୍ ତୀର୍ଥ ପାଲଟିଗଲା। ସତ୍ୟର ପୂଜାରୀ, ଦୁଃସ୍ଥ, ନିସ୍ପେଷିତ, ଦରିଦ୍ର ଓ ଆର୍ତରବନ୍ଧୁ। ଓଡିଶାର ଶିକ୍ଷା, ସଂସ୍କାର ଓ ସ୍ୱାଧୀନତା ଆନ୍ଦୋଳନର ଅଗ୍ରଦୂତ, ପଂଚସାଖାଙ୍କ ମଧ୍ୟରୁ ଶେଷସଖା ମରି ବି ଅମର ରହିଗଲେ ଆମ ପାଖରେ।

*ପାରାଦୀପ ଗଡ଼, କୁଜଙ୍ଗ, ଜଗତ୍‌ସିଂହପୁର*
*ଦୂରଭାଷ: ୯୯୩୭୬୯୧୪୭୫*

# ସମନ୍ୱିତ ଶିଶୁ ସୁରକ୍ଷା ଶିବିର




**ଖୋରଧା :** ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ଆନୁକୁଲ୍ୟରେ ଦିନିକିଆ ସମନ୍ୱିତ ଶିଶୁ ସୁରକ୍ଷା ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଖୋର୍ଦ୍ଧା, ପଞ୍ଚାୟତ ସମିତି ସଭା ଗୃହ ପରିସରରେ ଆୟୋଜିତ ଏହି ଶିବିରରେ ଖୋର୍ଦ୍ଧା ଏବଂ ଟାଙ୍ଗୀ ବ୍ଲକ୍‌ର ସରପଞ୍ଚମାନେ ଉପସ୍ଥିତ ଥିଲେ। ଏହି ଶିବିରକୁ ଖୋର୍ଦ୍ଧା ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରିଣୀ ବାଣିଶ୍ରୀ ପଟ୍ଟନାୟକ ଆନୁଷ୍ଠାନିକ ଭାବରେ ଉଦ୍‌ଘାଟନ କରିଥିବା ବେଳେ ଶିଶୁ ମଙ୍ଗଳ କମିଟିର ସଭ୍ୟ ଡ଼କ୍ଟର ଏନ.ଟୁନା ସାହୁ ଏବଂ ତାଲିମ ଦାତ୍ରୀ ଭାବରେ ରାଜ୍ୟ ମହିଳା କମିଶନର ସଦସ୍ୟା ସ୍ନେହାଞ୍ଜଳି ମହାନ୍ତି ପ୍ରମୁଖ ଯୋଗ ଦେଇ ଶିଶୁ ଅଧିକାର, ଶିଶୁ ସୁରକ୍ଷା ଓ ପଞ୍ଚାୟତସ୍ତରୀୟ ଶିଶୁ ସୁରକ୍ଷା କମିଟି ଏବଂ ସରପଞ୍ଚଙ୍କର କାର୍ଯ୍ୟ ଓ ଦାୟିତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଶିବିରରେ ଟାଙ୍ଗୀଆପଡ଼ା, ମଲ୍ଲୀପୁର, ହଳଦିଆ, ପୁବୁସାହି, କୁରାଢମଲ୍ଲ ଗ୍ରାମପଞ୍ଚାୟତର ସରପଞ୍ଚମାନେ ଅଂଶ ଗ୍ରହଣ କରିଥିବା ବେଳେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍‌ର ସାମାଜିକ କର୍ମୀ ରଂଜନ କୁମାର ଗୋଛାୟତ ଏବଂ ରୀତାଞ୍ଜଳି ମହାନ୍ତି ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# 'ମୋତେ ରୋଜଗାର ଦିଅ' ଦାବିରେ ଗଣଧାରଣା

**ବାରିପଦା :** ଭଞ୍ଜସେନା ପକ୍ଷରୁ ମୟୂରଭଞ୍ଜ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସରକାର ମୋତେ ରୋଜଗାର ଦିଅ ଦାବିରେ ଗଣଧାରଣା ଓ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ସେନାର ଜିଲ୍ଲା ସଭାପତି ପିଣ୍ଟୁ ମାଇତିଙ୍କ ନେତୃତ୍ୱରେ ଶତାଧିକ କର୍ମକର୍ତ୍ତା, ସଦସ୍ୟ ଓ ସମର୍ଥକମାନେ ଏକ ଶୋଭା ଯାତ୍ରାରେ ସରକାର ମୋତେ ରୋଜଗାର ଦିଅ ନାରା ଦେଇ ସହର ପରିକ୍ରମା କରିବା ପରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଉପସ୍ଥିତ ହୋଇଥିଲେ । ଏହାପରେ ଆୟୋଜିତ କାର୍ଯ୍ୟକ୍ରମରେ ସେନାର ଜିଲ୍ଲା ସଭାପତି ଶ୍ରୀମାଇତି ଶିମିଳିପାଳ ଅଭୟାରଣ୍ୟର ସୁରକ୍ଷା ସହ ଜିଲ୍ଲାରେ ଥିବା ସମସ୍ତ ପର୍ଯ୍ୟଟନ ସ୍ଥଳୀର ବିକାଶ, ବନ୍ୟ ଜାତ ଦ୍ରବ୍ୟର ଉଚିତ ବ୍ୟବସାୟୀକରଣ କରାଇ ବେକାରୀ ମୁକ୍ତ ମୟୂରଭଞ୍ଜ ଗଠନ ଦାବି ଉପସ୍ଥାପନ କରାଇଥିଲେ। ଏଥିସହିତ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ମୟୂରଭଞ୍ଜ ଜିଲ୍ଲାପ୍ରତି ରହିଥିବା ବୈମାତୃକ ମନୋଭାବକୁ ତୀବ୍ର ସମାଲୋଚନା କରିଥିଲେ । ୨୦୧୯ରେ ମୁଖ୍ୟମନ୍ତ୍ରୀ ନବୀନ ତାଙ୍କର ପଞ୍ଚମ ପାଳି ଆରମ୍ଭ କରିଛନ୍ତି । ମାତ୍ର ତାଙ୍କର ଶାସନରେ ଜିଲ୍ଲାରେ



ଶିଳ୍ପ ପ୍ରତିଷ୍ଠା କରାଇବା ଦୂରର କଥା ଅତୀତରେ କଂଗ୍ରେସ ସରକାରଙ୍କ ସମୟରେ ପ୍ରତିଷ୍ଠା କରାଯାଇଥିବା କାରଖାନାକୁ ନିଜର ପରିଚାଳନାଗତ ଅପାରଗତା କାରଣରୁ ତାଲା ଝୁଲାଇ ଦେଲେ । ଆଜି ଜିଲ୍ଲାରେ ବେକାରୀ ସମସ୍ୟା ଉତ୍କଟ ରୂପ ଧାରଣ କରିଛି । ଜିଲ୍ଲାରେ କାଗଜ କଳ ପ୍ରତିଷ୍ଠା ନିମନ୍ତେ ଆବଶ୍ୟକ ପରିମାଣର କଞ୍ଚାମାଲ ଗଚ୍ଛିତ ରହିଥିବାରୁ ସେନା ବିଭିନ୍ନ ସମୟରେ ଏଥି ନିମନ୍ତେ ଦାବି ଉପସ୍ଥାପନ କରିଆସୁଥିଲେ ମଧ୍ୟ ସରକାର ଏଦିଗରେ କୌଣସି ପଦକ୍ଷେପ ଗ୍ରହଣ ନ କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବିଷୟ । ସେହିପରି ମୟୂରଭଞ୍ଜ ଜିଲ୍ଲା ପ୍ରାକୃତିକ ସୌନ୍ଦର୍ଯ୍ୟର ଗନ୍ତାଘର ହୋଇଥିବା ବେଳେ ସରକାର ପର୍ଯ୍ୟଟନ ଶିଳ୍ପର ବିକାଶ କରାଇ ପାରିଲେ ଜିଲ୍ଲାବାସୀଙ୍କ ଆର୍ଥିକ ମାରୁଦଣ୍ଡ ସୁଦୃଢ଼ ହୋଇପାରିବ । କିନ୍ତୁ ରାଜ୍ୟ ସରକାର ମୟୂରଭଞ୍ଜ ଜିଲ୍ଲା ପ୍ରତି ବୈମାତୃକ ମନୋଭାବ ପୋଷଣ ଫଳରେ ଜିଲ୍ଲାରେ ହଜାର ହଜାର ଶିକ୍ଷିତ ଯୁବକ ଯୁବତୀ ବେରୋଜଗାର ହୋଇ ଘୁରିବୁଲୁଛନ୍ତି । ସେହିପରି କେନ୍ଦ୍ର ସରକାର ନବ ଓଡ଼ିଶା ନିର୍ମାଣର ବିକାଶର ସୂର୍ଯ୍ୟୋଦର ମୟୂରଭଞ୍ଜ ଜିଲ୍ଲାରୁ ଆରମ୍ଭ ହେବାର ପ୍ରତିଶ୍ରୁତି ସହ ଡ଼ବଲ ଇଞ୍ଜିନ ନାରା ଦେଇ ୨୦୧୯ ନିର୍ବାଚନରେ ଅବତୀର୍ଣ୍ଣ ହୋଇଥିଲେ । ମୟୂରଭଞ୍ଜବାସୀ ବିଜେପିକୁ ଡ଼ବଲ ସ୍ଥାନରେ ଟ୍ରିପିଲ ଇଞ୍ଜନ ଦେଇଛନ୍ତି । ୫୬ ଜିଲ୍ଲାପରିଷଦ ଅସନ ମଧ୍ୟରୁ ବିଜେପି ୪୮ ଆସନରେ ଜିତି ଥିବା ବେଳେ ଜିଲ୍ଲାର ୯ ବିଧାନସଭା ଆସନରୁ ୬ ଓ ମୟୂରଭଞ୍ଜ ଲୋକସଭା ଆସନକୁ ମଧ୍ୟ ଦଖଲ କରିଛି । ମାତ୍ର ଜିଲ୍ଲାରେ ବିକାଶର ଛାପ ଦେଖିବାକୁ ମିଳୁ ନାହିଁ କିମ୍ବା ନିର୍ବାଚିତ ବିଧାୟକ, ସାଂସଦମାନେ ଜିଲ୍ଲାର ସାମଗ୍ରିକ ବିକାଶ ନିମନ୍ତେ ଉଭୟ ବିଧାନସଭା ଓ ଲୋକସଭାରେ ଦାବି ଉପସ୍ଥାପନ କରାଇବା କ୍ଷେତ୍ରରେ ସମ୍ପୂର୍ଣ୍ଣ ଭାବେ ବିଫଳ ହୋଇଛନ୍ତି।

ତେଣୁ ମୟୂରଭଞ୍ଜ ଜିଲ୍ଲାର ହକ ଓ ସ୍ୱାଭିମାନ ନିମନ୍ତେ ସଦାସର୍ବଦା ସଂଗ୍ରାମ ଚଳାଇ ଆସୁଥିବା ଭଞ୍ଜସେନା ଆଜି ଆନ୍ଦୋଳନକୁ ଉହ୍ଲାଇ ଆସିବାକୁ ବାଧ୍ୟ ହୋଇଛି। ଯଦି କେନ୍ଦ୍ର ଓ ରାଜ୍ୟ ସରକାର ଚଳିତ ବଜେଟ ଅଧିବେଶନରେ ମୟୂରଭଞ୍ଜ ଜିଲ୍ଲାର ସାମଗ୍ରିକ ବିକାଶ ସହ ବେକାରୀ ସମସ୍ୟା ଦୂର କରାଇବା ନିମନ୍ତେ ସ୍ୱତନ୍ତ୍ର ପ୍ୟାକେଜର ବ୍ୟବସ୍ଥା ନ କଲେ ଆଗାମୀ ଦିନରେ ସେନା ତାର ଆନ୍ଦୋଳନକୁ ଅଧିକ ତୀବ୍ର କରାଇ ରାଜ୍ୟ ସରକାରଙ୍କ ଶାସନକଳ ଓ କେନ୍ଦ୍ର ସରକାରଙ୍କ ୫୬ ଇଞ୍ଚ ଛାତିକୁ ଦୋହଲାଇ ଦେବ। ମୟୂରଭଞ୍ଜ ଜିଲ୍ଲାରେ ଉଭୟ ସରକାରଙ୍କୁ ବିରୋଧ କରାଯିବା ସାଙ୍ଗକୁ ଜିଲ୍ଲା ମଧ୍ୟରେ ପ୍ରବେଶ କରାଇ ଦେବେ ନାହିଁ ବୋଲି ବକ୍ତାମାନେ ମତ ବକ୍ତ କରିଥିଲେ ।




ଖୋର୍ଦ୍ଧା : ବେଗୁନିଆ ବ୍ଲକ ଅନ୍ତର୍ଗତ କଣ୍ଟାବାଡ ନିଳକଣ୍ଠ ସରକାରୀ ଉଚ୍ଚବିଦ୍ୟାଳୟର ନୂତନ ଶ୍ରେଣୀ ଗୃହ ଲୋକାର୍ପଣ ଓ ୫୫ତମ ବାର୍ଷିକ ଉତ୍ସବ ଅବସରରେ କଣ୍ଟାବାଡ ଗ୍ରାମ ପଞ୍ଚାୟତର ସମିତି ସଭ୍ୟ ସୁବାଷ ଚନ୍ଦ୍ର ମହାନ୍ତିଙ୍କୁ ଉତ୍ତମ ସମିତି ସଭ୍ୟ ଭାବେ ମାନପତ୍ର ଓ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରୁଛନ୍ତି ରାଜ୍ୟପାଳ ପ୍ରଫେସର ଗଣେଶୀଲାଲ। ଏଥିରେ ସ୍ଥାନୀୟ ବିଧାୟକ ରାଜେନ୍ଦ୍ର କୁମାର ସାହୁ ଉପସ୍ଥିତ ରହିଥିଲେ।

### ଭିତ୍ତିଭୂମି ଅଭାବରୁ ଆସୁନାହାନ୍ତି ବିଦେଶୀ ପର୍ଯ୍ୟଟକ

# ଉଷାକୋଠି : ତିନି ବର୍ଷରେ ଚାରି ଜଣ

**ସମ୍ବଲପୁର, (ଦାମୋଦର ପଣ୍ଡା) :** ସମ୍ବଲପୁର ଜିଲ୍ଲାର ପର୍ଯ୍ୟଟନ ସ୍ଥଳୀର ବିକାଶ ପାଇଁ ପର୍ଯ୍ୟଟନ ବିଭାଗ ଆଦୌ ଦୃଷ୍ଟି ଦେଉନଥିବାର ଅଭିଯୋଗ ହୋଇ ଆସିଛି। ୧୯୬୨ ମସିହାରୁ ଏକ ଅଭୟାରଣ୍ୟର ମାନ୍ୟତା ପାଇଥିବା ଉଷାକୋଠିକୁ ଗତ ୩ ବର୍ଷରେ କେବଳ ୪ଜଣ ବିଦେଶୀ ପର୍ଯ୍ୟଟକ ଆସିଥିବା ଏକ ବିରଳ ଉଦାହରଣ। ସମ୍ବଲପୁର ସହର ଠାରୁ ମାତ୍ର ୪୦ କିମି ଦୂରରେ ଥିବା ପ୍ରାୟ ୩୦୦ ବର୍ଗ କିଲୋମିଟର ପରିବ୍ୟାପ୍ତ ବଡରମାପାହାଡ ବାମରା ବନ୍ୟ ପ୍ରାଣୀ ଡିଭିଜନ ଅଧିନରେ ରହିଛି। ଏହି ଘଞ୍ଚ ବନାନୀରେ ମୃଗ, ଭାଲୁ, ବଣ୍ଟକାପ୍ତା, ଗୟଳ, ସମ୍ବର ସହ ଏକ ସ୍ୱତନ୍ତ୍ର ପ୍ରଜାତିର ଉଡନ୍ତା ଗୁଣ୍ଡୁଚି ରହୁଥିବାର ବିଭାଗୀୟ ସୂତ୍ରରୁ ପ୍ରକାଶ। ଜାତୀୟ ରାଜପଥ ଉପରେ ଥିଲେ ମଧ୍ୟ ଯେତିକି ସଂଖ୍ୟାରେ ପର୍ଯ୍ୟଟକ ଆସିବା କଥା, ଆସୁନାହାନ୍ତି ବରଂ କିଛି ବର୍ଷର ତଥ୍ୟକୁ ଦେଖିଲେ ପର୍ଯ୍ୟଟକଙ୍କ



ସଂଖ୍ୟା ହ୍ରାସ ବନ ବିଭାଗ ଓ ପର୍ଯ୍ୟଟନ ବିଭାଗ ପାଇଁ ନିରାଶାର କାରଣ ହୋଇଛି। ୨୦୧୭ ଓ ୨୦୧୮ ବର୍ଷରେ ଜଣେ ବି ବିଦେଶୀ ପର୍ଯ୍ୟଟକଙ୍କ ପାଦ ଉଷାକୋଠିରେ ପଡିନାହିଁ। ୨୦୧୯ରେ ମାତ୍ର ୪ଜଣ ବିଦେଶୀ ପର୍ଯ୍ୟଟକ ଏଠାକୁ ଆସିଥିଲେ।

ଅନ୍ୟପକ୍ଷରେ ଦେଶୀ ପର୍ଯ୍ୟଟକ ହିସାବକୁ ନେଲେ ୨୦୧୭ ମସିହାରେ ୩୭୧୦ ଜଣ, ୨୦୧୮ରେ ୪୪୪୫ ଜଣ ଓ ୨୦୧୯ରେ ୫୨୧୩ ଭାରତୀୟ ପର୍ଯ୍ୟଟକ ଉଷାକୋଠିକୁ ଆସିଛନ୍ତି। ଭାରତୀୟ ପର୍ଯ୍ୟଟକଙ୍କୁ ଆକର୍ଷିତ କରୁଥିବା ଏହି ପର୍ଯ୍ୟଟନ ସ୍ଥଳୀ ବିଦେଶୀ ପର୍ଯ୍ୟଟକଙ୍କୁ କାହିଁକି ଆକର୍ଷିତ କରିପାରୁନାହିଁ ତାହା ତର୍ଜମାର ବିଷୟ। ସମଲେଶ୍ୱରୀ ମନ୍ଦିର, ହୁମାବକ୍ର ମନ୍ଦିର, ହୀରାକୁଦ ବନ୍ଧ ଭଳି ଉଷାକୋଠିକୁ କ'ଣ କଲେ ବିଦେଶୀ ପର୍ଯ୍ୟଟକ ଆକୃଷ୍ଟ ହେବେ। ପ୍ରଶାସନ ବନ ବିଭାଗ ଓ ପର୍ଯ୍ୟଟନ ବିଭାଗ ପରୀକ୍ଷା ନିରୀକ୍ଷା କରୁଥିବାର ଜଣାଯାଇଛି। ସୂଚନାଯୋଗ୍ୟ ଯେ, ୧୯୬୨ ମସିହାରେ ଅଭୟାରଣ୍ୟ ଏବଂ ୧୯୭୩ ମସିହାରେ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ପାଇଥିଲେ ମଧ୍ୟ ଏହାର ଯେତିକି ବିକାଶ ହେବା କଥା ହୋଇପାରୁନାହିଁ। ବନ୍ୟଜନ୍ତୁଙ୍କ ସଂଖ୍ୟା ମଧ୍ୟ ଧୀରେ ଧୀରେ ହ୍ରାସ ପାଇବାରେ ଲାଗିଛି। ପୂର୍ବରୁ ଅଭୟାରଣ୍ୟ ପରିଦର୍ଶନ ପାଇଁ ଗାଡି ଓ ଗେଷ୍ଟ ହାଉସ ବ୍ୟବସ୍ଥାକୁ ବନ୍ଦ କରି ଦିଆଯାଇଥିବା ଅଭିଯୋଗ ହେଉଛି। ପର୍ଯ୍ୟଟନ ବିଭାଗ ଉଷାକୋଠିର ଭିତ୍ତିଭୂମି ବିକାଶ ପାଇଁ ଦାବି ହେଉଛି।

### ବନ୍ଧୁ ରଖିଲେ ବନ୍ଧୁଙ୍କ ନିମନ୍ତ୍ରଣ

# ରାଷ୍ଟ୍ରପତିଙ୍କୁ ଭେଟିଲେ ବୀରଭଦ୍ର ସିଂ

**ନୂଆଦିଲ୍ଲୀ :** ପୂର୍ବତନ ସାଂସଦ ତଥା ରାଷ୍ଟ୍ରପତିଙ୍କ ବନ୍ଧୁ ବୀରଭଦ୍ର ସିଂ ଗତ ୪ ତାରିଖରେ ରାଷ୍ଟ୍ରପତି ଭବନ ଯାଇ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କୁ ସାକ୍ଷାତ କରିଥିଲେ। ତାଙ୍କ ସହ ତାଙ୍କ ପରିବାର ମଧ୍ୟ ରାଷ୍ଟ୍ରପତି ଭବନ ଯାଇଥିଲେ। ଗୁରୁବାର ଲୋକସେବା ଭବନ ଆସିଥିବା ବେଳେ ଶ୍ରୀ ସିଂହ ରାଷ୍ଟ୍ରପତିଙ୍କୁ ଭେଟିବା ସମୟର ଅନୁଭୂତି ପ୍ରକାଶ କରିଥିଲେ। ରାଷ୍ଟ୍ରପତିଙ୍କ ସହ ମୟୂରଭଞ୍ଜର ବିକାଶ ନେଇ ଆଲୋଚନା ହେଲା ପୁରୁଣା ଦିନର ସ୍ମୃତି ବି ଆଲୋଚନା ହୋଇଥିଲା ବୋଲି ସେ କହିଥିଲେ। ଏହାସହ ମୟୂରଭଞ୍ଜ ଆସିବାକୁ ରାଷ୍ଟ୍ରପତିଙ୍କୁ ନିମନ୍ତ୍ରଣ ଦେଇଥିବା ମଧ୍ୟ କହିଥିଲେ। ସୂଚନାଯୋଗ୍ୟ ଯେ ବାଣୀବିହାର ଆଲୁମିନି ମିଟ୍ କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ମୁଖ୍ୟ ଅତିଥି ଭାବେ ଯୋଗ ଦେବା ଅବସରରେ ବୀରଭଦ୍ର ସିଂଙ୍କୁ ରାଷ୍ଟ୍ରପତି ଭବନ ଯିବା ଲାଗି ନିମନ୍ତ୍ରଣ କରିଥିଲେ।



# ମହଙ୍ଗା ଭତ୍ତା ୫% ବୃଦ୍ଧି

**ଭୁବନେଶ୍ୱର :** ରାଜ୍ୟ ସରକାର ଶୁକ୍ରବାର ୫% ମହଙ୍ଗା ଭତ୍ତା ବୃଦ୍ଧି କରିଛନ୍ତି। ଏହା ୨୦୨୦ ଜାନୁଆରୀ ପହିଲାରୁ ପିଛିଲା ଭାବେ ଲାଗୁ ହେବା ନେଇ ଘୋଷଣା କରିଛନ୍ତି। ସୂଚନାଥାଉ କି, ଗୁରୁବାର ରାଜ୍ୟ ସରକାର ସରକାରୀ କର୍ମଚାରୀ ସପ୍ତମ ବେତନ କମିଶନ ବକେୟା ୧୦% ଦରମା ପାଇବା ନେଇ ଘୋଷଣା କରିଥିଲେ। ପୂର୍ବରୁ ସରକାରୀ କର୍ମଚାରୀ ୪୦% ଏରିୟର ଟଙ୍କା ନେବା ସମୟରେ ରହିଥିବା ନିୟମ ଓ ସର୍ତ୍ତାବଳୀ ଅନୁଯାୟୀ ଏଥର ମଧ୍ୟ ସମାନ ନିୟମ ରହିବ। ଯେଉଁମାନେ ୪୦% ବକେୟା ଦରମା ପୂର୍ବରୁ ନେଇଥିବେ ସେହି କର୍ମଚାରୀମାନେ ହିଁ ବର୍ତ୍ତମାନ ଘୋଷଣା କରାଯାଇଥିବା ୧୦% ଅର୍ଥ ଉଠାଇପାରିବା କୁହାଯାଇଥିଲା। ଏହି ଘୋଷଣା ପରେ କର୍ମଚାରୀମାନେ ମହଙ୍ଗା ଭତ୍ତା ନ ମିଳିବା ନେଇ ଅସନ୍ତୁଷ୍ଟ ପ୍ରକାଶ କରିଥିଲେ। ଶେଷରେ ରାଜ୍ୟ ସରକାର ଭତ୍ତା ବୃଦ୍ଧି କରିଛନ୍ତି।



ପବିତ୍ର ମାଘମେଳା ଅବସରରେ ଖଣ୍ଡଗିରିରେ ଅନୁଷ୍ଠିତ ସାଧୁ ସମ୍ମିଳନୀ ଓ ଧର୍ମସଭାରେ ପ୍ରବଚକ ଭାବେ ଯୋଗ ଦେଇଥିଲେ ବରିଷ୍ଠ ଆଇନଜୀବୀ ଶୀଳଭଦ୍ର ଶାସ୍ତ୍ରୀ।

# ଜଳ ପର୍ଯ୍ୟଟନ ପାଇଁ ଓଡ଼ିଶାକୁ ବୈଷୟିକ ସହଯୋଗ ଦେବ କେରଳ

**ଭୁବନେଶ୍ୱର :** ଓଡ଼ିଶା ପର୍ଯ୍ୟଟନ ବିଭାଗ ରାଜ୍ୟରେ ଜଳ ପର୍ଯ୍ୟଟନର ବିକାଶ ପାଇଁ ଗୁରୁବାର କେରଳ ଜାହାଜ ଚଳାଚଳ ଏବଂ ଆଭ୍ୟନ୍ତରୀଣ ଜଳ ଯୋଗାଯୋଗ ନିଗମ ସହ ବୈଷୟିକ ସହଯୋଗ ସଂକ୍ରାନ୍ତ ବୁଝାମଣା ପତ୍ର ସ୍ୱାକ୍ଷର କରିଛି। ଏହି ଅବସରରେ ପର୍ଯ୍ୟଟନ ଓ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ପର୍ଯ୍ୟଟନ କ୍ଷେତ୍ରରେ ଥିବା ଭିତ୍ତିଭୂମିରେ ପରିବର୍ତ୍ତନ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ନିଆଯାଉଥିବା ୫ 'ଟି' କାର୍ଯ୍ୟକ୍ରମର ଏକ ଅଂଶବିଶେଷ ବୋଲି ପ୍ରକାଶ କରିଛନ୍ତି। ଏହି ବୁଝାମଣା ଅନୁଯାୟୀ ରାଜ୍ୟରେ ଜଳକ୍ରୀଡା ସହ ଆମୋଦପୂର୍ଣ୍ଣ ଜଳ ପର୍ଯ୍ୟଟନର ବିକାଶ କରାଯିବ। ଏଥିରେ ଏସିଆର ସର୍ବବୃହତ୍ ଲୁଣି ହ୍ରଦ ଚିଲିକା, ରାଜ୍ୟର ୪୮୨ କିମି ସୁଦୀର୍ଘ ଉପକୂଳ, ୮ଟି ବୃହତ୍ ଜଳଭଣ୍ଡାର ସହ ଅନେକ ସୌନ୍ଦର୍ଯ୍ୟ ବିମଣ୍ଡିତ ଜଳାଶୟଗୁଡ଼ିକରେ ଜଳକ୍ରୀଡା, ଆମୋଦପୂର୍ଣ୍ଣ କ୍ରୀଡା ସହ ହାଉସ୍ ବୋଟ୍ ଭଳି ପର୍ଯ୍ୟଟନଧର୍ମୀ କାର୍ଯ୍ୟକ୍ରମର ସମ୍ଭାବନା ରହିଛି। ଗତ ବର୍ଷ ଜୁଲାଇ ମାସରେ ପର୍ଯ୍ୟଟନ ବିଭାଗ ଦ୍ୱାରା ଜଳକ୍ରୀଡା ସଂଚାଳନ ଓ ନିବେଶକମାନଙ୍କୁ ନେଇ ଚିଲିକା, ଟାମ୍ପରା ହ୍ରଦ, ଭିତରକନିକା, ଗୋପାଳପୁର



ବେଳାଭୂମିରେ ଆୟୋଜନ କରାଯାଇଥିବା ଟ୍ରିପ୍ ପରେ ରାଜ୍ୟ ସରକାର ଏ କ୍ଷେତ୍ରରେ ଅନେକ ସିଙ୍ଗଲ ୱିଣ୍ଡୋ ପ୍ରସ୍ତାବ ପାଇଛନ୍ତି। ସେଥିରୁ ଟାମ୍ପରା, ଗୋପଳପୁର, ବରକୂଳ, ଚନ୍ଦ୍ରଭାଗା ଓ ନରାଜ ଭଳି ୫ଟି ଜଳକ୍ରୀଡା ପ୍ରକଳ୍ପ କାର୍ଯ୍ୟକାରୀ କରାଯାଇଛି। ବିଭାଗ ଚିଲିକାର କେତେକ ନିର୍ଦ୍ଧାରିତ ସ୍ଥାନରେ ରେଷ୍ଟୁରାଣ୍ଟ ଚଳାଇବା ନିମନ୍ତେ ଟେଣ୍ଡର ଆହ୍ୱାନ କରି ସାରିଛନ୍ତି। ଇତିମଧ୍ୟରେ ଓଡ଼ିଶା ତାର 'ଭାରତର ସର୍ବୋତ୍ତମ ଲୁପ୍ତ ଗୋପନୀୟତା' ବ୍ରାଣ୍ଡକୁ ଲୋକପ୍ରିୟ କରିସାରିଛି। ପର୍ଯ୍ୟଟକମାନଙ୍କ ମଧ୍ୟରେ ଉତ୍ସାହ ଓ ଆକର୍ଷଣକୁ ବଳବତ୍ତର ରଖିବା ପାଇଁ ଏ କ୍ଷେତ୍ରରେ ଅନେକ ନୂତନ ଓ ସୃଜନଶୀଳ କାର୍ଯ୍ୟକ୍ରମ ଗୁଡ଼ିକ ହାତକୁ ନେବାକୁ ହେବ। ଜଳକ୍ରୀଡା ବ୍ୟତୀତ ଚିଲିକା ଓ ଭିତରକନିକା ଓ ହୀରାକୁଦ ଜଳଭଣ୍ଡାର ହାଉସବୋଟ୍ ପ୍ରଚଳନ କରିବା ପାଇଁ ସିଦ୍ଧାନ୍ତ ନିଆଯାଇଛି। ଜଳକ୍ରୀଡା ମଧ୍ୟରେ ସୁନାମ ଅର୍ଜନ କରିଥିବା କେରଳ ରାଜ୍ୟ ଏ କ୍ଷେତ୍ରରେ ଏକ ଅଭିଜ୍ଞ ସହଯୋଗୀ ହୋଇପାରିବ ବୋଲି ବିଭାଗୀୟ ଶାସନସଚିବ ବିଶାଲ ଦେବ ପ୍ରକାଶ କରିଛନ୍ତି। କେରଳ ସିପିଂ ଏବଂ ଆଭ୍ୟନ୍ତରୀଣ ଜଳ ଯୋଗାଯୋଗ ନିଗମ ପକ୍ଷରୁ ପରିଚାଳନା ନିର୍ଦ୍ଦେଶକ ପ୍ରଶାନ୍ତ ନାୟାର ଓ ଓଡ଼ିଶା ସରକାରଙ୍କ ପକ୍ଷରୁ ପର୍ଯ୍ୟଟନ ନିର୍ଦ୍ଦେଶକ ସଚିନ ରାମଚନ୍ଦ୍ର ଯାଦବ ଏହି ବୁଝାମଣାପତ୍ର ସ୍ୱାକ୍ଷର କରିଥିଲେ। ଶ୍ରୀ ନାୟାର ଏହି ଉଦ୍ୟମ ଜଳକ୍ରୀଡାକୁ ରାଜ୍ୟରେ ବିକାଶ କରିବାରେ ଯଥେଷ୍ଟ ସହାୟକ ହେବ ବୋଲି କହିଥିଲେ। ରାଜ୍ୟ ପର୍ଯ୍ୟଟନ ବିଭାଗ କେତେକ ଜାତୀୟ ଜଳପଥ ଅଞ୍ଚଳର ଉପଯୁକ୍ତ ସ୍ଥାନରେ ନଦୀ ଜଳଯାତ୍ରା କରିବା ପାଇଁ ବ୍ୟବସ୍ଥା ହାତକୁ ନେଇଥିବାବେଳେ ଆଭ୍ୟନ୍ତରୀଣ ଜଳପଥ ପ୍ରାଧିକରଣ ଓ ଓଡ଼ିଶା ଆଭ୍ୟନ୍ତରୀଣ ଜଳ ପରିବହନ ବିଭାଗ ଏ ଦିଗରେ ସମ୍ଭାବ୍ୟ ଅନୁଧ୍ୟାନ କରିବାକୁ ଲକ୍ଷ୍ୟ ରଖିଛି। ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହେବା ସମୟରେ କେରଳ ସିପିଂ ଏବଂ ଆଭ୍ୟନ୍ତରୀଣ ଜଳ ଯୋଗାଯୋଗ ନିଗମର ବୈଷୟିକ ଟିମ୍‌ର ସଦସ୍ୟମାନେ ଉପସ୍ଥିତ ଥିଲେ। ଏମାନେ ଆଗାମି ଦିନରେ ବିଭିନ୍ନ ସ୍ଥାନ ବୁଲି ବ୍ୟାପକ ଅନୁଧ୍ୟାନ କରିବା ସହ ସରକାରଙ୍କୁ ତାଙ୍କର ପ୍ରାଥମିକ ରିପୋର୍ଟ ପ୍ରଦାନ କରିବାର କାର୍ଯ୍ୟକ୍ରମ ରହିଛି।

PLOT FOR SALE
MOUZA:BHOLA
N.H. Bye Pass (Old Trunk Road), Near ASBM College, Chandaka, Bhubaneswar, Odisha
Contact : 8658607286

PLOT FOR SALE
MOUZA : JUJHAGADA
(Back side of Nandankanan Zoo)
BHUBANESWAR
Contact : 865807286 / 8917571455

MOUZA : BEGUNIA BOREHI
(NEAR CV RAMAN COLLEGE)
TAMANDO - YELLOW ZONE
BHUBANESWAR
30ft Approch Road
Contact : 8658607286 / 8917571455

PLOT FOR SALE@BHUBANESWAR
Yellow Zone, 30ft wide Road
Mouza : Dakhina Mundamuhan
(Near CV Raman College)
100ft Proposed BDA Road
Contact Immediately
8658607286 / 8917571455

30ft Internal Road
Mouza : Pandiapada
Contact Immediately :
8658607286 / 8917571455

Printed, Published and Owned by **Rasmita Patra**, Published at Flat-003, Mahadev Orchid, Cosmopolis Road, Dumduma, Bhubaneswar-19, Dist- Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com

Chief Editor : **Bibhuti Bhusan Patra** Managing Editor : **Laxmipriya Dash** Editor : **Tarak Mohanty**

ମୁଖ୍ୟ ସମ୍ପାଦକ : ବିଭୁତି ଭୂଷଣ ପାତ୍ର ପରିଚାଳନା ସମ୍ପାଦିକା : ଲକ୍ଷ୍ମୀପ୍ରିୟା ଦାଶ ସମ୍ପାଦକ : ତାରକ ମହାନ୍ତି